୧୯ ବର୍ଷରୁ କମ୍ କ୍ରିକେଟ ଏସିଆ କପ୍-୨୦୨୫
୧୪ରେ ଭାରତ-ପାକିସ୍ତାନ ମହାମୁକାବିଲା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
E-mail : sambadkalikanews@gmail.com
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
• ବର୍ଷ–୩୨ • ସଂଖ୍ୟା–୩୧୪ • ୧୨ ଡିସେମ୍ବର ୨୦୨୫, ଶୁକ୍ରବାର • ଭୁବନେଶ୍ୱର • Vol -32 • Issue-314 • 12th December 2025, Friday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


### ୩ ବିଭାଗରେ ନିଯୁକ୍ତି ପାଇଲେ ୫୯୧ : ମୁଖ୍ୟମନ୍ତ୍ରୀ ଦେଲେ ପରାମର୍ଶ

## ଦୁର୍ନୀତିଠୁଁ ଦୂରରେ ରୁହ, ସରକାରଙ୍କ ଭାବମୂର୍ତ୍ତି ରକ୍ଷା କର




**ଭୁବନେଶ୍ୱର ,୧୧/୧୨**
**ନ୍ୟୁଜ ବ୍ୟୁରୋ**

ଆଜି (ଗୁରୁବାର) ଯିଏ ଯେଉଁ ପଦବୀରେ ବି ଅବସ୍ଥାପିତ ଥାଆନ୍ତୁ ନା କାହିଁକି, ସରକାରୀ ଚାକିରୀକୁ ସବୁବେଳେ ଜନସେବା ଭାବେ ମନେ କରିବେ। ସରକାରୀ ଚାକିରି ମିଳିଯିବା ପରେ କେବେହେଲେ କାର୍ଯ୍ୟରେ ଅବହେଳା କରିବେ ନାହିଁ ଓ ଦୁର୍ନୀତି ଠାରୁ ଲକ୍ଷେ କୋଷ ଦୂରରେ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ତ୍ରୟୋଦଶ ନିଯୁକ୍ତି ମେଳା-୨୦୨୫ ଅବସରରେ ନବନିଯୁକ୍ତମାନଙ୍କୁ ଉପଦେଶ ଦେଇ କହିଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ସୂଚନାଯୋଗ୍ୟଯେ, ଏହି ନିଯୁକ୍ତି ମେଳାରେ ଜଳ ସମ୍ପଦ ବିଭାଗର ୨୩୨ ଜଣ, ପୂର୍ତ୍ତ ବିଭାଗର ୧୯୭ ଜଣ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ୧୪୨ ଜଣ ସହାୟକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ୫ ଜଣ ଅର୍ଥ ଓ ହିସାବ ଅଧିକାରୀ ଏବଂ ୧୫ ଜଣ ଯୋଜନା ସହାୟକଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି। ଏହି ନିଯୁକ୍ତି ମେଳା ଜରିଆରେ ଆମେ ପ୍ରଥମ କରି ଗେଟ୍ ସ୍କୋର ଆଧାରରେ, ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚୟନ କରି, ତିନି ଗୋଟି ଇଞ୍ଜିନିୟରିଂ ବିଭାଗରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପଦବୀରେ ନିଯୁକ୍ତି ପ୍ରଦାନ କରାଯାଇଛି। ସମୁଦାୟ ୫୯୧ ଜଣଙ୍କୁ ନିଯୁକ୍ତି ଦିଆଯାଇଛି।

କୃଷି ଶିକ୍ଷା ସଦନ ଠାରେ ଉପସ୍ଥିତ ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଜୁନ୍ ମାସରୁ ଆଜି ଭିତରେ ଅର୍ଥାତ ୧୮ ମାସ ମଧ୍ୟରେ ୩୭ ହଜାର ୯୧୬ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଆଗାମୀ ଛ' ମାସ ମଧ୍ୟରେ ଆଉ ୩୦ ହଜାର ପଦବୀ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରହିଛି। ପାଞ୍ଚ ବର୍ଷରେ ଖାଲିଥିବା ସମସ୍ତ ଦେଢ ଲକ୍ଷ ପଦ ପୂରଣ କରିବା ସହ ଦୁଇ ବର୍ଷ ଭିତରେ ୬୫ ହଜାର ସରକାରୀ ପଦବୀ ପୂରଣ କରିବା ପାଇଁ ଆମ ସରକାର ପ୍ରତିଶୃତି ଦେଇଥିଲେ । ତେଣୁ ଆପଣମାନେ ସମସ୍ତେ ଦୁର୍ନୀତିରୁ ଉର୍ଦ୍ଧ୍ୱରେ ରହି ସରକାରଙ୍କର ସମସ୍ତ ଜନ କଲ୍ୟାଣକାରୀ କାର୍ଯ୍ୟର ସଫଳ ରୂପାୟନ ପାଇଁ ଦୃଢ ପ୍ରତିବଦ୍ଧ ହୋଇପାରିଲେ ସମାଜ ତଥା ରାଜ୍ୟ ବିକଶିତ ହୋଇପାରିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ମାଧ୍ୟମରେ ପ୍ରଚଳିତ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆପଣମାନେ ସରକାରଙ୍କ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକୁ ସଫଳତାର ସହ ନିର୍ବାହ କରି ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇଦେବାରେ ନିଜର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିବେ। ପୌର ସଂସ୍ଥାରେ ସୁସଂଗଠିତ ଯୋଜନା, ସୁଚିନ୍ତିତ ବିକାଶ ଓ ପ୍ରଶାସନିକ କାର୍ଯ୍ୟକଳାପରେ ଯୋଜନା ସହାୟକ ମାନଙ୍କର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିସହିତ ପୌର ସଂସ୍ଥା ଗୁଡିକରେ ଅର୍ଥ ଓ ହିସାବ ଅଧିକାରୀ ପୌର ସଂସ୍ଥାରେ ଆର୍ଥିକ ବ୍ୟବସ୍ଥା ସୁପରିଚାଳନା କରିବାର ଦାୟିତ୍ୱ ନିର୍ବାହ କରିବେ ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆଗାମୀ ଦିନରେ ଓଡ଼ିଶାରେ ଭିତ୍ତିଭୂମି ନିର୍ମାଣରେ ଏକ *(ପୃଷ୍ଠା ୭ରେ)*

## ଖାତକୁ ଖସିପଡ଼ିଲା ଡମ୍ଫର : ୨୨ ଶ୍ରମିକ ମୃତ



**ତିନସୁକିୟା (ଆସାମ), ୧୧/୧୨**

ଅରୁଣାଚଳ ପ୍ରଦେଶର ଆଞ୍ଜାବ ଜିଲ୍ଲାରେ ହୋଇଥିବା ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଆସାମର ୨୨ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏକ ଡମ୍ଫର ଭାରସାମ୍ୟ ହରାଇ ପାହାଡ଼ିଆ ସଡ଼କରୁ ଗଭୀର ଖାଇରେ ପଡ଼ିଯାଇ ଏହି ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା।

ପ୍ରାରମ୍ଭିକ ସୂଚନା ଅନୁଯାୟୀ ଡମ୍ଫର ଶ୍ରମିକଙ୍କୁ ନେଇ କାର୍ଯ୍ୟସ୍ଥଳ ଆଡ଼କୁ ଯାଉଥିଲା ସେତେବେଳେ ଅଚାନକ ଚାଳକ ନିୟନ୍ତ୍ରଣ ହରାଇବା ଫଳରେ ଡମ୍ଫରଟି ସିଧା ଖାଇରେ ଯାଇ ପଡ଼ିଥିଲା। ଏଥିରେ ୧୯ ଶ୍ରମିକଙ୍କ ତିନସୁକିୟାର ଗେଲାପୁଖୁରୀ ଚା' ବଗିଚା ଏବଂ ଅନ୍ୟ ଆଖପାଖରୁ ଅରୁଣାଞ୍ଚଳ ପ୍ରଦେଶରେ କାମ ପାଇଁ ଯାଇଥିଲେ।

ଘଟଣାର ସୂଚନା ମିଳିବା ପରେ ଉଦ୍ଧାର ଏବଂ ଥଇଥାନ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲା। ଏପର୍ଯ୍ୟନ୍ତ ୧୩ ମୃତକଙ୍କ ଶବ ଉଦ୍ଧାର କରାଯାଇଥିବାବେଳେ ଅବଶିଷ୍ଟଙ୍କ ଶବ ଉଦ୍ଧାର ପାଇଁ ତଲାସୀ ଅଭିଯାନ ଜାରି ରହିଛି।

ମୃତକଙ୍କ ପରିଚୟ ବୁଧେଶ୍ୱର ଦୀପ, ରାହୁଲ କୁମାର, ସମୀର ଦୀପ, ଜନ୍ କୁମାର, ପଙ୍କଜ ମାନକୀ, ଅଜୟ ମାନକୀ, ବିଜୟ କୁମାର, ଅଭୟ ଭୂମିଜ, ରୋହିତ ମାନକୀ, ବୀରେନ୍ଦ୍ର କୁମାର, ଅଗର ତାତି, ଧୀରେନ୍ ଚେତିୟା, ରଜନୀ ନାଗ, ଦୀପ ଗୋୱାଲା, ରାମଚବକ ସୋନାର, ସୋନାତନ ନାଗ, ସଂଜୟ କୁମାର, କରଣ *(ପୃଷ୍ଠା ୭ରେ)*

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୦୭୫ (+୪୪)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୯୮୫ (+୪୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୮୦୬ (+୩୩)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୦୯ (+୨)

### ଆଜିର ମୁଖ୍ୟ ଖବର


- ଉତ୍ତର ଭାରତର ଅନେକ ସ୍ଥାନରେ ଘନ କୁହୁଡ଼ି ଯାତାୟାତ ବାଧା।
- ଭାରତର ଶକ୍ତିଶାଳୀ ରକେଟରେ ଆମେରିକାର 'ବ୍ଲୁ ବର୍ଡ-୬' ଯୋଗାଯୋଗ ଉପଗ୍ରହ ଉଡ଼ାଣ ପାଇଁ ପ୍ରସ୍ତୁତ।
- ଜାତୀୟ ସଡ଼କ ସୁରକ୍ଷା ଡିଜିଟାଲ ତଥ୍ୟ ପୋର୍ଟାଲ ଉଦ୍‌ଘାଟନ।
- ଭାରତର ପ୍ରଥମ ହାଇଡ୍ରୋଜେନ ଇନ୍ଧନ ଜାହାଜ ବାରାଣସୀରେ ଉଦ୍‌ଘାଟିତ।
- ୮,୩୦୭ କୋଟିର ରିଙ୍ଗ ରୋଡ଼ ପ୍ରକଳ୍ପକୁ ଅନୁମୋଦନ-ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବେ।
- ବଲାଙ୍ଗୀରରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ।
- ଭୁବନେଶ୍ୱରରେ ସୈନିକ ସ୍କୁଲ୍ ନିକଟରେ ବୃକ୍ଷରୋପଣ ଅଭିଯାନ।
- ଓଡ଼ିଶା ପୋଲିସ ସବ୍-ଇନ୍ସପେକ୍ଟର ପରୀକ୍ଷା ଦୁର୍ନୀତିରେ ଅଭିଯୁକ୍ତଙ୍କୁ ଦୁଇ ଦିନ ରିମାଣ୍ଡ।
- ଉଡ଼ାଣ ବାତିଲ ହେବାରୁ ଭୁବନେଶ୍ୱର ବିମାନବନ୍ଦରରେ ଯାତ୍ରୀଙ୍କ ଅସୁବିଧା।
- କଳାହାଣ୍ଡିର ବଞ୍ଜାରୀ ଘାଟରେ ଗ୍ୟାସ୍ ଟ୍ୟାଙ୍କର ଓଲଟିଗଲା-ରାସ୍ତା ଅବରୋଧ।


### ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ଥିତି ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

## ଆଇନଶୃଙ୍ଖଳା ବଜାୟ ରଖିବାକୁ ନିର୍ଦ୍ଦେଶ



**ମାଲକାନଗିରି, ୧୧/୧୨**
**ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ଏମଭି ୨୬ ଓ ରାଖେଲଗୁଡ଼ା ଗାଁରେ ଉପୁଜିଥିବା ଅଶାନ୍ତକର ପରିସ୍ଥିତି ନେଇ ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ଜିଲ୍ଲା ଓ ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ମଧ୍ୟ ଶ୍ରୀ ସିଂହଦେଓ ଆଲୋଚନା କରିଛନ୍ତି। ମାଲକାନଗିରିରେ ପର୍ଯ୍ୟାୟକ୍ରମେ ଦୁଇ ଗୋଷ୍ଠୀଙ୍କ ସହ ଆଲୋଚନା ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ଶେଷ ହେବା ପରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଦୁଇ ଗୋଷ୍ଠୀ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବେ। ତେବେ ଏମ୍‌ଭି-୨୬ ଏବଂ ରାଖାଲଗୁଡ଼ା ଗ୍ରାମରେ ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ଗୁରୁବାର ଉପ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହିତ ମାଲକାନଗିରି ଜିଲ୍ଲା ଗସ୍ତ କରିଥିଲେ। ସ୍ୱତନ୍ତ୍ର ବିମାନ ଯୋଗେ ମାଲକାନଗିରି ବିମାନ ବନ୍ଦରରେ ଅବତରଣ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ସେ ଯୋଗ ଦେଇଥିଲେ।

ଅନ୍ୟପକ୍ଷରେ ମାଲକାନଗିରି ଜିଲ୍ଲାରେ ଆଉ ୧୨ ଘଣ୍ଟା ପାଇଁ ଅର୍ଥାତ୍ ମଧ୍ୟରାତ୍ର ୧୨ଟା ଯାଏଁ ଇଣ୍ଟରନେଟ୍ କଟକଣାକୁ ବୃଦ୍ଧି କରାଯାଇଛି। ଏମ୍‌ଭି-୨୬ ଓ ରାଖେଲଗୁଡ଼ା ଗାଁ ମଧ୍ୟରେ ବିବାଦକୁ ନେଇ କଟକଣା ବୃଦ୍ଧି କରାଯାଇଛି।

ଏଠାରେ ସୂଚନାଯୋଗ୍ୟ ଲାକେ ପୋଡ଼ିଆମୀଙ୍କ ମୁଣ୍ଡବିହୀନ ମୃତଦେହ ମିଳିବାକୁ ନେଇ ରାଖେଲଗୁଡ଼ା ଓ ଏମ୍‌ଭି-୨୬ ଗାଁ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ହ୍ରାସ ସହ ଶାନ୍ତି ଫେରିବାରେ ଲାଗିଛି। ବୁଧବାର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଥିଲା। ଏମଭି-୨୬ ଗାଁକୁ କିଛି ବଙ୍ଗାଳି ସମ୍ପ୍ରଦାୟ ଲୋକ ଫେରିଛନ୍ତି। ନିଆଁ ଲିଭିବା *(ପୃଷ୍ଠା ୭ରେ)*

## ୟୁପି ସହିତ ୬ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ବଢ଼ିଲା ଏସଆଇଆର ସମୟସୀମା



**ନୂଆଦିଲ୍ଲୀ,୧୧।୧୨**

ବଢ଼ିଲା ସ୍ପେଶାଲ ଇନଟେନସିଭ ରିଭିଜନ୍ ବା ଏସଆଇଆର ସମୟସୀମା। ୬ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ସମୟ ସୀମା ବୃଦ୍ଧି କରିଥିବା ନେଇ ନିର୍ବାଚନ କମିଶନ୍ ଘୋଷଣା କରିଛନ୍ତି। ଏଥିରେ ତାମିଲନାଡୁ, ଗୁଜରାଟ, ମଧ୍ୟ ପ୍ରଦେଶ, ଛତିଶଗଡ଼, ଆଣ୍ଡାମାନ ଓ ନିକୋବର ଏବଂ ଉତ୍ତର ପ୍ରଦେଶ ରହିଛି। ଏବେ ଏଠିକାର ମତାଦାତାଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି। ନିର୍ବାଚନ କମିଶନ୍ ଏହି ନିଷ୍ପତ୍ତି ବିଭିନ୍ନ ରାଜ୍ୟରୁ ମିଳୁଥିବା ଆବେଦନ ସଂଖ୍ୟା ଓ ଯାନ୍ତ୍ରିକ/ପ୍ରଶାସନିକ କାରଣକୁ ଦେଖିବା ପରେ ନେଇଛନ୍ତି।

ତାମିଲନାଡୁ ଓ ଗୁଜରାଟରେ ଏସଆଇଆର ଫର୍ମ ଜମା କରିବାର ସମୟ ସୀମା ୧୪ ଡିସେମ୍ବର ୨୦୨୫ ଥିଲା, ଯାହାକୁ ନିର୍ବାଚନ କମିଶନ ବଢାଇକି ଏହି ଦୁଇ ରାଜ୍ୟରେ ଏବେ ୧୯ ଡିସେମ୍ବର ୨୦୨୫ କରିଦେଇଛନ୍ତି। ଏହାର ଅର୍ଥ ଏହି ରାଜ୍ୟରେ ହିତାଧିକାରୀଙ୍କୁ ଆବଶ୍ୟକୀୟ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିବା ଓ ଜମା କରିବା ପାଇଁ ୫ ଦିନର ଅତିରିକ୍ତ ସମୟ ମିଳିଛି। ନିର୍ବାଚନ କମିଶନ ମଧ୍ୟ ପ୍ରଦେଶ, ଛତିଶଗଡ ଏବଂ ଆଣ୍ଡାମାନ ଓ ନିକୋବର ପାଇଁ ଅନ୍ତିମ ତାରିଖ ୧୮ ଡିସେମ୍ବର ୨୦୨୫ (ଗୁରୁବାର)କୁ ବଢାଇ ୨୩ ଡିସେମ୍ବର ୨୦୨୫ (ମଙ୍ଗଳବାର) କରିଦେଇଛନ୍ତି। ସେଭଳି ୟୁପିରେ ଏସଆଇଆର ଅନ୍ତିମ ତାରିଖ ୨୬ରୁ ବଢାଇ ୩୧ ଡିସେମ୍ବର (ବୁଧବାର) କରିଦେଇଛନ୍ତି। ନିର୍ବାଚନ କମିଶନ ଏହି ସବୁ ରାଜ୍ୟର ନାଗରିକଙ୍କୁ ଅପିଲ କରିଛନ୍ତି, ବଢିଥିବା ତାରିଖର ଲାଭ ଉଠାଇ ଶୀଘ୍ର ନିଜର କାମ ପୂରା କରିନିଅ।

ଅନ୍ୟପକ୍ଷେ ଉତ୍ତର ପ୍ରଦେଶର ମୁଖ୍ୟ ନିର୍ବାଚନ ଅଧିକାରୀ ନଭଦୀପ କହିଛନ୍ତି ରାଜ୍ୟରେ ଏସଆଇଆରର ପକ୍ରିୟାକୁ ସୁବ୍ୟବସ୍ଥିତ ଢଙ୍ଗରେ ପୂରଣ କରିବା ତଥା ଶୁଦ୍ଧ ମତଦାତା ସୂଚୀକୁ ତିଆରି କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କୁ ୨ ସପ୍ତାହର ସମୟ ଆହୁରି ବଢାଇବାକୁ ଅନୁରୋଧ କରାଯାଇଥିଲା ଯାହାଫଳରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ମୃତକ, ଶିଫଟେଡ୍ ତଥା ଅନୁପସ୍ଥିତ ମତଦାତାଙ୍କ ପୁନଃ ଯାଞ୍ଚ କରିହେବ। ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ଭାରତର ନିର୍ବାଚନ କମିଶନଙ୍କ ଦ୍ୱାରା ଯୋଗ୍ୟତା ତାରିଖ ୧ ଜାନୁଆରୀ ୨୦୨୬ ଆଧାରରେ ଚାଲିଥିବା ରାଜ୍ୟରେ ଏସ୍‌ଆଇଆର ଘୋଷିତ ତାରିଖକୁ ବଢାଇ ପୁନଃ ସଂଶୋଧିତ ତାରିଖ*(ପୃଷ୍ଠା ୭ରେ)*

## ହୀରାକୁଦ ଏବଂ ସାତକୋଶିଆର ବିକାଶ ପାଇଁ ୧୯୯ କୋଟି ମଞ୍ଜୁର

**ନୂଆଦିଲ୍ଲୀ, ୧୧ ।୧୨**

ହୀରାକୁଦ ଏବଂ ସାତକୋଶିଆ ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ସରକାର ୧୯୯ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରିଛନ୍ତି। ଓଡ଼ିଶାର ହୀରାକୁଦ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୯୯ କୋଟି ୯୦ ଲକ୍ଷ ଟଙ୍କା ଏବଂ ସାତକୋଶିଆର ବିକାଶ ଲାଗି ୯୯ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ପର୍ଯ୍ୟଟନ ମନ୍ତ୍ରଣାଳୟ ମଞ୍ଜୁର କରିଛି। ବର୍ତ୍ତମାନ ସୁଦ୍ଧା ୧୩୧.୯୨ କୋଟି ଟଙ୍କା ଅନୁଦାନ ଦିଆଯାଇଛି। ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ ଏହି ସୂଚନା ଦେଇଛନ୍ତି।

ପର୍ଯ୍ୟଟନ ସ୍ଥଳୀର ବିକାଶ ଦାୟିତ୍ୱ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ହୋଇଥିଲେ ମଧ୍ୟ କେନ୍ଦ୍ର *(ପୃଷ୍ଠା ୭ରେ)*

## ଓଡ଼ିଶାରେ ୩୫ ଜଣଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୧/୧୨**
**ନ୍ୟୁଜ ବ୍ୟୁରୋ**

ଆମ ପଡ଼ୋଶୀ ରାଷ୍ଟ୍ରମାନଙ୍କରେ ଧାର୍ମିକ ନିର୍ଯାତନାର ଶିକାର ହେଉଥିବା ସଂଖ୍ୟାଲଘୁମାନଙ୍କ ପାଇଁ ନାଗରିକତା (ସଂଶୋଧନ) ଆଇନ ୨୦୧୯ ହେଉଛି ପାପନାଶିନୀ ଓ ଦୁଃଖନାଶିନୀ ପବିତ୍ର ଗଙ୍ଗା ପରି । ଏହି ପବିତ୍ର ଆଇନ ବର୍ଷ ବର୍ଷ ଧରି ନିର୍ଯାତିତ ସଂଖ୍ୟାଲଘୁମାନଙ୍କ ପାଇଁ ଆଶା ଓ ଆଶ୍ୱାସନାର ମାର୍ଗ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନାଗରିକତା (ସଂଶୋଧନ) ଆଇନ ୨୦୧୯ ଅନୁଯାୟୀ ନାଗରିକତା ପ୍ରମାଣପତ୍ର ପ୍ରଦାନ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ମାଧ୍ୟମରେ ନାଗରିକତା ସଂଶୋଧନ ଆଇନ ୨୦୧୯ ଅଧୀନରେ ଯୋଗ୍ୟ ଆବେଦନକାରୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୪ ମାର୍ଚ୍ଚ ୧୧ରେ ବିଜ୍ଞାପିତ ହୋଇଥିବା ନିୟମାବଳୀ *(ପୃଷ୍ଠା ୭ରେ)*

## ୧୭ରେ ଓଟିଇଟି ପରୀକ୍ଷା

**କଟକ, ୧୧/୧୨ ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୭ ତାରିଖରେ ସାରା ରାଜ୍ୟରେ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ରାଜ୍ୟର ୧ ଲକ୍ଷ ୬୦ ହଜାର ୩୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିରେ ଉଭୟ ଇନସର୍ଭିସ୍ ଓ ଆଶାୟୀ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି।

ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା ଗ୍ରହଣ କରାଯାଇଛି। ବୋର୍ଡ କାର୍ଯ୍ୟାଳୟ କମାଣ୍ଡ କଣ୍ଟ୍ରୋଲ ରୁମରୁ ସମସ୍ତ ପରୀକ୍ଷା କେନ୍ଦ୍ର ନିୟନ୍ତ୍ରଣ *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ଯେତେ ବଡ଼ ଲୋକ କୁଣ୍ଡଳୀ ମାରିକି
ରହିଅଛ ଜମି ମାଡ଼ି
ସର୍କାରୀ ଜମିରେ ମହଲ କରୁଛ
ଖାଉଅଛ ତାଡ଼ିତୁଡ଼ି
ଏବେ ଯିବ ମଜା ଛାଡ଼ି
ଜବର ଦଖଲ ନ ଛାଡ଼ିଲେ ବାବୁ
ସର୍କାର ନେବେ ଯେ ଭିଡ଼ି।

## ଇଣ୍ଡିଗୋର ଘୋଷଣା : ପ୍ରଭାବିତ ଯାତ୍ରୀଙ୍କୁ ମିଳିବ ୧୦ ହଜାର ଟଙ୍କାର ଟ୍ରାଭେଲ୍ ଭାଉଚର୍




**ନୂଆଦିଲ୍ଲୀ, ୧୧/୧୨**

ଇଣ୍ଡିଗୋର ବଡ଼ ଘୋଷଣା। ପ୍ରଭାବିତ ଯାତ୍ରୀଙ୍କୁ ମିଳିବ ୫ ହଜାରରୁ ୧୦ ହଜାର ଟଙ୍କାର କ୍ଷତିପୂରଣ। ସେହିପରି ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଯାତ୍ରୀଙ୍କୁ ମିଳିବ ୧୦ ହଜାର ଟଙ୍କାର ଟ୍ରାଭେଲ ଭାଉଚର।

ଇଣ୍ଡିଗୋର ଫ୍ଲାଇଟ୍ କ୍ୟାନସଲ୍ ପାଇଁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଡିସେମ୍ବର ପ୍ରଥମ ସପ୍ତାହରେ ସବୁଠୁ ଅଧିକ ବିମାନ ସେବା ପ୍ରଭାବିତ ହୋଇଛି। ଏହି ସମୟ ମଧ୍ୟରେ ଶତାଧିକ ଫ୍ଲାଇଟ୍ କ୍ୟାନସଲ୍ ହୋଇଛି। ଏହାଦ୍ୱାରା ଯାତ୍ରୀମାନେ ପ୍ରବଳ କ୍ଷତି ସହିଛନ୍ତି। ପ୍ରବଳ ବିରୋଧ ଓ ଅସନ୍ତୋଷ ପରେ ଡିଜିସିଏ ଏୟାରଲାଇନ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। ଏବେ ଇଣ୍ଡିଗୋ ୩,୪, ଓ ୫ ଡିସେମ୍ବରରେ ଉଡାଣ ରଦ୍ଦ କାରଣରୁ ପ୍ରଭାବିତ ଯାତ୍ରୀମାନଙ୍କୁ ୫ ହଜାର ଟଙ୍କାରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବ। ଏହା ସହ ଏୟାରଲାଇନ୍ ସବୁଠୁ ଅଧିକ ପ୍ରଭାବିତ ହୋଇଥିବା ଯାତ୍ରୀଙ୍କୁ ୧୦ ହଜାର ଟଙ୍କାର ଅତିରିକ୍ତ ଟ୍ରାଭେଲ୍ ଭାଉଚର୍ ମିଳିବ। ଏହାଦ୍ୱାରା କ୍ଷତିଗ୍ରସ୍ତ ଯାତ୍ରୀଙ୍କୁ ଆଶ୍ୱସ୍ତି ମିଳିବ। ଯାତ୍ରୀମାନେ ଏହି ଟ୍ରାଭେଲ୍ ଭାଉଚରକୁ ଆସନ୍ତା ୧୨ ମାସ ମଧ୍ୟରେ ବ୍ୟବହାର କରିପାରିବେ। ଭାରତରେ ଇଣ୍ଡିଗୋର ଯେକୌଣସି ଘରୋଇ ଉଡ଼ାଣ କିମ୍ବା ଅନ୍ତରାଷ୍ଟ୍ରୀୟ ରୁଟ୍ ପାଇଁ *(ପୃଷ୍ଠା ୭ରେ)*

### ପ୍ରଭାବଶାଳୀଙ୍କୁ ରାଜସ୍ୱମନ୍ତ୍ରୀଙ୍କ ଚେତାବନୀ

## ଆଦାୟ ହେବ ଉଚ୍ଛେଦ ଖର୍ଚ୍ଚ

**ଭୁବନେଶ୍ୱର,୧୧/୧୨**
**ନ୍ୟୁଜ ବ୍ୟୁରୋ**

ପ୍ରଭାବଶାଳୀ ଜମି ଜବରଦଖଲକାରୀଙ୍କୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଶୁଣାଇଛନ୍ତି। ଏବେବି ସମୟ ଅଛି ଜମି ଫେରାଇଦିଅ ନହେଲେ ସରକାର ଉଚ୍ଛେଦ ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କା ବି ଆଦାୟ କରିବେ।

ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଜବରଦଖଲ କାରୀଙ୍କ ଡାଟାବେସ୍ ପ୍ରସ୍ତୁତ ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୩୨୦ ତହସିଲରେ କେତେ ଜମି ଅଛି, ଶିଳ୍ପ ଜମି, ରାଜସ୍ୱ ବିଭାଗ ଜମି, ଜବର ଦଖଲ



ଜମି କେତେ ଏବଂ ସେସବୁର ଜବରଦଖଲ-କାରୀଙ୍କ ଡାଟାବେସ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ଆବଶ୍ୟକତା ପାଇଁ ଯେଉଁ ଭୂମିହୀନ ଗରିବ ଲୋକ *(ପୃଷ୍ଠା ୭ରେ)*



# ରାସ୍ତାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ, ସମାଧାନ ଦାବିରେ ତହସିଲଦାରଙ୍କ କାର୍ଯ୍ୟାଳୟ ଘେରାଉ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**



ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ତହସିଲ ଅଧିନସ୍ଥ ଗୁହୁରିଆମୁଣ୍ଡା ଓ ରୁଗୁଡ଼ିମୁଣ୍ଡା ଗାଁରେ ରାସ୍ତା ବିବାଦକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିଥିଲା। ଏହାର ସମାଧାନ କରିବା ପାଇଁ ନୂଆଁଖାଇ ସମୟରେ ଉଭୟ ଗାଁର ଅସବର୍ଣ୍ଣ ପରିବାର ଉପଜିଲ୍ଲାପାଳ ଓ ତହସିଲଦାର ପାଟଣାଗଡ଼ଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ପ୍ରଶାସନ ତରଫରୁ ଏ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ନ କରିବାରୁ ପୁଣି ବିବାଦ ଉଗ୍ର ରୂପ ନେଇଛି।

ଯାହାକୁ ନେଇ ଅସବର୍ଣ୍ଣଙ୍କ ପକ୍ଷରୁ ଏଲଡିଏ ଫାଉଣ୍ଡର ଲବ ସୁନାଙ୍କ ନେତୃତ୍ୱରେ ଉଭୟ ଗାଁର ଅସବର୍ଣ୍ଣ ପରିବାର ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବିଭିନ୍ନ ସରକାର ବିରୋଧୀ ନାରାବାଜି ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି କାର୍ଯ୍ୟାଳୟ ଘେରାଉ କରିବାସହ ଏକ ପ୍ରତିବାଦ ସଭା କରିଥିଲେ। କୌଣସି କାରଣରୁ ତହସିଲଦାର ଉପସ୍ଥିତ ନ ଥିବାରୁ ଆନ୍ଦୋଳନକାରୀ ମାନେ ରାସ୍ତା ବିବାଦର ସ୍ଥାୟୀ ସମାଧାନ ନ ହେଲେ ପନ୍ଦର ଦିନ ପରେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇ ଫେରିଆସିଥିଲେ।

ଅଭିଯୋଗନୁସାରେ ଗୁହୁରିଆମୁଣ୍ଡା ଗାଁରେ ପ୍ରଥମେ ଜଣେ ଅସବର୍ଣ୍ଣ ବ୍ୟକ୍ତି ପଞ୍ଚାୟତକୁ ଚାଉଳ ନେଇ ଆସିଥିବା ସମୟରେ ଜଣେ ସବର୍ଣ୍ଣଙ୍କ ସହ ଝଗଡ଼ା ହୋଇଥିଲା। ଏହାପରେ ଅସବର୍ଣ୍ଣ ଲୋକେ ଗାଁର ଉକ୍ତ ସବର୍ଣ୍ଣକୁ ମାଡ଼ ମାରିବାରୁ ଥାନାରେ ଅଭିଯୋଗ ପରେ ପୁଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ଉଭୟ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ବିବାଦ ଉଗ୍ରରୂପ ନେଇଥିଲା। ଯାହାକୁ ନେଇ ସବର୍ଣ୍ଣ ପକ୍ଷରୁ ଜଣେ ବ୍ୟକ୍ତି ତାଙ୍କ ରୟତି ଜମି ଯାହାକି ଗାଁକୁ ଆସୁଥିବା ରାସ୍ତାକୁ ଗଛ ପକାଇ ଅବରୋଧ କରିଥିଲେ। ଏହାକୁ ନେଇ ଅସବର୍ଣ୍ଣ ପରିବାର ଲୋକେ ଉପଜିଲ୍ଲାପାଳ ଓ ତହସିଲଦାର ପାଟଣାଗଡ଼ଙ୍କ ଦ୍ୱାରସ୍ଥ ହେବାପରେ ଅବରୋଧ ହଟିଥିଲା। କିନ୍ତୁ ଏହାର ସ୍ଥାୟୀ ସମାଧାନ କରାଗଲାନାହିଁ। ଏବେ ସେଠାରେ ରାସ୍ତା ଉନ୍ନତି କରଣ ପାଇଁ ପାଞ୍ଚ ଲକ୍ଷ ତେୟାନବେ ହଜାର ଟଙ୍କା ଆସିଥିବାବେଳେ ସବର୍ଣ୍ଣ ଲୋକେ କାର୍ଯ୍ୟ କରାଇଦେଉନଥିବା ଅଭିଯୋଗ ଆଣିଛନ୍ତି ଅସବର୍ଣ୍ଣ ଲୋକେ। ଅନୁରୂପ ଭାବରେ ରୁଗୁଡ଼ିମୁଣ୍ଡା ଅସବର୍ଣ୍ଣ ବସ୍ତିରୁ ଗାଁ ପୋଖରୀକୁ ଜଣେ ବ୍ୟକ୍ତିଙ୍କ ରୟତି ଜମି ଦେଇ ଯାଉଥିବା ରାସ୍ତାକୁ ରାସ୍ତା ଉନ୍ନତି କରଣ କାମ ସରିବାପରେ ଉକ୍ତ ବ୍ୟକ୍ତି ଅବରୋଧ କରିଛନ୍ତି। ଏହାକୁ ନେଇ ସେମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ପରେ ମଧ କୌଣସି ସୁଫଳ ନ ମିଳିବାରୁ ଯାହା ଦ୍ୱାରା ବିଶେଷତଃ ଅସବର୍ଣ୍ଣ ବସ୍ତିର ମହିଳାମାନେ ସ୍ନାନ, ଶୌଚ ଆଦି ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି।



# ଶିକ୍ଷା ଏବଂ ଗବେଷଣାରେ ଭାରତ ଓ ସାଉଦି ଆରବ ସହଯୋଗ ହେବ ଅଧିକ ମଜବୁତ୍ : ଧର୍ମେନ୍ଦ୍ର

**ନୂଆଦିଲ୍ଲୀ**

ସାଉଦି ଆରବର ଶିକ୍ଷା ମନ୍ତ୍ରୀ ୱାଇ.ବି ଅବଦୁଲ୍ଲା ଅଲ୍-ବେନିଆନ ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରିଥିଲେ। ଶିକ୍ଷା ଏବଂ ଗବେଷଣାରେ ଭାରତ-ସାଉଦି ଆରବ ସହଯୋଗକୁ ଆହୁରି ମଜବୁତ କରିବା ଦିଗରେ ଉଭୟ ମନ୍ତ୍ରୀ ଚର୍ଚ୍ଚା କରିଛନ୍ତି।

ଏହି ଆଲୋଚନା ସମୟରେ ଦୁଇ ଦେଶ ମଧ୍ୟରେ ଶିକ୍ଷା, ଉଦ୍ଭାବନ ତଥା ଗବେଷଣା କ୍ଷେତ୍ରରେ ସହଯୋଗକୁ ଆହୁରି ଗଭୀର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଦୁଇ ଦେଶ ମଧ୍ୟରେ ଥିବା ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂତନ ସ୍ତରକୁ ନେବା ପାଇଁ ସାଉଦି ଆରବରେ ଭାରତୀୟ ବିଶ୍ୱବିଦ୍ୟାଳୟ ଗୁଡ଼ିକର ଏବଂ ଭାରତରେ ସାଉଦି ବିଶ୍ୱବିଦ୍ୟାଳୟ ଗୁଡ଼ିକର ବିଦେଶୀ କ୍ୟାମ୍ପସ୍ ସ୍ଥାପନ କରିବା ଉପରେ ଆଲୋଚନା କରାଯାଇଥିଲା। ବିଶେଷକରି ଉଦୀୟମାନ ଏବଂ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମିଳିତ ଗବେଷଣା ଆରମ୍ଭ କରିବା ପାଇଁ ଆଲୋଚନା ହୋଇଥିଲା। ସାଉଦି ଆରବରେ ଅଧିକ ସଂଖ୍ୟକ ସିବିଏସଇ ବିଦ୍ୟାଳୟ ଖୋଲିବାର ସମ୍ଭାବନା ଉପରେ ମଧ ବୈଠକରେ ଆଲୋକପାତ ହୋଇଥିଲା। ଶ୍ରୀ ପ୍ରଧାନ ସାଉଦି ଛାତ୍ରଛାତ୍ରୀମାନଙ୍କୁ ଭାରତରେ ଅଧ୍ୟୟନ କରିବା ପାଇଁ ଆମନ୍ତ୍ରଣ କରିଥିଲେ, ଯାହା ଉଭୟ ଦେଶ ମଧ୍ୟରେ ଜ୍ଞାନ ଏବଂ ସାଂସ୍କୃତିକ ଆଦାନପ୍ରଦାନକୁ ସୁଗମ କରିବ।

ଶ୍ରୀ ପ୍ରଧାନ କହିଥିଲେ ଯେ ଭାରତର 'ବିକଶିତ ଭାରତ ୨୦୪୭' ଏବଂ ସାଉଦିର 'ଭିଜନ ୨୦୩୦'ର ଶିକ୍ଷାଗତ ପ୍ରାଥମିକତାରେ ଦୃଢ଼ ସମନ୍ୱୟ ରହିଛି। ଏହି ବୈଠକ ଭାରତ ଏବଂ ସାଉଦି ଆରବ ମଧ୍ୟରେ ଜ୍ଞାନ ଭାଗିଦାରୀକୁ ଆହୁରି ମଜବୁତ କରିବା, ସାଂସ୍କୃତିକ ଆଦାନ-ପ୍ରଦାନକୁ ସୁବିଧାଜନକ କରିବା, ମିଳିତ ଆକାଂକ୍ଷାକୁ ସାକାର କରିବା ଏବଂ ଉଭୟ ଦେଶକୁ ଜ୍ଞାନ-ପରିଚାଳିତ ତଥା ବିଶ୍ୱ ସ୍ତରରେ ପ୍ରତିଯୋଗୀତା ମୂଳକ ସମାଜରେ ପରିଣତ କରିବା ପାଇଁ ଏକ ଉତ୍କୃଷ୍ଟ ସୁଯୋଗ ଥିଲା। ଏହି ଆଲୋଚନା ଦୁଇ ରାଷ୍ଟ୍ରର ଶିକ୍ଷା କ୍ଷେତ୍ରରେ ଏକ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ଦେଉଛି ବୋଲି ସେ କହିଛନ୍ତି।

## ଉଲୁଣ୍ଡାରେ ଯୁଗ୍ମ ଅଭିଯୋଗ ଶୁଣାଣି ୫୧ ମାମଲା ପଞ୍ଜିକୃତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଉଲୁଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସିଂଢୋଲ ଗ୍ରାମ କାର୍ଯ୍ୟାଳୟର ବଜାର ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ ନୃପରାଜ ସାହୁ ଓ ଉପ ଆରକ୍ଷୀ ଅଧିକ୍ଷକ ହେମନ୍ତ ରାଓ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୫୧ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରି ଥିଲେ। ତନ୍ମଧ୍ୟରୁ ୩୪ଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୮ଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇ ଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା, ଶୁଭ୍ରାଂଶୁ ଶେଖର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ରାଜେନ୍ଦ୍ର ମାଝୀ, ଉପ ଜିଲ୍ଲାପାଳ, ବୀରମହାରାଜପୁର, ସୁରେନ୍ଦ୍ର କୁମାର ମେହେରଙ୍କ ସମେତ ଭାରପ୍ରାପ୍ତ ତହସିଲଦାର, ଉଲୁଣ୍ଡା ସୋମନାଥ ବେହେରା, ସରପଞ୍ଚ, ସିଂଢୋଲ ଗ୍ରାମ ପଞ୍ଚାୟତ ପ୍ରଦୀପ କୁମାର ଦେହୁରୀ ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦାନ କରି ଥିଲେ। ଏହି ଅବସରରେ ସିଂଢୋଲ ଗ୍ରାମର ଏକ ଭିନ୍ନକ୍ଷମ ବାଳକ ଆୟୁଷ ସେଠି ପିତା କୁଞ୍ଜବିହାରୀ ସେଠୀଙ୍କୁ ଜିଲ୍ଲାପାଳ, ସୁବର୍ଣ୍ଣପୁର ଡ. ନୃପରାଜ ସାହୁଙ୍କ ଦ୍ୱାରା ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

# ରବି ଚାଷ ପାଇଁ ମେଗାଲିଫ୍ଟ କେନାଲରୁ ଜଳସେଚନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

**କୋକସରା, ନ୍ୟୁଜ୍‌ବ୍ୟୁରୋ**



ରବି ଚାଷ ପାଇଁ ମେଗାଲିଫ୍ଟ କେନାଲରୁ ଜଳସେଚନ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଦଣ୍ଡପାଟ ଅଞ୍ଚଳର ଚାଷୀ। ଇନ୍ଦ୍ରାବତୀ ଜଳଭଣ୍ଡାରରୁ ଆସନ୍ତା ରବି ଚାଷ ପାଇଁ ଉଠା ଜଳସେଚନ ପ୍ରକଳ୍ପ (ମେଗାଲିଫ୍ଟ କେନାଲ)ରୁ ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ମତେ ଡିଏମ ୧୫ ପର୍ଯ୍ୟନ୍ତ ଜଳସେଚନ ସୁବିଧା ଯୋଗାଇ ଦିଆଯିବା ନେଇ ସୂଚନା ମିଳିଛି। ତେବେ ଡି.ଏମ୍ ୧୭ ପର୍ଯ୍ୟନ୍ତ ଜଳସେଚନ ସମ୍ପ୍ରସାରିତ କରିବାକୁ ଦଣ୍ଡପାଟ ଅଞ୍ଚଳର ଚାଷରଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

୨୦୨୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ସହ ଲୋକାର୍ପଣ କରିଥିଲେ। ଏହି ପ୍ରକଳ୍ପରୁ ଜଳସେଚନ ସୁବିଧା ପାଇଁ ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକ ଅଞ୍ଚଳର ଚାଷୀକୁଳ ଉପକୃତ ସହ ସେମାନଙ୍କର ଆର୍ଥିକ ବୃଦ୍ଧି ଘଟିଛି। ତେବେ ମେଗାଲିଫ୍ଟ କେନାଲରୁ ରବି ଚାଷ ପାଇଁ ୨୨/୨୩ ରେ ଜଳସେଚନ ସୁବିଧା କିଛି ମାତ୍ରାରେ ଚାଷୀଙ୍କୁ ଜଳସେଚନ ସୁବିଧା ଉପଲବ୍ଧ ହୋଇଥିଲା। ଫଳରେ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇଥିଲା। ତେବେ ବିଗତ ବର୍ଷରେ ମେଗାଲିଫ୍ଟ କେନାଲରୁ ରବି ଚାଷ ପାଇଁ ଜଳସେଚନ ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ମଧ୍ୟ ବିଭାଗ ଏହାକୁ ପକ୍ଷରୁ ଚାଷୀଙ୍କୁ ଆଗୁଆ ସୂଚନା ଦିଆ ଯାଇନଥିବା ନେଇ ଦ୍ୱନ୍ଦରେ ରହିଛନ୍ତି ଚାଷୀ।

ଏନେଇ ବିଜେପିର ଏକ ପ୍ରତିନିଧି ଦଳ ବିଜେପି ରାଜ୍ୟ ଉପ ସଭାପତି ଭବେନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ବିଜେପି ମୋଟେର ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ରାଧେଶ୍ୟାମ ଗୋପାଳ, ଅମିନ ରଣା, ପ୍ରିୟବ୍ରତ ପଣ୍ଡା,ଟଙ୍କଧର ଧରୁଆ, ଅଖିଳ ଚନ୍ଦ୍ର ଗୋପାଳ, ଗଣେଶ ରାମ ରଣା, ଯଦୁମଣି ରଣା ସମେତ ଦଣ୍ଡପାଟ ଅଞ୍ଚଳ ର ଶତାଧିକ ଚାଷୀ ଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କୁ ପ୍ରଦାନ କରିଛନ୍ତି। ରବି ଚାଷ ପାଇଁ ଜଳସେଚନ ସୁବିଧା ଦଣ୍ଡପାଟ ଅଞ୍ଚଳର ଡିଏମ ୧୭ ପର୍ଯ୍ୟନ୍ତ ଯୋଗାଇ ଦେବାକୁ ଦାବି କରିଛନ୍ତି। ଏନେଇ ଉଠା ଜଳସେଚନ ବିଭାଗ କୁସୁମଖୁଣ୍ଟି ଡିଭିଜନର ନିର୍ବାହୀ ଯନ୍ତ୍ରୀ ପ୍ରଣୟ ପ୍ରଧାନଙ୍କ ପ୍ରତିକ୍ରିୟା ନେବାରୁ ଚଳିତ ବର୍ଷ ରବି ଚାଷ ପାଇଁ ଡିଏମ ୧୫ ପର୍ଯ୍ୟନ୍ତ ଜଳସେଚନ ଯୋଗାଇ ଦିଆଯିବା ନେଇ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି।

# ମହାନଦୀ ବାଲିଘାଟରୁ ବେଆଇନ ବାଲି ଚାଲାଣ : ୭ ଟ୍ରାକ୍ଟର ଜବତ



**ବାଉଁଶୁଣୀ, ନ୍ୟୁଜ୍‌ବ୍ୟୁରୋ**

ବେଆଇନ ବାଲି ପରିବହନ ବେଳେ ମହାନଦୀ ବାଲିଘାଟରୁ ୭ ଟ୍ରାକ୍ଟର ଜବତ। ବୌଦ୍ଧ ବ୍ଲକ ତାଳସରଡ଼ା ଗ୍ରାମପଞ୍ଚାୟତ ଡମ୍ବରୁଗଡ ନିକଟ ମହାନଦୀ ବାଲିଘାଟରୁ ଏହି ସବୁ ଟ୍ରାକ୍ଟର ଜବତ ହୋଇଛି।

ସୂଚନାନୁଯାୟୀ, ଡମ୍ବରୁଗଡ଼ ନିକଟ ମହାନଦୀ ବାଲିଘାଟ ନିଲାମ ହୋଇନଥିବା ବେଳେ ଟ୍ରାକ୍ଟର ଯୋଗେ ବେଆଇନ ବାଲି ଚାଲାଣ ହେଉଥିଲା। ଏନେଇ ଅଭିଯୋଗ ହେବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ବୌଦ୍ଧ ପୁଲିସ ଓ ପ୍ରଶାସନ ମିଳିତ ଭାବେ ଚଢ଼ଉ କରିଥିଲା। ବାଲି ଚୋରା ଚାଲାଣ କରୁଥିବା ୭ଟି ଟ୍ରାକ୍ଟର ଜବତ କରାଯାଇଥିଲା। ବାଉଁଶୁଣୀ ପୁଲିସ ସମସ୍ତ ବାଲି ବୋଝେଇ ଟ୍ରାକ୍ଟର ସହ ଗାଡ଼ି ଚାଳକମାନଙ୍କୁ ଅଟକ ରଖିଥିଲା। ଗାଡ଼ି ମାଲିକମାନେ ପହଞ୍ଚିବା ପରେ ଖଣି ବିଭାଗ ପକ୍ଷରୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଛାତ୍ରଙ୍କୁ ରାଗିଂ : ଡ୍ରଗ୍ସ ନେବାକୁ ବାଧ କଲେ, ପାଇଖାନା ଚଟାଣ ଚଟାଇଲେ

**ପିପିଲି, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ଏକ ପ୍ରମୁଖ ଘରୋଇ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ରାଜଧାନୀ ଉପକଣ୍ଠ ପିପିଲି ଥାନା ଅଞ୍ଚଳର ଏକ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରେ ଜଣେ ଛାତ୍ରଙ୍କୁ ମାଡ ମରାଯିବା ସହ ରାଗିଂ କରାଯାଇଛି। ଏ ନେଇ ପିପିଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଛାତ୍ରଜଣଙ୍କୁ ଡ୍ରଗ୍ସ ସେବନ ସହିତ ୨ଲକ୍ଷ ଟଙ୍କା ଦେବା ପାଇଁ ବାଧ କରାଯାଇ ମାଡ଼ ମରାଯାଇଛି। ଏପରି କି ପାଇଖାନା ଚଟାଣକୁ ଜିଭରେ ଚଟାଯାଇଥିବା ଭଳି ସଂଗୀନ ଅଭିଯୋଗ ହୋଇଛି। ଏନେଇ ରାଗିଂର ଶିକାର ହୋଇଥିବା ଛାତ୍ରଙ୍କ ମା'ଙ୍କ ଲିଖିତ ଅଭିଯୋଗ ଉପରେ ପିପିଲି ଥାନାରେ ଏକ ମାମଲା ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳର ଜଣେ ଛାତ୍ର ପିପିଲି ଥାନା ଅଞ୍ଚଳରେ ଥିବା ଉକ୍ତ ପ୍ରମୁଖ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରେ ଦ୍ୱିତୀୟ ବର୍ଷରେ ପଢୁଛନ୍ତି। ଗତ ନଭେମ୍ବର ମାସ ୨୪ରେ ଉକ୍ତ ଛାତ୍ର ଜଣକ କଲେଜର ଶ୍ରେଣୀ କକ୍ଷରେ ପାଠ ପଢୁଥିବା ସମୟରେ ତାଙ୍କର ଜଣେ ସହପାଠୀ ଓ ଅନ୍ୟ ଜଣେ ସିନିଅର ଛାତ୍ର ତାଙ୍କୁ ଉକ୍ତ ଶିକ୍ଷାନୁଷ୍ଠାନର ଦ୍ୱିତୀୟ ମହଲାକୁ ଡାକିନେଇଥିଲେ। ସେଠାରେ ଥିବା ଶୌଚାଳୟ ମଧ୍ୟରେ ତାଙ୍କୁ ସେମାନେ ନିସ୍ତୁକ ମାଡ଼ ମାରିଥିଲେ। ପାଇଖାନା ପ୍ୟାନ ଭିତରେ ତାଙ୍କ ମୁହଁକୁ ଜୋର ଜବରଦସ୍ତ ଭର୍ତ୍ତି କରାଇ ସେଥିରେ ଥିବା ପାଣି ପିଇବାକୁ ବାଧ କରିଥିଲେ। ଏଥିସହ ତାଙ୍କ ମୁହଁ, ଛାତି, ବେକ, ପେଟ, ଆଣ୍ଠୁକୁ ମୁଥ ମାରିବା ସହ ସେଠାରେ ତାଙ୍କୁ ଉଲଗ୍ନ କରିବାକୁ ଉଦ୍ୟମ କରିଥିଲେ। ତେବେ ସେହି ସମୟରେ ହାଉସ କିପିଂ ଷ୍ଟାଫ୍ ଆସିଯିବାରୁ ସେମାନେ ଉକ୍ତ ଛାତ୍ରଙ୍କୁ ଛାଡ଼ି ଦେଇଥିଲେ। ପରେ ପ୍ରାୟ ଦୁଇଘଣ୍ଟା କାଳ ଦୁଇଟା ଶୌଚାଳୟ ଭିତରେ ତାଙ୍କୁ ମାଡ଼ ମାରିବା ସହ ପାଇଖାନା ଚଟାଣ ଚଟାଇଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏଥିସହ ଉପରୋକ୍ତ ସିନିଅର ଛାତ୍ର, ତାଙ୍କ ବାନ୍ଧବୀ ଓ ସହପାଠୀଙ୍କ ବାନ୍ଧବୀ ଉକ୍ତ ପୀଡ଼ିତ ଛାତ୍ରଙ୍କୁ ଭୋଜି ଖାଇବା ବାହାନାରେ କଲେଜ ବାହାରେ ଥିବା ଏକ ଘରକୁ ଡାକିନେଇ ସେଠାରେ ଡ୍ରଗ୍ସ ସେବନ କରିବାକୁ ବାଧ କରିବା ସହ ୨ଲକ୍ଷ ଟଙ୍କା ଦେବାକୁ ଧମକ ଦେଇଥିଲେ। ପୀଡିତ ଛାତ୍ରଙ୍କୁ ଉକ୍ତ ଘରେ ୨ରୁ ୩ଘଣ୍ଟା ପର୍ଯ୍ୟନ୍ତ ରଖାଯାଇଥିଲା। ୨୫ ତାରିଖରେ ଜ୍ୱର ଯୋଗୁଁ ପୀଡିତ ଛାତ୍ରଜଣକ କଲେଜ ଆସି ନ ଥିଲେ ଓ ୨୬ ତାରିଖରେ କଲେଜକୁ ପାଠ ପଢିବାକୁ ଆସିଥିଲେ। ସେଦିନ ତାଙ୍କୁ କଲେଜ ମଧ୍ୟରେ ଉକ୍ତ ଆକ୍ରମଣକାରୀ ଛାତ୍ର ଜଣକ ପୁନର୍ବାର ଟଙ୍କା ମାଗିବା ସହ ନାନା ଧମକଚମକ ଦେଇଥିଲେ । ତୁ କଲେଜ ଆସି ପାରିବୁନି କିମ୍ବା ଘରେ ରହିପାରିବୁନି ବୋଲି ଧମକଚମକ ଦେବା ସହ ତାଙ୍କୁ କଲେଜରୁ ବାହାର କରିବାକୁ ଚେଷ୍ଟା କରିଥିଲେ। ଏଥିରେ ଛାତ୍ର ଜଣକ ପ୍ରବଳ ମାତ୍ରାରେ ଭୟଭୀତ ହୋଇ ସେହିଦିନଠାରୁ କଲେଜ ଯାଇ ନ ଥିଲେ। ଏଭଳି ନିର୍ଯ୍ୟାତନାରେ ଛାତ୍ରଜଣକ ଭୟଭୀତ ହୋଇ ମାନସିକ ସ୍ତରରେ ସଂପୂର୍ଣ୍ଣ ଭାଙ୍ଗି ପଡିଥିଲେ। କଲେଜ ନ ଯାଇ ସେ ଭୁବନେଶ୍ୱରସ୍ଥିତ ବାସଭବନରେ ଭୟଭୀତ ଅବସ୍ଥାରେ ରହିଥିଲେ। ଗତ ରବିବାର ଦିନ ସେ ନିଜ ଘର ଆଳିକୁ ଯାଇ ସେଠାରେ ପରିବାର ଲୋକଙ୍କୁ ଘଟଣା ସଂପର୍କରେ ଜଣାଇଥିଲେ। ପୁଅଠାରୁ ସବୁ ଶୁଣିବା ପରେ ତାଙ୍କ ମା' ଏ ସଂପର୍କରେ କଲେଜ କର୍ତ୍ତୃପକ୍ଷଙ୍କୁ ଇ-ମେଲ ଜରିଆରେ ଅଭିଯୋଗ କରିଥିଲେ। ଏହାପରେ କଲେଜ କର୍ତ୍ତୃପକ୍ଷଙ୍କଠାରୁ ଡାକରାପାଇ ଛାତ୍ରଙ୍କ ସହ ତାଙ୍କ ମାଆ କଲେଜରେ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ତେବେ ରାଗିଂ କରିଥିବା ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଘଟଣାର ଆପୋଷ ସମାଧାନ କରିଦେବା ପାଇଁ କଲେଜ କର୍ତ୍ତୃପକ୍ଷ ତାଙ୍କୁ ପରାମର୍ଶ ଦେଇଥିବା ଅଭିଯୋଗ ହୋଇଛି। ପୁଅର ଜୀବନ ପ୍ରତି ବିପଦ ଆଶଙ୍କା କରି ତାଙ୍କ ମା' ଏ ସଂପର୍କରେ ପିପିଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଅ ପ୍ରତି ରାଗିଂ ଅଭିଯୋଗକୁ ପିଲାଖେଳ ଭାବି ଆପୋଷ ସମାଧାନ କରିବା ପାଇଁ କଲେଜ କର୍ତ୍ତୃପକ୍ଷ ପରାମର୍ଶ ଦେଇଥିବାର ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ନେଇ ପିପିଲି ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀ ଓ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁରମା ସ୍ୱାଇଁ ପୁଲିସ ଟିମ୍ ସହ ଉକ୍ତ କଲେଜକୁ ଯାଇ ଘଟଣାର ଅନୁସନ୍ଧାନ କରିଥିଲେ। ରାଗିଂ କରିଥିବା ଜଣେ ଛାତ୍ର ଅନ୍ୟ ଜଣେ ଛାତ୍ରୀଙ୍କ ସହ ଡ୍ରଗ୍ସ ସେବନ କରୁଥିବାର ଭିଡିଓକୁ ପୀଡ଼ିତ ଛାତ୍ର ଜଣକ ପୁଲିସକୁ ପ୍ରଦାନ କରିଥିବା ସୂଚନା ମିଳିଛି।

# ଫ୍ରେଜରପୁରରେ ବିକାଶ କାର୍ଯ୍ୟ ତଦାରଖ କଲେ ଉପଜିଲ୍ଲାପାଳ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ କେଛୋଦାଦର ଗ୍ରାମପଞ୍ଚାୟତର ଫ୍ରେଜରପୁର ଗ୍ରାମର ଲାଇ ଡ୍ୟାମ୍‌ର ଉନ୍ନତି କରଣ ପାଇଁ ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଆରୁଗୁଲା ଡ୍ୟାମ ପରିଦର୍ଶନ କରିଥିଲେ। ଜଳସେଚନ ଓ ଜୀବିକା ବୃଦ୍ଧି ପାଇଁ କିଭଳି ଭାବରେ ଏହାର ବିକଶିତ ହୋଇ ପାରିବ ତାହା ନିରୀକ୍ଷଣ କରିବା ସହିତ ଅଧିକାରୀ ଓ ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ। ପରେ ଉକ୍ତ ଗ୍ରାମରେ ମନରେଗା ସଚେତନତା ସଭାରେ ଯୋଗଦେଇଥିଲେ। ଦାଦନ ପ୍ରବଣ ବ୍ଲକ ପାଇଁ ମନରେଗା ଯୋଜନାରେ ରାଜ୍ୟ ସରକାର ୧୦୦ ଦିନରୁ ୩୦୦ ଦିନକୁ ବୃଦ୍ଧି କରିବା ସହ ୯୮ ଟଙ୍କା ବର୍ଦ୍ଧିତ ମଜୁରି ଦେବା ପାଇଁ ଘୋଷଣା କରିଛନ୍ତି। ଯାହା ଫଳରେ ଲୋକେ ବାହାର ରାଜ୍ୟକୁ କାମ କରିବା ପାଇଁ ନ ଯାଇ ନିଜ ଭିଟାମାଟିରେ ରହି ବର୍ଷକୁ ୩୦୦ ଦିନ କାମ ପାଇ ପାରିବେ। ଶ୍ରମିକ ସ୍ଥାନାନ୍ତରଣ ରୋକିବା ଓ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାରଙ୍କ ଏହି ବଳିଷ୍ଠ ପଦକ୍ଷେପ ବିଷୟରେ ଶ୍ରମିକମାନଙ୍କୁ ସଚେତନ କରିବା ସହ ବାହାର ରାଜ୍ୟକୁ ନ ଯାଇ ନିଜ ଭିଟାମାଟିରେ ସୁରକ୍ଷିତ ରହି କାମ କରିବା ପାଇଁ ସମସ୍ତ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ ସବ୍ କଲେକ୍ଟର ମ୍ୟାଡମ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରାକୃତିକ ସମ୍ପଦ ବିଶେଷଜ୍ଞ ଦେବେନ୍ଦ୍ର ନେଗୀ ମନରେଗା କାର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ବ୍ୟକ୍ତିଗତ ସ୍ତରରେ ଲୋକମାନଙ୍କୁ ଖୁବ୍ ଶୀଘ୍ର ଗାଈ ଗୁହାଳ, ଛେଳି ଗୁହାଳ, ଫାର୍ମ ପଣ୍ଡ, ଜମି ମରାମତି, ଆଦି କାମ ଆବଶ୍ୟକ ଅନୁଯାୟୀ ଜିଲ୍ଲାସ୍ତରରୁ ଅନୁମୋଦନ କରାଇ କାମ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିବା ବେଳେ ବିଡିଓ ପ୍ରଫୁଲ୍ଲ କୁମାର ଓଡୁ ମନରେଗା ଯୋଜନାରେ ଦୈନିକ ବହୁ ସଂଖ୍ୟାରେ ଶ୍ରମିକ ନିୟୋଜିତ ହୋଇ କାମ କରିବା ସହିତ ମନରେଗାରେ ଜିଲ୍ଲା ସ୍ତରରେ ପାଇକମାଲ କୁ ଏକ ନମ୍ବର ବ୍ଲକ କରିବା ପାଇଁ ସମସ୍ତ ଶ୍ରମିକମାନଙ୍କ ସହଯୋଗ ଆବଶ୍ୟକ ବୋଲି ପ୍ରକାଶ କରିବା ସହିତ ପ୍ରତି ଶ୍ରମିକ ପରିବାରଙ୍କୁ ୩୦୦ ଦିନ ଘର ପାଖରେ ବିଭିନ୍ନ ଶ୍ରମ ଭିତ୍ତିକ କାମ ତଥା ଅନ୍ୟାନ୍ୟ ସରକାରୀ ଯୋଜନା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଓଡ଼ିଶା ଜୀବିକା ମିଶନ ବିଷୟରେ ଏମ.ବି.କେ, ସି.ଆର.ପି, କୃଷି ମିତ୍ର ଓ ପ୍ରାଣୀ ମିତ୍ରଙ୍କ ସହିତ ଆଲୋଚନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ନାୟକ,କନିଷ୍ଠ ଯନ୍ତ୍ରୀ ବିଶୋକ ପଟେଲ,ଏପିଓ ଅନୁପମା ସାହୁ, ସରପଞ୍ଚ ଚିତ୍ତ ରଞ୍ଜନ ପ୍ରଧାନ, ପିଇଓ ହେମରାଜ ସାହୁ, ଏଡିଇଓ ସତ୍ୟାନନ୍ଦ ହାତୀ, ମେଟ୍ ଏବଂ ଶତାଧିକ ଶ୍ରମିକ ଉପସ୍ଥିତ ଥିଲେ।

# ବାର୍‌ହା ଫାଶରେ ପଡ଼ି ଛଟପଟ ହେଉଥିଲା କଲରାପତରିଆ, ଉଦ୍ଧାର କଲା ବନ ବିଭାଗ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ବାର୍‌ହା ଫାଶରେ ପଡ଼ିଲା କଲରାପତରିଆ ବାଘ। ଅନୁଗୁଳ ରେଞ୍ଜ କରତପଟା ସେକ୍ସନର ଡିମିରିପାଳ ଜଙ୍ଗଲରେ ଏହି ଘଟଣା ଘଟିଛି। ରାତିରେ ବାର୍‌ହା ଶିକାର ପାଇଁ ଶିକାରୀ ବିଛାଇଥିବା ଜାଲରେ ଏକ କଲରା ପତରିଆ ବାଘ ପଡ଼ିଯାଇଥିଲା। ସକାଳେ ଘଟଣା ସମ୍ପର୍କରେ ଜାଣିବା ପରେ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଘଟିକୁ ଉଦ୍ଧାର କରିଛନ୍ତି।

ସୂଚନା ମୁତାବକ, ଅନୁଗୁଳ ରେଞ୍ଜ କରତପଟା ସେକ୍ସନର ଜଙ୍ଗଲରେ ବିଭିନ୍ନ ସମୟରେ ବନ୍ୟଜନ୍ତୁ ବିପଦରେ ପଡୁଛନ୍ତି। ରାତିରେ ବନ୍ୟଜନ୍ତୁ ଶିକାର ପାଇଁ ଶିକାରୀ ଫାଶ ବିଛାଇଥିବା ବେଳେ ବିଳମ୍ବିତ ରାତିରେ ଏକ କଲରାପତରିଆ ବାଘ ଫାଶରେ ପଡ଼ିଥିଲା। ବାଘର ଗର୍ଜନ ଶୁଣି ସ୍ଥାନୀୟ ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗର କର୍ମଚାରୀ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ବାଘଟିକୁ ଦେଖିବାକୁ ପାଇଥିଲେ। ଏହାପରେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଡାକ୍ତରୀ ଟିମ୍ ଓ ଟ୍ରାଙ୍କୁଲାଇଜ ଟିମ୍ ବାଘକୁ ଟ୍ରାଙ୍କୁଲାଇଜ କରି ଉଦ୍ଧାର କରିଛନ୍ତି।



## ଧାନ କିଣାରେ ଅଚଳାବସ୍ଥା

# ଧାନବସ୍ତା ରଖି ୫୩ନଂ ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ବରଗଡ଼ ଜିଲ୍ଲାରେ ଗତମାସ ୨୮ତାରିଖରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନ ସଂଗ୍ରହ ପ୍ରକ୍ରିୟା ୧୨ ଦିନରେ ପହଞ୍ଚିଛି। ହେଲେ ଧାନ ସଂଗ୍ରହ ପ୍ରକ୍ରିୟା ସ୍ୱାଭାବିକ ହୋଇପାରିନାହିଁ। ଜିଲ୍ଲାର ଗୋଡ଼ଭଗା, ଅତାବିରା ସମେତ ବିଭିନ୍ନ ମଣ୍ଡିରେ ଧାନ ବିକ୍ରି ଅପେକ୍ଷାରେ ହଜାର ହଜାର ବସ୍ତା ଧାନ ପଡ଼ିରହିଛି। ଚାଷୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଧାନ ଉଠାଣ ସ୍ୱାଭାବିକ ହୋଇପାରି ନାହିଁ। ଏହାକୁ ନେଇ ଚାଷୀ ଅସନ୍ତୋଷ ଲାଗି ରହିଛି। ଏହି କ୍ରମରେ ଅସନ୍ତୁଷ୍ଟ ଚାଷୀମାନେ ମଙ୍ଗଳବାର ଗୋଡଭଗା ମଣ୍ଡିରେ ଏକାଠି ହୋଇ ଥିଲେ। ସେଠାରେ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ବିଫଳ ହୋଇଥିଲା। ଫଳରେ ଚାଷୀମାନେ ଗୋଡ଼ଭଗା ମଣ୍ଡି ସମ୍ମୁଖ ୫୩ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଚାଷୀଙ୍କ ରାସ୍ତା ଅବରୋଧ ଯୋଗୁ ଯାନବାହାନ ଚଳାଚଳ ବ୍ୟାହତ ହୋଇଛି। ଶତାଧିକ ଗାଡ଼ି ଅଟକି ରହିଛି।

# ଚାଷୀଙ୍କୁ ଘାରିଛି ଧାନ ବିକ୍ରି ଚିନ୍ତା : ଖୋଲାମେଲାରେ ଧାନ, ମଣ୍ଡି ଖୋଲିବାକୁ ଦାବି

**କେନ୍ଦୁଝର ସଦର, ନ୍ୟୁଜ୍‌ବ୍ୟୁରୋ**



କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍‌ର ପ୍ରାୟ ସମସ୍ତ ପଞ୍ଚାୟତରେ ନଭେମ୍ବର ୧୦ରୁ ୧୫ ତାରିଖ ଭିତରେ ଧାନ ଅମଳ କରି ସାରିଛନ୍ତି ଚାଷୀ। ହେଲେ ଚାଷୀଙ୍କୁ ଏବେ ଚିନ୍ତା ଅମଳ ଧାନ ବିକ୍ରି। ଧାନକୁ ସାଇତି ରଖିବାରେ ଚାଷୀ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଧାନ ଅମଳ ସ୍ଥାନରୁ ଘରକୁ ଆଣିବା ନେବା ଏବଂ ପୁଣି ଘରୁ ବାହାରକୁ ବାହାର କରିବା ଦ୍ୱାରା ଚାଷୀ ପରିବହନ ଏବଂ ଶ୍ରମିକ ବାବଦରେ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି।

ବହୁ ଚାଷୀଙ୍କର ଧାନ ରଖିବା ପାଇଁ ଘର ନାହିଁ। ଧାନ ସବୁ ଖଳା, ଗଛମୂଳ ଦାଣ୍ଡ ବାରଣ୍ଡାରେ ପଡ଼ି ରହିବା ଯୋଗୁଁ ଗାଈ ଗାରୁ ଛେଳି କୁକୁଡ଼ା ଚଢ଼େଇ, ମୂଷା ଖାଇଯାଉଥିବାରୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଜଙ୍ଗଲ ନିକଟବର୍ତ୍ତୀ ଲୋକଙ୍କ ପାଇଁ ହାତୀ ପ୍ରତି ସମ୍ପୂର୍ଣ୍ଣ ବିପଦ ରହୁଛି। ଅମଳ ଧାନ ବାହାରେ ରହୁଛି ବର୍ଷା ଆସିଲେ ଧାନ ଭିଜି ଗଜା ଫିଟିବାର ସୁନିଶ୍ଚିତ। ଚାଷୀ ଧାର କରଜ କରି ଚାଷ କରିଛନ୍ତି। ସରକାର ଧାନ କିଣିବା ବିଳମ୍ବ କରୁଥିବାରୁ ଚାଷୀ ଋଣ ସୁଝିବା ପାଇଁ ବାଧ ହୋଇ ଚାଷୀ ଧାନକୁ ଶାଗ ମାଛ ଦରରେ ବେପାରୀଙ୍କୁ ବିକ୍ରି କରୁଥିବା ଦେଖୁବାକୁ ମିଳିଛି। ଚାଷୀଙ୍କ କହିବା ମୁତାବକ, ଅମଳ ହେବା ପରେ ପରେ ଧାନ ବିକିଲେ ଚଳିବ।

ଫେବୃୟାରୀ ଶେଷ କିମ୍ବା ମାର୍ଚ୍ଚ ମାସ ହେଲେ ଚାଷୀ ଝଡ଼ ତୋଫାନରେ ଶିକାର ହେବେ। ତେଣୁ ସରକାର ନଭେମ୍ବର ଶେଷ ସପ୍ତାହ କିମ୍ବା ଡିସେମ୍ବର ମାସର ପ୍ରଥମ ସପ୍ତାହରୁ ଧାନ କିଣିବା ଆରମ୍ଭ କରିଲେ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ଚାଷୀ ଜଗନ୍ନାଥ ମହାନ୍ତ, ମହେନ୍ଦ୍ର ମହାନ୍ତ, ଦଶରଥ ନାୟକ, ହଳଧର ପରିଡ଼ା, ଶଙ୍କର୍ଷଣ ପରିଡ଼ା, କୁଳମଣୀ ସିଂହ, ଡାକ୍ତର ମହାନ୍ତ, ରାଜେଶ ମୁଦି, ହରେକୃଷ୍ଣ ମହାନ୍ତ, ଦେବାନନ୍ଦ ବାରିକ, ଭଗବାନ ମୁଣ୍ଡା, ରୁଦ୍ର ନାରାୟଣ ଘଣା, ଡାକ୍ତର ବାରିକ, ଗୌତମ ମହାନ୍ତ , ଗୌର ମହାନ୍ତ, ବିଭୂରଞ୍ଜନ ପରିଡ଼ା, ରସାନନ୍ଦ ମହାନ୍ତ ପ୍ରମୁଖ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏ ନେଇ କେନ୍ଦୁଝର ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁଙ୍କୁ ପଚାରିବାରୁ କୁହନ୍ତି ଜିଲ୍ଲାରେ ଆସନ୍ତା ୨୬ ତାରିଖରୁ ଧାନ କିଣା ଆରମ୍ଭ କରାଯିବ। ଏଥି ନିମନ୍ତେ କମିଟି ବୈଠକ ବସୁଛି। ମିଲର ସହିତ ଆଲୋଚନା ଜାରି ରହିଛି ବୋଲି କହିଛନ୍ତି।





# ଶୀତରେ ବଢୁଛି ପରିବା ତାତି

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ଶୀତଦିନ କହିଲେ ମନକୁ ଆସେ କୁହୁଡ଼ି ଘେରା ସକାଳ। ଗରମ ଚା'ଆଉ ହାଟଭର୍ତ୍ତି ସତେଜ ପରିବା। ସକାଳର ଶୀତଲହରି ସାଙ୍ଗକୁ କଅଁଳଖରାରେ ପରିବା କିଣାକିଣିର ଅନୁଭବ ନିଆରା। ଶୀତଋତୁର ସାଧାରଣତଃ ପରିବା ଦର କମିଥାଏ। ଆଉ ଏହି ସମୟରେ ବାହାଘର ଆଦି ଅନୁଷ୍ଠାନ ସାଙ୍ଗକୁ ବଣଭୋଜି ସମସ୍ତଙ୍କ ଚଳଚଞ୍ଚଳ କରିଦିଏ। ଏଥର ପୂର୍ବଭଳି ପରିବା ଦର ବିଶେଷ ହ୍ରାସ ପାଇନାହିଁ। କମ୍ ଟଙ୍କା ନେଇ ବ୍ୟାଗ୍ ଭର୍ତ୍ତି ପରିବା ମିଳିବ ବୋଲି ହାଟକୁ ଗଲେ ତେବେ ଝଟ୍‌କା ଲାଗିପାରେ। ଡିସେମ୍ବର ମାସ ଅଧା ହେବାକୁ ବସିଲାଣି, ତଥାପି ପରିବା ଦର କମିନି। ସାଧାରଣତଃ ଏହି ସମୟରେ ଫୁଲକୋବି, ବନ୍ଧାକୋବି ପ୍ରଭୃତି ପରିବା ଶସ୍ତାରେ ମିଳିଥାଏ, ତାର ଦର ୫୦ ଟଙ୍କା ଯାଏ ରହିଛି। ସେହିପରି ଟମାଟୋ ଶୀତରେ ୨୦ରୁ ୩୦ ଟଙ୍କାରେ ମିଳିବା କଥା, ତାହା ୪୫ ରୁ ୫୦ ଟଙ୍କାରେ ବିକ୍ରି ହେଉଛି। ଗାଜର, ସିମଲା ମରିଚ, ଗ୍ରିନ୍ ମଟର ଦର ମଧ୍ୟ ୮୦ ରୁ ୧୦୦ ଟଙ୍କା ରହିଛି। ଶାଗ ବିଡ଼ା ମଧ୍ୟ ୨୦ ଟଙ୍କାରୁ କମ୍ ନୁହେଁ। ବ୍ୟବସାୟୀମାନଙ୍କ କହିବା ଅନୁଯାୟୀ, ଏଥର ଲଗାଣ ବର୍ଷାର ପ୍ରଭାବ ଯୋଗୁଁ ଓଡ଼ିଶାର ଅନେକ ସ୍ଥାନରେ ଶୀତକାଳୀନ ପରିବା ଚାଷ ନଷ୍ଟ ହୋଇଛି। ସ୍ଥାନୀୟ ଅମଳ ବଜାରକୁ ଆସିବା ବିଳମ୍ବ ହେଉଥିବାରୁ ବାହାର ରାଜ୍ୟ (ଝାଡ଼ଖଣ୍ଡ , ଛତିଶଗଡ଼) ଉପରେ ନିର୍ଭର କରିବାକୁ ପଡ଼ୁଛି। ପରିବହନ ଖର୍ଚ୍ଚ ବଢ଼ିବା ଯୋଗୁଁ ଏହାର ସିଧା ପ୍ରଭାବ ଗ୍ରାହକଙ୍କ ପକେଟ୍ ଉପରେ ପଡ଼ୁଛି। ଏହିଭଳି ଅବସ୍ଥା ଏବେ ରାଉରକେଲା ବଜାରରେ ମଧ୍ୟ ଦେଖିବାକୁ ମିଳିଛି। ଜଣେ ଗୃହିଣୀଙ୍କ କହିବା କଥା, ପୂର୍ବରୁ ୨୦୦ ଟଙ୍କାରେ ସପ୍ତାହକର ପରିବା ହୋଇଯାଉଥିଲା। ଏବେ ୫୦୦ ଟଙ୍କା ନେଲେ ବି ବ୍ୟାଗ୍ ଭର୍ତ୍ତି ହେଉନି। ଡାଲମା କରିବାକୁ ଚାହିଲେ ବି ଦୁଇଥର ଭାବିବାକୁ ପଡୁଛି। ତେବେ ସ୍ଥାନୀୟ ବ୍ୟବସାୟୀଙ୍କ ମତରେ, ଆସନ୍ତା ୧୫-୨୦ ଦିନ ମଧ୍ୟରେ ଓଡ଼ିଶା ତଥା ସ୍ଥାନୀୟ ଅମଳ ବଜାରକୁ ପୂର୍ଣ୍ଣ ମାତ୍ରାରେ ଆସିବା ଆରମ୍ଭ ହେବ। ଥରେ ସ୍ଥାନୀୟ ପରିବା ଆସିଗଲେ ଦରଦାମ୍ ନିୟନ୍ତ୍ରଣକୁ ଆସିବ। ଶୀତଦିନେ ବଜାରରେ ଫୁଲକୋବିର ମୂଲ୍ୟ କମିବା କଥା କିନ୍ତୁ କେଜି ୫୦ ରୁ ୬୦ ଟଙ୍କାରେ ବିକ୍ରି ହେଉଛି।

### ଅଦାଲତଙ୍କ ନିର୍ଦ୍ଦେଶକୁ ବେଖାତିର

# ଜବତ ବାଲିଗାଡିକୁ ଜିମାନାମାରେ ଛାଡିଦେଲା ପୋଲିସ

**ବାରଙ୍ଗ, ନ୍ୟୁଜ ବ୍ୟୁରୋ**

ଅଦାଲତ ନିୟମ ମାନୁ ନାହାଁନ୍ତି ଥାନା ଅଧିକାରୀ। ଅଦାଲତଙ୍କ ବିନା ଅନୁମତିରେ ଛାଡି ଦେଉଛନ୍ତି ଜବତ ହୋଇଥିବା ବେଆଇନ ବାଲି ଗାଡ଼ି। ଏଭଳି କିଛି ଘଟଣା ଦେଖିବାକୁ ମିଳିଛି କଟକ ଜିଲ୍ଲା ବାରଙ୍ଗ ଥାନା ଅଞ୍ଚଳରେ। ସୂଚନା ଅନୁଯାୟୀ ବାରଙ୍ଗ ଥାନା ଅଧିନସ୍ଥ ଗୋଡିସାହି ଫାଣ୍ଡି ପୋଲିସ ଗତ ମାସ ନଭେମ୍ବର ୩୦ ତାରିଖରେ ମୁଣ୍ଡଳୀ ବ୍ୟାରେଜ ଛକରେ ଚେକିଂ କରୁଥିବା ବେଳେ ଦୁଇଟି ବେଆଇନ ବାଲି ବୋଝେଇ ହାଇୱା ଦ୍ରୁତଗତିରେ ଆସୁଥିଲା। ପୋଲିସ ଗାଡ଼ି ଅଟକାଇ ବାଲି ଚାଲାଣର ଆବଶ୍ୟକ କାଗଜପତ୍ର ମାଗିଥିଲେ। କିନ୍ତୁ ଉଭୟ ଗାଡ଼ି ଚାଳକ ଘଟଣାସ୍ଥଳରେ କୈଣସି କାଗଜପତ୍ର ଦେଖାଇ ପାରିନଥିଲେ। ପରେ ଗୋଡିସାହି ଫାଣ୍ଡି ପୁଲିସ ଘଟଣାସ୍ଥଳରୁ ବେଆଇନ ବାଲି ବୋଝେଇ ହାଇୱା ଗାଡ଼ି ଦୁଇଟିକୁ ଜବତ କରିବା ସହିତ ଉଭୟ ଚାଳକଙ୍କୁ ଅଟକ ରଖିଥିଲା। ପରେ ବାରଙ୍ଗ ଥାନା ପୋଲିସ କେସ ନଂ ୬୬୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ଲଘୁ ଖଣିଜ ବିଭାଗର ଅଧିକାରୀଙ୍କୁ ସୂଚନା ଦେଇଥିବା ନେଇ ଥାନା ପକ୍ଷରୁ ସୂଚନା ମିଳିଥିଲା। ତେବେ ରାଜ୍ୟରେ ବେଆଇନ ବାଲି ଚାଲାଣକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ରାଜ୍ୟ ସରକାର ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲାର ଆରକ୍ଷୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ବାରଙ୍ଗ ଥାନା ଅଧିକାରୀ କିଭଳି ବେଆଇନ ବାଲି ଗାଡିକୁ ଅଦାଲତଙ୍କ ବିନା ଅନୁମତିରେ ଛାଡିଦେଲେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ପାଇଁ କଟକ ଡ଼ିସିପିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଅଦାଲତ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ବାରଙ୍ଗ ଥାନା ଅଧିକାରୀ ଖୋଲା ଖୋଲି ଉଲ୍ଲଙ୍ଘନ କରିଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ବସ୍-ବାଇକ୍ ଧକ୍କାରେ ଦୁଇ ଛାତ୍ର ମୃତ




**ଗୁଣପୁର, ନ୍ୟୁଜ ବ୍ୟୁରୋ**

ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ପାଲୁପାଇ ନିକଟରେ ବସ୍-ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଦୁଇ ଛାତ୍ରଙ୍କର ଜୀବନ ଚାଲିଯାଇଛି। ସୂଚନାନୁଯାୟୀ, ଗୁରୁବାର ସକାଳେ ଦୁଇ ଜଣ ଯୁକ୍ତ ଦୁଇ ଛାତ୍ର ଗୁଡାରୀରୁ ବାଡ଼ିସୋଲାକୁ କଲେଜ ଆସୁଥିଲେ। ରାମନାଗୁଡା ବ୍ଲକ ପାଲୁପାଇ ନିକଟରେ ଲାଞ୍ଜିଗଡ଼ରୁ ବ୍ରହ୍ମପୁରକୁ ଯାଉଥିବା ଏକ ଘରୋଇ ବସ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ଉଭୟ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ରାମନଗୁଡ଼ା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ଦୁଇ ଛାତ୍ର ଗୁଡାରି ସୌରା ସାହିର ଦେବେନ୍ଦ୍ର ଶବର (୨୧ ବର୍ଷ) ଏବଂ ଗୁଡାରି ଢେପାଗୁଡା ନିକଟସ୍ଥ ବଡଗୁଡାର ବିଷ୍ଣୁ ଶବର ବୋଲି ଜଣାପଡିଛି।

## ଦୀର୍ଘଦିନର ଦାବି ପରେ ଆଲୋକିତ ହେଲା ଶ୍ମଶାନ ରାସ୍ତା

**ଚୌଦ୍ୱାର, ନ୍ୟୁଜ ବ୍ୟୁରୋ**

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ଅନ୍ତର୍ଗତ ନୂଆସାହି ଶ୍ମଶାନ ରାସ୍ତାକୁ ଆଲୋକିକରଣ କରାଯାଇଛି । ଏହି ରାସ୍ତାରେ ଆଲୋକ ବ୍ୟବସ୍ଥା ନଥିବାରୁ ଶବ ନେବା ଓ ଦାହକାର୍ଯ୍ୟ କରିବାରେ ଲୋକେ ନାନାଦି ହଇରାଣ ହରକତ ହୋଇ ଆସୁଥିଲେ । ପୌରପାଳିକାର ୧୭ ଓ ୧୮ନଂ ୱାର୍ଡର ଲୋକେ ଶବଦାହ ପାଇଁ ନୁଆସାହି ଶ୍ମଶାନରେ ନିର୍ଭର କରିଥାନ୍ତି। ଉକ୍ତ ରାସ୍ତାରେ ଆଲୋକିକରଣ ପାଇଁ ୱାର୍ଡବାସୀ ଦୀର୍ଘଦୀନ ହେଲା ଦାବି କରିଆସୁଥିଲେ । ପୌରପାଳିକା ତରଫରୁ ଉକ୍ତ ରାସ୍ତାରେ ଆଲୋକିକରଣ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି କାର୍ଯ୍ୟକ୍ରମରେ ପୌରଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ ପ୍ରମୁଖ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ନୂତନ ଭାବେ ଲାଗିଥିବା ୫ଗୋଟି ଲାଇଟ୍ ଖୁଣ୍ଟର ଶୁଭ ଉଦ୍‌ଘାଟନ କରିଥିଲେ। ୱାର୍ଡରେ ଆବଶ୍ୟକ ଥିବା ଅନ୍ୟ ସ୍ଥାନ ମାନଙ୍କରେ ଉଜ୍ଜ୍ୱଳ ଲାଇଟର ବ୍ୟବସ୍ଥା କରାଯିବ ବୋଲି ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକା ବିଦ୍ୟୁତ ବିଭାଗ କର୍ମଚାରୀ ବିମଳ କୁମାର ମହାନ୍ତି, ୱାର୍ଡ ଅଫିସର ରଶ୍ମିରଞ୍ଜନ ଦାସ, ଷ୍ଟ୍ରିଟ ଲାଇଟ ଯୋଗାଣକାରୀ ସଂସ୍ଥାର ଚୌଦ୍ୱାର ପ୍ରୋଜେକ୍ଟ ମ୍ୟାନେଜର ସୌରଭ କୁମାର ପାଣ୍ଡେ, ସୌରଭ ବିଶ୍ୱାଳ, ଅଙ୍କିତ କୁମାର, ୱାର୍ଡ ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନ, ବିଭୁ କଲ୍ୟାଣ ମହାନ୍ତି, ଡାନିଏଲ ପାଢୀ, ରଜତ କୁମାର ପଣ୍ଡା, ଆକାଶ ବାରିକ, ଦୀପ୍ତି ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



## ଜବରଦଖଲକାରୀ ଓ ନିଶାଡିଙ୍କ କବଜାରେ ଦୋବଲ ବସ୍‌ଷ୍ଟାଣ୍ଡ



**ଧାମନଗର, ନ୍ୟୁଜ ବ୍ୟୁରୋ**

ଧାମନଗରରଦୋବଲ ରାସ୍ତାର ମୁସ୍ତଫାପୁର ଘୋଡ଼ଗଣ୍ଡ ନାଳ ପାଖରେ ପ୍ରସ୍ତାବିତ ଦୋବଲ ବସଷ୍ଟାଣ୍ଡ ଏବେ ଜବରଦଖଲକାରୀଙ୍କ କବଜାରେ । ବସ୍ ଷ୍ଟାଣ୍ଡ ନିର୍ମାଣ ଲାଗି ରହିଥିବା ୨.୫ ଏକର ଜମିକୁ ଜଣକ ପରେ ଜଣେ କବଜା କରି ଦୋକାନ କରିଲେଣି । ପାଖରେ ମଦ ଦୋକାନ ଥିବାରୁ ଏହି ଜାଗାରେ ଚାଖଣା ଦୋକାନ, ପାନ ଦୋକାନ ଓ ଫ୍ୟାକେଟ ଫୁଡ୍ ଦୋକାନ ସବୁ ଗଢ଼ି ଉଠିଲାଣି। ତା ସହ ମାଟି ପର୍ଡ଼ି ପାଚେରୀ ହୋଇଥିବାରୁ ସେହି ପାଚେରୀ କଡ଼ ଏବେ ମୁକ୍ତାକାଶ ବାର୍ ହୋଇଗଲାଣି। ନିଶାଡ଼ିମାନେ ମଦ ଦୋକାନରୁ ମଦ ଆଣି ଏହି ପାଚେରୀ କଡ଼ରେ ପିଉଥିବା ଦେଖିବାକୁ ମିଳିଛି।

ଦୋବଲ ସମେତ ୮ଟି ପଞ୍ଚାୟତ, ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଭଣ୍ଡାରିପୋଖରୀ ଅଞ୍ଚଳର କିଛି ପଞ୍ଚାୟତର ଲୋକ ଦୋବଲ ବସଷ୍ଟାଣ୍ଡ ଉପରେ ନିର୍ଭର କରନ୍ତି। ଏହିଠାରୁ ଭଦ୍ରକ, ବାଲେଶ୍ୱର, କେନ୍ଦୁଝରର ଘଟଗାଁକୁ ଯିବା ଆସିବା କରିଥାନ୍ତି। ହେଲେ ଷ୍ଟେଟ ବ୍ୟାଙ୍କ ସାମନାରେ ଥିବା ବସଷ୍ଟାଣ୍ଡଟି ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା। ଏହାସହ ସ୍ଥାନୀୟ ଲୋକେ ଜବରଦଖଲ କରି ନେଇଥିଲେ। ଏଣୁ ଏଠାରେ ଜବରଦଖଲ କରି ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା। ଭଦ୍ରକ ଜିଲ୍ଲା ପ୍ରଶାସନର ସୁପାରିସରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଡ଼ାଗଣ୍ଡ ନାଳ ନିକଟରେ ୟୁନାନୀ ମେଡିକାଲକୁ ଲାଗି ନୂଆ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ୨ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ବସଷ୍ଟାଣ୍ଡ ପାଇଁ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଆଉ ୨୦୨୩ ଅଗଷ୍ଟ ୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହି ଅନୁସାରେ ରାଜ୍ୟ ସରକାର ଟେଣ୍ଡର ଆହ୍ୱାନ କରିଥିଲେ। ଠିକାଦାର କାମ ଆରମ୍ଭ କରିଥିଲା। ହେଲେ ବସ ଷ୍ଟାଣ୍ଡ ନିର୍ମାଣ ଲାଗି ଜାଗା ସମତୁଲ କରି ବାଉଣ୍ଡରି ୱାଲ ବା ସୁରକ୍ଷା ପ୍ରାଚୀର କରାଯିବା ଭିତରେ ରାଜ୍ୟରେ ସରକାର ବଦଳିଥିଲା। ଏଠାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ କିଛି ଲୋକ ବିରୋଧ କରିଥିଲେ। ଏ ସ୍ଥାନ ବଦଳରେ ପୁରୁଣା ବସଷ୍ଟାଣ୍ଡ ଜାଗାରେ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କାମ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରଶାସନର ନିର୍ଦ୍ଦେଶ ପରେ ଠିକାଦାର କାମ ବନ୍ଦ କରିଥିଲେ। ଆଉ ପ୍ରକଳ୍ପ ସ୍ଥଳରେ ଗଦା କରିଥିବା ଲୁହା ରଡ଼, ସିମେଣ୍ଟ, ଚିପ୍‌ସକୁ ପ୍ରତ୍ୟେକ ଦିନ ଗାଡ଼ି ଲଗାଇ ଉଠାଇ ନେଇଥିଲେ। ଯାହାକୁ ନେଇ ଲୋକଙ୍କ ମନରେ ଆଶଙ୍କା ଦେଖା ଦେଇଥିଲା। ଏବେ ଏହି ଜାଗା ଜବରଦଖଲକାରୀଙ୍କ କବଜାକୁ ଚାଲିଗଲାଣି।

## ଦୃଷ୍ଟିହୀନଙ୍କୁ ଚିକିତ୍ସା ସହାୟତା ଦେଲେ କ୍ରେଡିଟ କୋ-ଅପରେଟିଭ ବ୍ୟାଙ୍କ



**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ଲି.ର ମୁଖ୍ୟ ଶାଖା ପକ୍ଷରୁ ସହରର ମୀରପାଟଣା ଅଞ୍ଚଳର ଦିବ୍ୟାଙ୍ଗ (ଦୃଷ୍ଟିହୀନ) ଯୁବକ ଗୋଲକ ନାୟକଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଛି। ଗୋଲକଙ୍କ ଷ୍ଟୋନ ଅପରେସନ ପାଇଁ ଆର୍ଥିକ ସମସ୍ୟା ରହିଥିଲା। ଯାହା ଫଳରେ ସେ ଅପରେସନ ପାଇଁ ସକ୍ଷମ ହୋଇ ନଥିଲେ। ଏହି ଖବର କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭର ସଭାପତି ପ୍ରମୋଦ କୁମାର ସାହୁ ଜାଣିବା ପରେ ଗୋଲକଙ୍କ ପରିବାର ସହ ଯୋଗାଯୋଗ କରିଥିଲେ। ମୁଖ୍ୟ କାର୍ଯ୍ୟାଳୟରେ ଦୃଷ୍ଟିହୀନ ଗୋଲକଙ୍କୁ ଶ୍ରୀ ସାହୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାସହ ଆବଶ୍ୟକ ଥିବା ଅଧିକ ଅର୍ଥ ପାଇଁ ଶ୍ରୀ ସାହୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ସଭାପତି ଶ୍ରୀ ସାହୁ କହିଛନ୍ତି ଯେ ବାସ୍ତବିକ ଗୋଲକ ଦୃଷ୍ଟିହୀନ କିନ୍ତୁ ଜଣେ ସ୍ୱାଭିମାନୀ ମଣିଷ। କାରଣ ସେ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ସହର ଶାଖାରୁ ଥରେ ୩୦ ହଜାର ଓ ଆଉଥରେ ଏକ ଲକ୍ଷ ଟଙ୍କା ଋଣ ନେଇ ଠିକ ସମୟରେ ନିୟମିତ ଭାବେ ପରିଶୋଧ କରିଛନ୍ତି। ଏହାସହ ସେ ସ୍ୱାବଲମ୍ବୀ ହୋଇଛନ୍ତି। ତେଣୁ ଜଣେ ଶ୍ରେଷ୍ଠ ଋଣ ପରିଶୋଧକାରୀ ଭାବେ ତାଙ୍କୁ ପୁରସ୍କୃତ କରାଯାଇଛି। ଏହା କେବଳ ଦିବ୍ୟାଙ୍ଗ କାହିଁକି ପୂର୍ଣ୍ଣାଙ୍ଗ ଋଣ ପରିଶୋଧ କାରୀଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ହୋଇ ରହିବ। ଦୃଷ୍ଟିହୀନ ଗୋଲକ ଏକ ଦୃଷ୍ଟିହୀନ ଭଜନ ପରିବେଷଣ ଗ୍ରୁପ ଗଠନ କରିଛନ୍ତି। ଏହି ଗ୍ରୁପ ପରିଚାଳନା ପାଇଁ ଯେତେବେଳେ ଅର୍ଥର ଅଭାବ ପଡେ, ତାଙ୍କୁ ଏହି ସମିତି ସାହାଯ୍ୟର ହାତ ବଢାଇ ଥାଏ। ଏହି ସହାୟତା ପ୍ରଦାନ ବେଳେ କ୍ରେଡିଟ କୋଅପରେଟିଭ ସୋସାଇଟିର ସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ଶାଖା ପରିଚାଳକ ପଙ୍କଜ ମଲ୍ଲିକ, ନୋଡାଲ ମ୍ୟାନେଜର ଦିଲ୍ଲୀପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ଏହି ସହାୟତାକୁ ଜନସାଧାରଣ ବିଶେଷ କରି ଦିବ୍ୟାଙ୍ଗ ବ୍ୟକ୍ତି ମହଲରେ ବେଶ ପ୍ରଶଂସା କରାଯାଇଛି। ସୋସାଇଟି ଅନେକ ସମାଜସେବା କାର୍ଯ୍ୟ ଯେପରି ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନଙ୍କୁ ସହାୟତା, ଗରିବ ଓ ଅସହାୟ ରୋଗୀଙ୍କୁ ଚିକିତ୍ସା ସହାୟତା, ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ ପ୍ରଦାନ କରିଥାଏ ବୋଲି ଶ୍ରୀ ସାହୁ କହିଛନ୍ତି।

### ଆଦିତ୍ୟ ଆଲୁମିନା ରିଫାଇନେରୀ ଦ୍ୱାରା ଶିଶୁ ଉତ୍ସବ ଆୟୋଜିତ

# ଶିଶୁମାନେ ସମାଜର ଭବିଷ୍ୟତ

**ଟିକିରି, ନ୍ୟୁଜ ବ୍ୟୁରୋ**

ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳତା, ଅନୁଭବାଧାରିତ ଶିକ୍ଷା ତଥା କୌଶଳ ଭିତ୍ତିକ ପ୍ରଶିକ୍ଷଣ ପ୍ରୋତ୍ସାହିତ କରିବା ଉଦେଶ୍ୟ ନେଇ ଆଦିତ୍ୟ ଆଲୁମିନା ରିଫାଇନେରୀ (ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍– ଆଦିତ୍ୟ ବିର୍ଲା ଗ୍ରୁପର ଏକ ୟୁନିଟ୍) ପକ୍ଷରୁ ସ୍ଥାନୀୟ ପୋଡ଼ାପାଡି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଶିଶୁ ଉତ୍ସବ ଆୟୋଜିତ ହୋଇଯାଇଅଛି। ପର୍ଶ୍ୱସ୍ଥ ୧୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ଦିନିକିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ୭୦୦ରୁ ଉର୍ଦ୍ଧ୍ୱ ଶିଶୁ ଯୋଗ ଦେଇ ଶିକ୍ଷା, ସୃଜନ ଓ ଅଭିଜ୍ଞାନମୂଳକ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆଦିତ୍ୟ ଆଲୁମିନା ରିଫାଇନେରୀ ୟୁନିଟ୍ ମୁଖ୍ୟ ଓ ଅଧକ୍ଷ ମଜହର ବେଗ୍ ଅଧିକାରୀ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ମଜହର ବେଗ୍ କହିଥିଲେ ଯେ, ଶିଶୁମାନେ ସମାଜର ଆଗାମୀ ଭବିଷ୍ୟତ । ସେମାନଙ୍କ ଶିକ୍ଷା, ସୃଜନଶୀଳତା ଏବଂ ସମଗ୍ରିକ ଉନ୍ନୟନ ପାଇଁ ଉପଯୁକ୍ତ ମଞ୍ଚ ସୃଷ୍ଟି କରିବା ଆମର ଦାୟିତ୍ୱ। ଏହି ଉତ୍ସବ ମାଧମରେ ପ୍ରତ୍ୟେକ ଶିଶୁର ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପ୍ରୟାସ, ଓ ସେମାନଙ୍କ ଉନ୍ନତ ଭବିଷ୍ୟତ ଗଢିବାରେ ଆମେ ଅଂଶୀଦାର ହେବାରେ ଗର୍ବିତ ବୋଲି ଶ୍ରୀ ବେଗ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ



ମଧ୍ୟରେ ଶ୍ରୀ ପବିତ୍ର ନାୟକ ଅତିରିକ୍ତ ବ୍ଲକ ଅଧିକାରୀ କଶିପୁର, ପଦ୍ମିନୀ ପୁଜାରୀ, ପୋଡପାଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ସମେତ ରମେଶ୍ ଦୁବାଡା, ନିର୍ମାଣ ମୁଖ୍ୟ ବସୁଦେବ ଖୁଣ୍ଟିଆ, ଏଫ୍ ଆଣ୍ଡ ସି ମୁଖ୍ୟ ଦୀପକ ମହାନ୍ତି – ମାନବ ସମ୍ବଳ, ଆଇଆର, ଆରଆର ସିଏସଆର୍ ଓ ଓଏଚସି ମୁଖ୍ୟ ତନ୍ମୟ ମହାନ୍ତି – ପ୍ରକଳ୍ପ ପରିଚାଳକ, ସିଏସଆର.ଆର୍ ଓ ଆର.ଏସଏମସି ଅଧକ୍ଷ ଅର୍ଜୁନ ଝୋଡିଆ, ପୂର୍ବତନ ଏସଏମସି ଅଧକ୍ଷ ବିଜୟ ରନ୍ ଚୌଧୁରୀ, ରାମକାନ୍ତ ମହାନ୍ତି ଓ ରାଜେନ୍ଦ୍ର ଦୁରିଆ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୬ଟି ଶିକ୍ଷାମୂଳକ ଷ୍ଟଲ୍, କଳା, ବିଜ୍ଞାନ, ଗଣିତ, ପରିବେଶ, ଯୋଗ ଓ ସ୍ୱାସ୍ଥ୍ୟ ଏବଂ ଶିକ୍ଷଣ ଭିତ୍ତିକ ସାମଗ୍ରୀ ତଥା ଶିଶୁମାନଙ୍କୁ ନୂଆ ଧାରଣା ଅନ୍ୱେଷଣ, କୌଶଳ ବିକାଶ ଏବଂ ପ୍ରତିଭା ପ୍ରଦର୍ଶନ ହୋଇଥିଲା। ଉକ୍ତ ଉତ୍ସବରେ ଆକର୍ଷଣୀୟ ବିଷୟବସ୍ତୁ "ଡମି ଡଲ୍ସ ଓ ଫୁଡ୍ କୋର୍ଟ୍" ପ୍ରଦର୍ଶିତ ହୋଇଥିଲା। ଯାହା ଶିଶୁମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଏବଂ ଉତ୍ସାହ ସୃଷ୍ଟି କରିଥିଲା। ଏହି ଅବସରରେ ଶିଶୁମାନଙ୍କୁ ସମ୍ମାନିତ ପାଇଁ ବିଭିନ୍ନ ପୁରସ୍କାର ଓ ସାର୍ଟିଫିକେଟ୍ ବିତରଣ କରାଯାଇଅଛି। ଏହି ଉପଲକ୍ଷେ ସ୍ଥାନୀୟ ଗ୍ରାମବାସୀ, ଶିକ୍ଷକ, ବିଦ୍ୟାଳୟ ପ୍ରଶାସନ ଏବଂ ଶିଶୁମାନଙ୍କ ସକ୍ରିୟ ଯୋଗଦାନରେ ଏହି ଶିଶୁ ଉତ୍ସବ ସଫଳ ଏବଂ ସ୍ମରଣୀୟ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଶିଶୁମାନେ ଏହାକୁ ଭରପୁର ଉପଭୋଗ କରିଥିଲେ।

## ଛାତ୍ରୀଙ୍କୁ ପ୍ରାଧାପକ ନିର୍ଯାତନା ନେଇ ଅଭିଯୋଗ

### ଥାନାକୁ ଜଣାଇଲେ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର

**ବାରିପଦା, ନ୍ୟୁଜ ବ୍ୟୁରୋ**

ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କୁ ପ୍ରାଧାପକ ଅସଦାଚରଣ କରି ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଛାତ୍ରୀଙ୍କ ଅଭିଯୋଗକ୍ରମେ ପ୍ରାଧାପକ ପାର୍ଥ ସାରଥୀ ଚୌଧୁରୀ ନାମରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରେଜିଷ୍ଟ୍ରାର ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ଜୈନିକା ଛାତ୍ରୀ ଜଣକ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିବା ବେଳେ ପିଏଚଡି ନିମନ୍ତେ ଇଣ୍ଟରଭିୟୁ ଦେଇଛନ୍ତି। ଏହାପରେ ପ୍ରାଧାପକ ଶ୍ରୀ ଚୌଧୁରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିସରକୁ ଉକ୍ତ ଛାତ୍ରୀଙ୍କୁ ଡାକିଥିଲେ। ତାଙ୍କୁ ଇଣ୍ଟରଭ୍ୟୁରେ ଯୋଗ୍ୟ ଦେବା ପାଇଁ ତାଙ୍କ କଥା ମାନିବାକୁ କହିଥିଲେ। ଏହାପରେ ତାଙ୍କ ହାତକୁ ଚୁମ୍ବନ ଦେଇ ଅସଦାଚରଣ କରିଥିଲେ। ଉକ୍ତ ଘଟଣା ପରେ ପ୍ରାଧାପକ ଜଣକ ଛାତ୍ରୀଙ୍କୁ ହ୍ୱାଟସପରେ ମେସେଜ କରି ମାନସିକ ନିର୍ଯ୍ୟାତନା ଦେଉଥିଲେ। ଯାହାକୁ ନେଇ ସେ ରେଜିଷ୍ଟ୍ରାରଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୨।୧୨।୨୦୨୫, ମାର୍ଗଶିର ଦି୨୭ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୬।୧୧।୪୯** **ଚନ୍ଦ୍ରୋଦୟ-ରାଘ୧୨।୨୬।୦୮**

**ଅଷ୍ଟମୀ-** ଦିଘ୨।୫୭ପର୍ଯ୍ୟନ୍ତ । **ଉତ୍ତରାଫାଲଗୁନିନକ୍ଷତ୍ର-** ନିଘ ୫।୫୦ ପର୍ଯ୍ୟନ୍ତ **ସିଂହଚନ୍ଦ୍ର-ଦିଘ୧୦।୨୧ପର୍ଯ୍ୟନ୍ତ। ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର ଦିଘ୧୦।୨୧ମେଷ,ମିଥୁନ,କର୍କଟ,କନ୍ୟା,ତୁଳା,ବିଛା,ଧନୁ ଓ ମୀନ ରାଶୀର। **ଘାତ ଚନ୍ଦ୍ର-**କର୍କଟ ଓ ମକର ରାଶୀର ଦିଘ୧୦।୨୧ଗତେ ବୃଷ ରାଶୀର। **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ନଡିଆ ଦିଘ୨।୫୭ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪୩ ଗତେ ଘ ୮।୫୮ ମଧ୍ୟେ । ଦିଘ ୧୨।୦୨ ଗତେ ଘ ୨।୫୬ ମଧ୍ୟେ ।



**ମେଷ:** ଶତ୍ରୁମାନେ ସମସ୍ୟା ସୃଷ୍ଟି କରିପାରନ୍ତି । ଭଲ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନରେ ବିଶୃଙ୍ଖଳା ଦେଖାଦେବାର ସୂଚନା ।



**ବୃଷ:** ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେଇପାରେ । ତଥାପି ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ବ୍ୟବସାୟ ମଧ୍ୟମ ଧରଣର ହେବ । ପିଲାଙ୍କ ପାଇଁ ଚିନ୍ତିତ ହେବାର ସୂଚନା । ମନ ଅସ୍ଥିର ରହିବ ।



**ମିଥୁନ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରିବେ । ମହିଳାମାନେ ସୁଖୀ ହେବେ । ପାରିବାରିକ ଜୀବନରେ ଖୁସିର ବାତାବରଣ ରହିବ । ରୋଜଗାର ଭଲ ହେବ । ଶରୀର ସୁସ୍ଥ ରହିବାର ସୂଚନା ।



**କର୍କଟ:** ଦିନଟି ଆପଣଙ୍କର ସେତେ ଭଲରେ କଟିବ ନାହିଁ ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧୀ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ କଳହ ଓ ଅଶାନ୍ତି ଦେଖାଦେବ ।



**ସିଂହ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବେ । ରୋଜଗାରର ପରିମାଣ ବଢିବ । ଘରେ ଶାନ୍ତିର ବାତାବରଣ ରହିବ । ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।



**କନ୍ୟା:** ଦୂରକୁ ଯାତ୍ରା କରିବାର ସମ୍ଭାବନା । ନୂଆ ବନ୍ଧୁ ଜୁଟି ପାରନ୍ତି । ଉତ୍ତମ ଭୋଜନରେ ଆପାୟିତ ହେବେ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ରୋଜଗାର ମଧ୍ୟମ ଧରଣର ହେବାର ସୂଚନା ।



**ତୁଳା:** ଧର୍ମକାର୍ଯ୍ୟ କରିପାରନ୍ତି । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଶରୀର ସୁସ୍ଥ ରହିବ । ଆୟ ମଧ୍ୟମ ଧରଣର ହେବ । ଘରେ ସୁଖ ଶାନ୍ତି ଲାଭ ହେବାର ସୂଚନା।



**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରିବେ। ଦେବ ଦର୍ଶନ କରପାରନ୍ତି । କଚେରୀ ମାମଲାର ଶୁଣାଣୀ ବିଳମ୍ବ ହୋଇପାରେ । ଆର୍ଥିକ ସ୍ଥିତି ଭଲ ରହିବ । ଗୃହରେ ଶାନ୍ତି ।



**ଧନୁ:** କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ । ବ୍ୟବସାୟ ମଧ୍ୟମ ଧରଣର ଚାଲିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଦୂରଯାତ୍ରା କରିପାରନ୍ତି ।



**ମକର:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ । ଶୁଭ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ।



**କୁମ୍ଭ:**କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ କରି ଉପକୃତ ହେବାର ସୂଚନା ।



**ମୀନ:**ଚାକିରୀ କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ଲାଭ କରିବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ । ଦେହ ଓ ମନ ଭଲ ରହିବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୩।୧୨।୨୦୨୫, ମାର୍ଗଶିର ଦି୨୮ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୧୨।୨୫** **ଚନ୍ଦ୍ରୋଦୟ-ରାଘ୧।୧୫।୦୩**

**ନବମୀ-** ଦିଘ୪।୩୮ପର୍ଯ୍ୟନ୍ତ । **ହସ୍ତାନକ୍ଷତ୍ର ଓ କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-**ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର। **ଘାତ ଚନ୍ଦ୍ର-**ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ୪।୩୦ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪୩ ଗତେ ଘ ୮।୫୮ ମଧ୍ୟେ । ଦିଘ ୧୨।୦୨ ଗତେ ଘ ୧।୦୧ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ମୁଖ୍ୟମନ୍ତ୍ରୀ ପଦକୁ ନେଇ କର୍ଣ୍ଣାଟକରେ କଳ୍ପନାଜଳ୍ପନା !

କର୍ଣ୍ଣାଟକରେ କ୍ଷମତାସୀନ କଂଗ୍ରେସ ଦଳ ମଧ୍ୟରେ ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ନିଯୁକ୍ତିକୁ ନେଇ ବର୍ତ୍ତମାନ କଳ୍ପନାଜଳ୍ପନା ଚାଲିଛି । ଉଭୟ ପକ୍ଷ ନିଜ ନିଜର ଦାବି କରୁଛନ୍ତି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ତାଙ୍କର ପାଞ୍ଚ ବର୍ଷର କାର୍ଯ୍ୟକାଳ ପୂରଣ କରିବେ ବୋଲି କହିଛନ୍ତି । ପୁଣି ଥରେ ପଦବୀ ବଜାୟ ରଖିବାର ତାଙ୍କର ଉଦ୍ଦେଶ୍ୟ ସମ୍ପର୍କରେ ଇଙ୍ଗିତ କରି, ସେ ଘୋଷଣା କରିଛନ୍ତି ଯେ ସେ ଆସନ୍ତା ବର୍ଷ ତାଙ୍କର ରେକର୍ଡ ୧୭ତମ ବଜେଟ୍ ଉପସ୍ଥାପନ କରିବେ । ଏହି ସମୟରେ, ଉପମୁଖ୍ୟମନ୍ତ୍ରୀ ଶିବକୁମାର କହିଛନ୍ତି ଯେ, ସେ ସବୁଦିନ ପାଇଁ ପଦବୀରେ ରହିପାରିବେ ନାହିଁ । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ଯିଏକି ରାଜ୍ୟ ଅର୍ଥ ବିଭାଗ ମଧ୍ୟ ରହିଛି । ଚଳିତ ବର୍ଷ ମାର୍ଚ୍ଚ ମାସରେ ସେ ତାଙ୍କର ୧୬ତମ ବଜେଟ୍ ଉପସ୍ଥାପନ କରିଥିଲେ । ସେ କହିଥିଲେ, 'ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଅର୍ଥମନ୍ତ୍ରୀ ହୋଇଥିଲି, ଏକ ଖବରକାଗଜ ଲେଖିଥିଲା, ' ସିଦ୍ଧରମୈୟା ୧୦୦ଟି ମେଣ୍ଢା ମଧ୍ୟ ଗଣି ପାରିବେ ନାହିଁ । ସେ କର୍ଣ୍ଣାଟକର ଅର୍ଥମନ୍ତ୍ରୀ ଭାବରେ କିପରି କାର୍ଯ୍ୟ କରିବେ ?' କିନ୍ତୁ ମୁଁ ଏହାକୁ ଏକ ଚ୍ୟାଲେଞ୍ଜ ଭାବରେ ଗ୍ରହଣ କରିଛି । ଏପର୍ଯ୍ୟନ୍ତ, ମୁଁ ୧୬ଟି ବଜେଟ୍ ଉପସ୍ଥାପନ କରିଛି । ଏବଂ ଏହା ପରେ, ମୁଁ ଆସନ୍ତା ବର୍ଷ ୧୭ତମ ବଜେଟ୍ ଉପସ୍ଥାପନ କରିବି ।' ତେବେ ଆସନ୍ତା ବର୍ଷ ମାର୍ଚ୍ଚ ମାସରେ କର୍ଣ୍ଣାଟକ ବଜେଟ୍ ୨୦୨୬-୨୭ ଉପସ୍ଥାପନ ହେବାର ସମ୍ଭାବନା ରହିଛି ଏବଂ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ରାଜ୍ୟରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ନେଇ କଳ୍ପନାଜଳ୍ପନା ଚାଲିଥିବା ସମୟରେ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଆସିଛି । ସେପଟେ ରାଜ୍ୟର କଂଗ୍ରେସ ସରକାର ନଭେମ୍ବରରେ ପାଞ୍ଚ ବର୍ଷର କାର୍ଯ୍ୟକାଳର ଅଢ଼େଇ ବର୍ଷ ପୂରଣ କରିବ ଏବଂ କେତେକ ଏହାକୁ 'ନଭେମ୍ବର ବିପ୍ଳବ' ବୋଲି କହୁଛନ୍ତି । ୨୦୨୩ ମଇରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନର ଫଳାଫଳ ପରେ, ମୁଖ୍ୟମନ୍ତ୍ରୀ ପଦ ପାଇଁ ସିଦ୍ଧରମୈୟା ଏବଂ ଡିକେ ଶିବକୁମାରଙ୍କ ମଧ୍ୟରେ କଡ଼ା ପ୍ରତିଯୋଗିତା ହୋଇଥିଲା ଏବଂ ଦୀର୍ଘ କସରତ ପରେ, କଂଗ୍ରେସ ହାଇକମାଣ୍ଡ ଶିବକୁମାର ଉପମୁଖ୍ୟମନ୍ତ୍ରୀ ହୋଇଥିଲେ ।ଏହା ପରେ ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଥିଲା ଯେ 'ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଫର୍ମୁଲା' ଆଧାରରେ ଦୁଇ ନେତାଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଛି, ଯାହା ଅନୁଯାୟୀ ସିଦ୍ଧରମୈୟା ପ୍ରଥମେ ଅଢ଼େଇ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ହେବେ ଏବଂ ତା'ପରେ ଅଢ଼େଇ ବର୍ଷ ପରେ ଶିବକୁମାର ରାଜ୍ୟର ମୁଖ୍ୟମନ୍ତ୍ରୀ ହେବେ, ଯଦିଓ ଏହି ଫର୍ମୁଲା ବିଷୟରେ ଦଳ ପକ୍ଷରୁ କେବେ କିଛି କୁହାଯାଇ ନଥିଲା ।

ଆଉ ଏହାରି ମଧ୍ୟରେ କର୍ଣ୍ଣାଟକର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କାହାର ନାମ ନ ନେଇ ଏକ କଡ଼ା ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି । ବୁଧବାର ଏକ କାର୍ଯ୍ୟକ୍ରମରେ ସେ ରାଜ୍ୟ ଦଳର ମୁଖ୍ୟ ପଦ ଛାଡିବାକୁ ପରାମର୍ଶ ଦେଇ କହିଛନ୍ତି, 'ମୁଁ ସ୍ଥାୟୀ ଭାବରେ ଏହି ପଦବୀରେ ରହିପାରିବି ନାହିଁ ।' ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, ଶିବକୁମାର କହିଛନ୍ତି ଯେ ସେ ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ ରାଜ୍ୟ ମୁଖ୍ୟ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ଅନ୍ୟମାନଙ୍କୁ ସୁଯୋଗ ଦିଆଯିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, 'ମୁଁ ରହେ କି ନ ରହେ, କିଛି ଫରକ ପଡ଼େ ନାହିଁ । କିନ୍ତୁ ମୁଁ ମୋ ସମୟରେ ଅତି କମରେ ୧୦୦ ଟି ଦଳୀୟ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଚାହୁଁଛି ।'

## ସରକାରୀ କାର୍ଯ୍ୟ ଓ କାର୍ଯ୍ୟାଳୟ

ମୃଣାଳମନ୍ତ୍ର



ମୃଣାଳ
ମୋ :୯୧ ୯୪୩୭୦ ୨୬୧୯୪

ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ ଯାହା ହୁଏ ତାହା ସମସ୍ତେ ଉଣାଅଧିକେ ଜାଣନ୍ତି । ଟେବୁଲ ଉପରେ ସ୍ତୁପୀକୃତ ଫାଇଲ୍ ଗୁଡ଼ିକ ଯେମିତି ଅଚଳ ମହାମେରୁ । ତା ଉପରେ ବାଦଲ ଭଳି ଅଳନ୍ଧୁ । ହେଲେ ମହାମେରୁ ବି ସଚଳ ହୁଏ । ସେ ଉପାୟ ଯିଏ ଜାଣେ ସେ ଯାଦୁମନ୍ତ୍ରରେ ଅଚଳ ମହାମେରୁକୁ ସଚଳ କରିଦିଏ । ଟପ୍ ଟପ୍ ଟେବୁଲ୍ ଡେଇଁ ଫାଇଲ୍ ଛୁଟି ଚାଲେ । ତେବେ ଏମିତି ଉପାୟ ଜାଣିଥିବା ଲୋକଙ୍କ ସଂଖ୍ୟା କମ । ତେଣୁ କାର୍ଯ୍ୟବି ହୁଏ କମ ।

ସରକାରୀ କାର୍ଯ୍ୟାଳୟରେ ଏତେ କମ କାର୍ଯ୍ୟ କାହିଁକି ହୁଏ, ସେ ସମ୍ପର୍କରେ ବଙ୍ଗଳାର ପ୍ରଖ୍ୟାତ ଔପନ୍ୟାସିକ ସୁନୀଲ ଗଙ୍ଗୋପାଧ୍ୟାୟ ବେଶ ପ୍ରଣିଧାନଯୋଗ୍ୟ କଥା କହିଛନ୍ତି । ସୁନୀଲ ତାଙ୍କ ତରୁଣ ଜୀବନରେ କିଛି ଦିନ ସରକାରୀ ଅଫିସ୍‌ରେ କିରାଣୀ ଥିଲେ । କଥା ଗୁଡ଼ିକ ତାଙ୍କ ବାସ୍ତବ ଅଭିଜ୍ଞତା ପ୍ରସୂତ । ସେ ଲେଖିଛନ୍ତି, ସରକାରୀ ଅଫିସ୍‌ରେ କାମ ବେଶୀ ନ ହେବାର କାରଣ ହେଲା, ଏଠି କାମ ହିଁ କମ । କମ କାମକୁ ବେଶୀ ଲୋକ । ତେଣୁ ଯେବେ ହେଲେ କରିଦେବା ମାନସିକତାରେ ଅଧିକାଂଶ ଲୋକ କାମକୁ ପକେଇ ରଖନ୍ତି । ସପ୍ତାହର କାମକୁ ଦିନକରେ ସାରି ହୁଏ ବୋଲି କାମକୁ ସପ୍ତାହର ଶେଷ ଦିନ ଯାଏଁ ପକେଇ ରଖିଥାନ୍ତି । ମର୍ଫିଙ୍କ ଗୋଟେ କଥା ଏ ପରିପ୍ରେକ୍ଷୀରେ ପ୍ରଣିଦାନଯୋଗ୍ୟ । ସେ କହିଥିଲେ ଓ୍ୱାର୍କ ଏକ୍ସପାଣ୍ଡ୍‌ସ ଆକର୍ଡିଂ ଟୁ ଦି ଆଭେଲିବିଲିଟି ଅଫ ଟାଇମ୍ । ଅର୍ଥ : କେତେ ସମୟ ମିଳୁଛି ତାକୁଇ ଚାହିଁ କାମ ବଢ଼େ । ଗୋଟେ ଚିଠି ଟାଇପ୍ କରିବାକୁ ଯଦି ଜଣେ ଟାଇପିଷ୍ଟ୍‌କୁ ପାଞ୍ଚ ଘଣ୍ଟା ଦିଆଯିବ, ତେବେ ସେ ସବୁତକ ସମୟ ଏଇଥିରେ ଲଗେଇ ଦେବ । ଯଦି ଅଧଘଣ୍ଟା ଦିଆଯିବ, ତେବେ କାମ ଅଧଘଣ୍ଟାରେ ହେବ । ଆମ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାମ ତୁଳନାରେ କର୍ମଚାରୀଙ୍କ ସଂଖ୍ୟା ଏତେ ଅଧିକ ଯେ ଅଧିକାଂଶ ସେମାନଙ୍କ କାମ କଣ ତାହା ଜାଣନ୍ତିନି । ସେମାନେ ନ ରହିଲେ ବି କାମରେ କିଛି ଫରକ ପଡ଼େନି । ତେଣୁ ସେମାନେ ଅଫିସ୍‌ରେ ହାଜିରା ଦେବାକୁ ସେମାନଙ୍କ ଏକମାତ୍ର କାମ ବୋଲି ବିଚାର କରି କେବଳ ତାହାହିଁ କରନ୍ତି । ଜଣେ ସରକାରୀ କର୍ମଚାରୀ ଦିନେ ବେମାର ପଡ଼ି ହାସପାତାଳରେ ଭର୍ତ୍ତି ହେଲା । ପ୍ରଥା ଅନୁସାରେ ତାର ସହକର୍ମୀମାନେ ଏବଂ ଉପରସ୍ଥ ଅଫିସର ତାକୁ ଦେଖିବାକୁ ଗଲେ ହାସପାତାଳ । ଫେରିଲା ବେଳେ ଅଫିସ ଚୁପ୍ କରି ତାକୁ କହିଲେ, ଆପଣ ଅଫିସ୍‌ରେ କଣ କାମ କରୁଥିଲେ ତାହା ଯଦି ମୋତେ କହନ୍ତେ, ତେବେ ସେଇ କାମଟା ଏବେ ମୁଁ ଆଉ କାହାକୁ ଦିଅନ୍ତି । କେହି ଜାଣିପାରୁନାହାନ୍ତି ଆପଣ କଣ କାମ କରୁଥିଲେ ।

ଏବେ ଦିଟା ବାଘ କଥା । ନନ୍ଦନକାନନରୁ ଦିନେ ଦୁଇଟି ବାଘ ପଳେଇଗଲେ । ଛ ମାସ ପରେ ଦୁହେଁ ଯାକ ନନ୍ଦନକାନନକୁ ଫେରି ଆସିଲେ । ଜଣେ ବେଶ ମୋଟାସୋଟା ହୋଇ ଯାଇଛି, ଆଉ ଜଣକ ରୋଗାଭୋଗା । ନିଜ ନିଜର ଅଭିଜ୍ଞତା ବିଷୟରେ କଥାବାର୍ତ୍ତା ହେଉଥିଲେ ଦୁହେଁ ।

ରୋଗା ବାଘଟି କହିଲା, ମୁଁ କଳାହାଣ୍ଡି ଯାଇଥିଲିରେ ଭାଇ । ହେଲେ ସେଠି ଆଉ ଜଙ୍ଗଲ ନାହିଁ ଗାଇଗୋରୁ ବି ଏତେ ରୋଗା- ମାଉଁସ ଟିକେ ନାହିଁ ଦେହରେ । ଖାଲି ହାଡ଼ । ଅନାହରରେ ମରିଥାନ୍ତି । ସେଇଥିପାଇଁ ଚାଲି ଆସିଲି । ମୋଟା ବାଘଟି କହିଲା, ମୁଁ ଭଲ ଜାଗାରେ ପହଞ୍ଚିଥିଲିରେ ଭାଇ । ସେକ୍ରେଟାରିଏଟ୍‌ରେ ପଶିଥିଲି । ପ୍ରତିଦିନ ଜଣେ କିରାଣୀ ଧରି ଖାଉଥିଲି । କେହି ଜାଣି ବି ପାରୁନଥିଲେ । ସବୁ ଠିକ୍ ଠାକ୍ ଚାଲିଥିଲା । ହେଲେ ସେଦିନ ଭୁଲ୍‌ରେ ସେକ୍ରେଟାରିଏଟ୍‌ରେ ଜଣେ ଚା'ବାଲାକୁ ଖାଇଦେଲି । ଚା' ବନ୍ଦ ହେବାରୁ କିରାଣୀବାବୁମାନଙ୍କ ମୁଣ୍ଡ ବିଗିଡ଼ିଗଲା । ସେମାନେ ଖୁବ ପାଟିତୁଣ୍ଡ କଲେ । ମୋତେ ମାରି ଗୋଡ଼େଇଲେ । ପଳେଇ ଆସିଲି । ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ କାମ ତ କରନ୍ତି ନାହିଁ, ଆଉ ଯଦି କାମ କରନ୍ତି, ତେବେ କେମିତି କରନ୍ତି ? ସରକାରୀ କାମ କେମିତି ହୁଏ - ତାର ଗୋଟେ ଉଦାହରଣ: ଦିନେ ସକାଳେ ଦେଖାଗଲା, ଜଣେ ଲୋକ ରାସ୍ତା କଡ଼ରେ ଗାତ ଖୋଳୁଛି, ଜଣେ ସେ ଗାତକୁ ପୋତି ଦଉଛି । ଲୋକେ ପଚାରିଲେ, ଇଏ କଣ ହେଉଛି । - କଣ ହେଉଛି ଆମେ ଜାଣିନୁ, ଆମକୁ ଏଇଆ କରିବାକୁ କୁହାଯାଇଛି । ଆରେ ଏଥିରେ ଲାଭ କଣ ? ଲାଭ ଲୋକସାନ କଥା ଜାଣିନୁ । ଯାହା କରିବାକୁ କୁହାଯାଇଛି, ତାହାହିଁ କରୁଛୁ। ମୋ କାମ ଗାତ ଖୋଳିବା, ଆଉ ତା କାମ ଗାତ ପୋତିବା । ଆଉ ଜଣେ ଆସିବାର ଥିଲା, ସେ ଆସିନି । ତା କାମ ଥିଲା ମୁଁ ଗାତ ଖୋଳିବା ପରେ ଗଛ ଲଗେଇବା। ସେ ଗଛ ଲଗେଇ ସାରିଲେ ଇଏ ଗାତ ପୋତିଥାନ୍ତା । ତ ସିଏ ଆସିନି ବୋଲି କଣ ଆମେ ବସିଥିବୁ ? ଆମକୁ ଯାହା କରିବାକୁ କୁହାଯାଉଛି, ଆମେ କରିଦେଉଛୁ ।

# ବୟସ୍କମାନଙ୍କ ପ୍ରତି ଅବିଚାର



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ଭାରତୀୟ ଯୌଥ ପରିବାର ମଧ୍ୟରେ ଜ୍ୟେଷ୍ଠମାନଙ୍କୁ ଜ୍ଞାନ, ଅଭିଜ୍ଞତା ଓ ପ୍ରଜ୍ଞାର ଭଣ୍ଡାର ବୋଲି ସର୍ବଦା କନିଷ୍ଠମାନଙ୍କର ବିଚାର ରହିଛି । ପୁତ୍ରମାନେ ଯେତେ ବୟସ୍କ ହୁଅନ୍ତୁ ନା କାହିଁକି ପିତା, ମାତା, ବଞ୍ଚିଥିବାବେଳେ ସେମାନେ ସର୍ବଦା ତରୁଣ ଓ ସ୍ୱପ୍ନଶୀଳ ବୋଲି ନିଜକୁ ଭାବି ନେଇଥାନ୍ତି । କୌଣସି କଥାରେ ସେମାନଙ୍କର ଖାତିର ନଥାଏ । ଏପରିକି ଯୌଥ ପରିବାରମାନଙ୍କରେ ତିନି ଚାରି ପୁରୁଷର ପିଲାମାନେ ଏକତ୍ର ଥିବାର ବହୁ ସ୍ଥାନରେ ଦେଖାଯାଏ । ଯେହେତୁ ପିତାମାତା ଅଛନ୍ତି ତେଣୁ ପିଲାମାନେ ଘର ପ୍ରତି ସେତେଟା ଯତ୍ନଶୀଳ ହୁଅନ୍ତି ନାହିଁ । ଯୌଥ ପରିବାରମାନଙ୍କରେ ବୟସ୍କ ବ୍ୟକ୍ତିମାନଙ୍କର ପରାମର୍ଶକୁ ପ୍ରତ୍ୟେକ ଗୁରୁବାକ୍ୟ ବୋଲି ଧରି ନେଇଥାନ୍ତି । ଅବଶ୍ୟ ଏଭଳି ଯୌଥ ପରିବାର କ୍ରମଶଃ ଲିଭି ଆସିଲାଣି । ପିତାମାତା ଥିବା ଗୋଟିଏ ପରିବାରର ପିଲାମାନେ ବି ବିବାହ ହେବାପରେ ପ୍ରାୟଶଃ ନିଜ ନିଜର ପରିବାର ସୃଷ୍ଟି କରିଥାନ୍ତି । ପୁତ୍ରମାନେ ବିବାହ କଲାପରେ ଅନ୍ୟତ୍ର ସେମାନଙ୍କୁ ରହିବାକୁ ପଡ଼ିଥାଏ ଓ ଝିଅମାନେ ବି ବିବାହ ପରେ ନିଜ ନିଜର ଶ୍ୱଶୁରାଳୟକୁ ଚାଲିଯାଇଥାନ୍ତି । କେବଳ ଘରେ ରହିଯାଇଥାନ୍ତି ବୃଦ୍ଧ ପିତାମାତା । ସାହାଯ୍ୟ କରିବାକୁ ସେମାନଙ୍କ ପାଖରେ କେହି ନଥାନ୍ତି । କଦବା କେତେବେଳେ ପିଲାମାନେ ସେମାନଙ୍କୁ ଦେଖିବା ଆଳରେ ଉପସ୍ଥିତ ହୋଇଥାନ୍ତି । ମାତ୍ର ଭୁଲିଯାଇଥାନ୍ତି ଯେ ସେହି ବୟସ୍କ ଓ ବୟସ୍କା ଦୁଇଜଣ କିପରି ସେମାନଙ୍କର ବଞ୍ଚିଥିବା ଜୀବନ କଟାଉଛନ୍ତି । ଯଦି ପିତାମାତା କିଛିଦିନ ସେମାନଙ୍କ ପାଖକୁ ଗଲେ ତେବେ ଅଳ୍ପଦିନ ନିମନ୍ତେ ସେଠାରେ ରହି ଫେରିଆସିବାକୁ ପଡ଼ିଥାଏ । ସେମାନଙ୍କୁ ପାଖରେ ରଖିବା ନିମନ୍ତେ ତାଙ୍କର ପିଲାମାନେ ବିଶେଷ ଆଗ୍ରହ ଦେଖାଇ ନଥାନ୍ତି । ଏପରିକି ପାଳି କରି ଯଦି ସେମାନେ ରହିଥାନ୍ତି ସେଥିରେ ବି ଭାଇମାନଙ୍କ ମଧ୍ୟରେ କଳହ ସୃଷ୍ଟି ହୁଏ । ଯେଉଁ ପିତାମାତା ଜନ୍ମଦେବା ସହ ଲାଳନପାଳନ ଓ ଜୀବନରେ ଠିଆ କରାଇବା ନିମନ୍ତେ ନିଜର ରକ୍ତବିନ୍ଦୁ ଦେଇ ଆସିଥିଲେ ସେମାନେ ଶେଷରେ ହୋଇଯାନ୍ତି ଏହିପରି ଅଲୋଡ଼ା ଆଉ ଅଖୋଜା । ବର୍ତ୍ତମାନ ଏହାହିଁ ସମାଜରେ ଏକ ସବୁଦିନିଆ ଚିତ୍ର ହୋଇଗଲାଣି । ଏପରି କଥାକୁ ନେଇ ମୋର ଏକ ଅନୁଭୂତି ଏଠାରେ ଉତ୍ଥାପନ କରୁଛି ।

ମୋର ପରିଚିତ ଜଣେ ବ୍ୟକ୍ତି ରାଜ୍ୟ ସଚିବାଳୟରେ ତଳସ୍ତରରୁ ଉଠି ଏକ ଉଚ୍ଚପଦବୀରେ ଅବସ୍ଥାପିତ ହୋଇ ଚାକିରିରୁ ଅବସର ନେବାପରେ ଭୁବନେଶ୍ୱରସ୍ଥ ସହୀଦନଗରରେ ଜମି ଖଣ୍ଡେ କିଣି ଘରଟିଏ କରିଥିଲେ । ତାଙ୍କର ଥିଲେ ଦୁଇଟି ପୁଅ ଓ ଗୋଟିଏ ଝିଅ । ଦୁଇପୁଅ ଥିଲେ ଇଂଜିନିୟର ଏବଂ ଝିଅଟି ଡାକ୍ତର । ପାଠପଢ଼ା ସରିବାପରେ ଚାକିରି ଅନ୍ୱେଷଣରେ ଯାଇ ପ୍ରଥମେ ବଡ଼ପୁଅ ଆମେରିକାର କାଲିଫର୍ଣ୍ଣିଆର ଏକ ବିଦେଶୀ କମ୍ପାନୀରେ ଉଚ୍ଚ ଦରମା ନେଇ ଅବସ୍ଥାପିତ ହୋଇପାରିଥିଲେ । ପରେ ସେହି ବଡ଼ଭାଇ ଅନ୍ୟ ଭାଇ ଓ ଭଉଣୀକୁ ସେଠାକୁ ନେଇଗଲେ । ଡାକ୍ତରୀ ପଢ଼ିଥିବା ଭଉଣୀଟି ଏକ ଉଚ୍ଚପଦବୀରେ ଚାକିରି ପାଇ ସେଠାର ଜଣେ ନାଗରିକକୁ ବିବାହ କରିଥିଲେ । ଦୁଇଭାଇ ମଧ୍ୟ ଆମେରିକୀୟ ତରୁଣୀମାନଙ୍କୁ ବିବାହ କରି ସେହିଠାରେ ହିଁ ରହିଗଲେ । ସେମାନଙ୍କଠାରୁ ଜନ୍ମିତ ପିଲାମାନେ ପାଶ୍ଚାତ୍ୟ ସଂସ୍କୃତିରେ କ୍ରମଶଃ ବଢ଼ିବାକୁ ଲାଗିଲେ । ପ୍ରଥମରୁ କେତେବର୍ଷ ସେମାନେ କ୍ୱଚିତ ଓଡ଼ିଶା ଆସି ପିତାମାତାଙ୍କୁ ଦେଖି ଫେରିଯାଉଥିଲେ । ମାତ୍ର ଓଡ଼ିଆ ସଂସ୍କୃତି ସହିତ ସେହି ପିଲାମାନଙ୍କର କୌଣସି ପରିଚୟ ନଥିଲା । ସେମାନଙ୍କର ଶେଷ ଆସିବାର ଥିଲା ଗତ ୫ବର୍ଷ ତଳେ । ଆଉ ତାହାପରେ ସେମାନଙ୍କୁ ଆସିବାର ଦେଖାଯାଇନାହିଁ । ଏଣେ ବୃଦ୍ଧ ପିତାମାତା ପାଉଥିବା ସରକାରୀ ପେନ୍‌ସନ୍‌ରେ ଚଳି ଯାଉଥିଲେ । ଦୁହିଁଙ୍କର କାମ ଦେଖିବା ପାଇଁ ଘରେ ରହିଥିଲେ ହରି ନାମରେ ଜଣେ ସେବକ ଓ ତାଙ୍କର ପତ୍ନୀ ଏବଂ ସେମାନଙ୍କର ଛୋଟ ଝିଅଟିଏ । ସେମାନେ ହିଁ ପ୍ରକୃତରେ ବୃଦ୍ଧ ଓ ତାଙ୍କ ପତ୍ନୀଙ୍କର ସେବା ଓ ଯତ୍ନ ନେଉଥିଲେ । କିଛିଦିନ ପରେ ରୋଗାକ୍ରାନ୍ତ ହୋଇ ତାଙ୍କର ବୃଦ୍ଧା ପତ୍ନୀ ମରିଗଲେ । ମାଆ ମରିଯିବା କଥା ଟେଲିଫୋନ୍ ମାଧ୍ୟମରେ ଆମେରିକାରେ ଥିବା ଦୁଇ ପୁଅ ଓ ଝିଅଙ୍କୁ ଜଣାଇଲେ ମଧ୍ୟ ନିଜର କାର୍ଯ୍ୟବ୍ୟସ୍ତତା ହେତୁ ସେମାନେ ଆସିପାରିବେ ନାହିଁ ବୋଲି ରୋକଠୋକ କହିଦେଲେ । ମାଆର ସୁଧଘର ନିମନ୍ତେ କିଛି ମାତ୍ର ଟଙ୍କା ଡାକ ଯୋଗେ ପଠାଇଦେଇ ସେମାନେ ଚୁପ ରହିଲେ । ଶ୍ମଶାନରେ ମୃତା ବୃଦ୍ଧାଙ୍କୁ ମୁଖାଗ୍ନି ଦେଇଥିଲେ ତାଙ୍କ ଗ୍ରାମରେ ଥିବା କୁଟୁମ୍ବର ଜଣେ ପରିଚିତ ପୁତୁରା । ଭୁବନେଶ୍ୱରରେ ୧୨ଦିନ ପର୍ଯ୍ୟନ୍ତ ରହି ଶୁଦ୍ଧଘରର ସମସ୍ତ କାର୍ଯ୍ୟ ସେ ତୁଲାଇଥିଲେ ଓ ସେଥିପାଇଁ କିଛି ଅର୍ଥ ମଧ୍ୟ ତାଙ୍କୁ ପାରିଶ୍ରମିକ ଭାବରେ ଦିଆଯାଇଥିଲା । ଏବେ ବୃଦ୍ଧ ଏକୁଟିଆ । ନିଜ ଘର ଦ୍ୱାର ମୁହଁରେ ଚୌକି ଉପରେ ଏକାକୀ ବସିବା ବ୍ୟତୀତ ତାଙ୍କର ଅନ୍ୟ କିଛି କାର୍ଯ୍ୟ ନଥିଲା । ପାଖ ଟେବୁଲ ଉପରେ ରଖାଯାଉଥିଲା କେତେଗୁଡ଼ିଏ ସମ୍ବାଦପତ୍ର । କେତେବେଳେ ସେ ସମ୍ବାଦପତ୍ର ପଢୁଥାନ୍ତି ତ ଅନ୍ୟବେଳେ ନୀଳ ଆକାଶକୁ ଚାହିଁ ପଛର ବହୁ କଥା ମନେ ପକାଉଥିଲେ । ବେଳେବେଳେ କେହି ପୁରୁଣା ସାଙ୍ଗ ଆସିଗଲେ କିଛି ସମୟ ପାଇଁ ସେମାନଙ୍କ ସହିତ ଗପର ଆସର ବେଶ୍ ଜମିଯାଉଥିଲା । କେହି ନଥିଲେ ସେହି ଚୌକିରେ ବସି ସେ ଘୁମାଇ ବି ପଡୁଥିଲେ । "ବାବୁ ଖାଇବ ଆସ" ସେବକ ହରି ବା ତା' ସ୍ତ୍ରୀଙ୍କର ଡାକରାରେ ତାଙ୍କର ନିଦ ଭାଙ୍ଗିଯାଉଥିଲା । ବହୁ ସମୟରେ ସେବକ ହରିର ଛୋଟ ଝିଅ ସହିତ ସେ ଖେଳୁଥିଲେ । ତାହାର ପାଟିରୁ ବାହାରୁଥିବା ଦରୁଟି କଥାଗୁଡ଼ାକ ଶୁଣି ତାଙ୍କ ଆଖିରୁ ଲୁହ ଝରିପଡୁଥିଲା । ରାତିରେ ବେଳେବେଳେ ପିଲାଟିକୁ ଧରି ସେ ମଧ୍ୟ ଶୋଇପଡୁଥିଲେ । ଆଉ ସେହି ଟିକି ଝିଅଟି ହୋଇଥିଲା ତାଙ୍କର ସାଥି । କେବେ ପଦାକୁ ଗଲେ ସେହି ଛୋଟ ଝିଅଟିକୁ ସାଥିରେ ନେଇଯାଉଥିଲେ । କେହି ପଚାରିଲେ ତାକୁ ନିଜ ନାତୁଣୀର ପରିଚୟ ଦେଇଥାନ୍ତି । ସେବକଟିର ସ୍ତ୍ରୀ ମଧ୍ୟ ବୃଦ୍ଧଙ୍କର ହୋଇଥିଲା ସାହାରା । ନିଜ ପିଲାମାନଙ୍କ କଥା ଯେପରି ତାଙ୍କର ମନରେ ନ ଆସିବ ସେଥିପାଇଁ ସେବକ ହରି ଓ ତା' ପତ୍ନୀ ବେଶ୍ ସଜାଗ ଥିଲେ । କହିବାକୁଗଲେ ସେତେବେଳକୁ ସେବକ ହରିର ପରିବାର ହିଁ ବୃଦ୍ଧଙ୍କର ନିଜର ହୋଇଯାଇଥିଲେ । ପ୍ରଥମେ ମାସିକ ଦରମା ସେ ହରିକୁ ଦେଉଥିଲେ । ମାତ୍ର ପରେ ଆଉ କୌଣସି ଦେୟ ନଦେଇ ସେମାନଙ୍କର ସମସ୍ତ ଖର୍ଚ୍ଚର ଦାୟିତ୍ୱ ନିଜେ ନେଇଗଲେ । ମାସକରେ ଥରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ଥିଲା ତାଙ୍କର ପୁରୁଣା ଅଭ୍ୟାସ । ବୟସ ବୃଦ୍ଧି ହେବାରୁ ସେ ଆଉ ପୁରୀ ଏକାକୀ ଯାଇପାରୁନଥିଲେ । ଏବେ ସେବକ ହରିର ପରିବାର ପାଖରେ ରହିବାରୁ ପୁରୀ ଯିବାରେ ତାଙ୍କର କୌଣସି ଅସୁବିଧା ହେଲାନାହିଁ ।

ଥରେ ଓଡ଼ିଶାରୁ ଆମେରିକାର ସେହି ସ୍ଥାନକୁ ଯାଇଥିବା ପରିବାରର ଜଣେ ପରିଚିତ ବ୍ୟକ୍ତିଙ୍କର ଉକ୍ତ ବୃଦ୍ଧଙ୍କର ଦୁଇ ପୁଅଙ୍କ ସହିତ ହଠାତ୍ ଦେଖା ହୋଇଗଲା । "ବାପାଙ୍କୁ ଦେଖିଛନ୍ତି କି ? ସେ କିପରି ଅଛନ୍ତି ?" ବୋଲି ସେମାନେ ପଚାରିବାରୁ ଉକ୍ତ ପରିଚିତ ବନ୍ଧୁ ବାପାଙ୍କର ସମସ୍ତ ସମସ୍ୟା କଥା ସେମାନଙ୍କୁ ଜଣାଇଥିଲେ । ସେମାନଙ୍କର ଜନ୍ମିତ ପିଲାମାନେ ବି ଜେଜେବାପାଙ୍କ ବିଷୟରେ କିଛି ପଚାରିନଥିଲେ । ବାପାଙ୍କ ସମ୍ପର୍କରେ ଏତିକି ମାତ୍ର କଥୋପକଥନ ପରେ ଉଭୟେ ତାଙ୍କଠାରୁ ବିଦାୟ ନେଇଯାଇଥିଲେ । ସେମାନଙ୍କୁ ଭେଟିଥିବା ବନ୍ଧୁଜଣକ ଏଥିରେ ଏତେ ମର୍ମାହତ ହୋଇପଡ଼ିଲେ ଯେ କେବଳ ଉପରକୁ ଚାହିଁ କିଛି ସମୟ ଦୀର୍ଘନିଶ୍ୱାସ ଛାଡିଥିଲେ । ଏହା ହିଁ ଥିଲା ପାଶ୍ଚାତ୍ୟ ଦେଶରେ ରହିଥିବା ପୁତ୍ରମାନଙ୍କର ପିତାଙ୍କ ପ୍ରତି କର୍ତ୍ତବ୍ୟ । ଆମେରିକାରୁ ଫେରିଆସିବା ପରେ ସେ ବୃଦ୍ଧଙ୍କୁ ଭେଟି ସମସ୍ତ କଥା ଜଣାଇଥିଲେ । ସମସ୍ତ ବୃତ୍ତାନ୍ତ ଶୁଣିବା ପରେ ବୃଦ୍ଧଙ୍କ ଚକ୍ଷୁରୁ କେବଳ ଦୁଇଧାର ଲୁହ ଗଡ଼ିପଡ଼ିଥିଲା । ତାଙ୍କ ମୁହଁରୁ ବାହାରି ଆସିଲା, "ମୁଁ ଅସହାୟ ନୁହେଁ । ପିଲାମାନେ ମୋ ସହ ରହୁଛନ୍ତି । ସୁଦୂର ଆମେରିକାରେ ସେମାନେ ଭଲରେ ରହିଥାନ୍ତୁ ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ।" ପିତାର କାମନା ଆଉ କ'ଣ ହୋଇଥାନ୍ତା ?

ସମୟ ଆଗେଇ ଯାଉଥିଲା । ଅଧିକ ବୟସ ହୋଇଯିବାରୁ ସେ ଆଉ ଚଲାବୁଲା ବି କରିପାରିଲେ ନାହିଁ । କିଛିଦିନ ଶଯ୍ୟାଶାୟୀ ହେବାପରେ ତାଙ୍କର ଦେହାନ୍ତ ହୋଇଗଲା । ଘରେ ତାଙ୍କର ପୁତ୍ର ଭଳି କାର୍ଯ୍ୟ କରୁଥିବା ସେବକ ହରି ଓ ତାହାର ପରିବାର ତାଙ୍କ ମୃତ ଶରୀରର ଦାହ ସଂସ୍କାର କରିବାଠାରୁ ସମସ୍ତ ଶୁଦ୍ଧ କାର୍ଯ୍ୟ ତୁଲାଇଥିଲେ । ଆମେରିକାରେ ଥିବା ପିଲାମାନଙ୍କୁ ଖବର ଦେଲେ ବି ସେମାନେ ଆସି ନଥିଲେ । କୌଣସି ଜ୍ଞାତି ଭାଇଙ୍କୁ ଡକାହେଲାନାହିଁ । ବୃଦ୍ଧ ମରିଯିବାର କିଛିଦିନ ପରେ ଆଲମାରିର କାଗଜପତ୍ର ସଜାଡୁଥିବା ବେଳେ ସେବକ ହରି ପାଇଥିଲା ଗୋଟାଏ ରେଜେଷ୍ଟ୍ରି ହୋଇଥିବା ଦଲିଲ । ଯେଉଁଥିରେ ତା ନାମରେ ସମସ୍ତ ସମ୍ପତ୍ତି ବୃଦ୍ଧ ଦାନ କରିଦେଇଥିବାର ଲେଖାଯାଇଥିଲା ।

ବିଦେଶରେ ଥିବା ସମସ୍ତଙ୍କର ବ୍ୟବହାର ଯେ ଏପରି ତାହା ନୁହେଁ । ବରଂ ଅଳ୍ପ କେତେଜଣଙ୍କଠାରୁ ଏହିଭଳି ବ୍ୟବହାର ଦେଖାଯାଉଛି । ବହୁ ଆଶା କରି ପିତାମାତା ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରିବା ପରେ ସେମାନେ ବିଦେଶରେ ଚାକିରି କଲେ । ସେଠାର ବିଦେଶିନୀମାନଙ୍କୁ ବିବାହ କରିବା ପରେ ପିତାମାତାଙ୍କ ସହ ଓଡ଼ିଆ ସଂସ୍କୃତିଠାରୁ ଦୂରେଇଗଲେ । ସେମାନଙ୍କର ପିଲାମାନେ ବି ଓଡ଼ିଆଙ୍କର ପାରିବାରିକ ସଂସ୍କୃତି ସହ ଆଦୌ ପରିଚିତ ହେଲେନାହିଁ । ଶେଷରେ ତାହାର ପରିଣାମ ବୃଦ୍ଧ ଦମ୍ପତିଙ୍କୁ ଠିକ୍ ମିଳିଗଲା । ଅନ୍ତତଃ ଯେଉଁମାନେ ବିଦେଶରେ ସ୍ଥାୟୀ ଭାବରେ ରହିଯାଇଛନ୍ତି ସେମାନେ ନିଜ ରକ୍ତ ସମ୍ପର୍କୀୟ ପରିବାର, ନିଜ ସଂସ୍କୃତି ସର୍ବୋପରି ଜାତିର ନମସ୍ୟ ଶ୍ରୀଜଗନ୍ନାଥଙ୍କଠାରୁ ଦୂରେଇ ନଯିବାକୁ ଅନୁରୋଧ ।

# ଅସଜଡ଼ା ଶିକ୍ଷା ବ୍ୟବସ୍ଥା



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ଏକ ସଭ୍ୟ ସମାଜ ଗଠନରେ ଶିକ୍ଷାର ବଡ ଯୋଗଦାନ ରହିଛି । ଶିକ୍ଷିତ ହେବା କାରଣରୁ ମଣିଷ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କ ଠାରୁ ଭିନ୍ନ । ଶିକ୍ଷା ପୂର୍ବରୁ ସାମ୍ବିଧାନିକ ଅଧିକାର ଥିଲା । ପରେ ଏହାକୁ ମୌଳିକ ଅଧିକାର କରି ଦିଆଗଲା । ଶିଶୁମାନଙ୍କୁ ଦେଶର ସର୍ବୋଚ୍ଚ ସମ୍ପତ୍ତି କୁହାଯାଏ । ପାଠପଢାରୁ ବଞ୍ଚିତ ଶିଶୁଟିଏ ସମାଜ କିମ୍ବା ଦେଶର ବିକାଶରେ ସହାୟକ ହୋଇନଥାଏ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ପ୍ରମୁଖ ଆୟୁଧ । ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟାହ୍ନ ଭୋଜନ ଠାରୁ ଆରମ୍ଭ କରି ମାଗଣା ପାଠ୍ୟ ପୁସ୍ତକ ବଣ୍ଟନ କରୁଛନ୍ତି । ଦେଶର ଭବିଷ୍ୟତ ଗଢିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା କହୁଛି । ଏହା ସତ୍ତ୍ୱେ ଛାତ୍ରଛାତ୍ରୀ ମାନେ ଅଧାରୁ ପାଠ ପଢା ଛାଡୁଛନ୍ତି । ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଡ୍ରପ୍ଆଉଟ୍ ହାର ୫.୪୨ ପ୍ରତିଶତ ଥିବାବେଳେ ରାୟଗଡାରେ ସର୍ବାଧିକ ୧୧.୬୭ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି । କେନ୍ଦ୍ରାପଡାରେ ଏହି ହାର ୮.୯ ପ୍ରତିଶତ ଥିବା ବେଳେ, କଳାହାଣ୍ଡିରେ ୮.୪୬ ପ୍ରତିଶତ ରହିଛି । ଉଚ୍ଚ ପ୍ରାଥମିକରେ ରାୟଗଡାରେ ସର୍ବାଧିକ ୧୭.୧୦ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ, ମାଲକାନଗିରିରେ ୧୩.୭୮ ଓ ଯାଜପୁରରେ ୧୨.୬୩ ପ୍ରତିଶତ ପିଲା ପାଠ ଛାଡୁଛନ୍ତି । ସେହପରି ମାଧ୍ୟମିକ ସ୍ତରରେ ୧୮.୨% ପିଲା ଅଧାରୁ ପାଠ ଛାଡୁଛନ୍ତି । ପୁରୀରେ ସର୍ବାଧିକ ୧୦.୦୫ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ବାଲେଶ୍ୱରରେ ୮.୭୩ ଓ ସମ୍ବଲପୁରରେ ୮.୧୬ ପ୍ରତିଶତ ପିଲା ପାଠ ଛାଡୁଛନ୍ତି । ଏପରିକି ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବାର ଦଶ ବର୍ଷ ପରେବି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରି ନାହିଁ ।

ସୂଚନା ଯୋଗ୍ୟ ଯେ, ରାଜ୍ୟରେ ଥିବା ସମସ୍ତ ୫୧,୪୩୪ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡିକରେ ପିଇବା ପାଣି ବ୍ୟବସ୍ଥା ଥିବା ବେଳେ ୩୪,୩୯୪ ସ୍କୁଲରେ ପାଣି ସହ ଶୌଚାଳୟ ବ୍ୟବସ୍ଥା ନାହିଁ । ସେହିପରି ୩୫,୬୭୯ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ୩୭,୬୪୫ ସ୍କୁଲରେ ଖେଳ ପଡିଆ ନାହିଁ । ୧୬,୩୬୮ ବିଦ୍ୟାଳୟରେ ପାଚେରୀ ନଥିବା ବେଳେ ୨୪୫୧ ସ୍କୁଲରେ ପାଠାଗାର ନାହିଁ ଏଥି ସହିତ ୩୭,୬୩୫ରେ ଖେଳ ପଡିଆ ନ ଥିବା ବେଳେ ୧୨,୨୮୦ ବିଦ୍ୟାଳୟର ରୋଷେଇ ଘର ଏବଂ ୧୭,୭୬୩ ସ୍କୁଲରେ ପାଚେରୀ ନାହିଁ। ସବୁଠୁ ପରିତାପର ବିଷୟ ୩୬୮ ବିଦ୍ୟାଳୟର ନିଜସ୍ୱ ଘର ମଧ୍ୟ ନାହିଁ । ଆହୁରି ମଧ୍ୟ ରାଜ୍ୟର ୯୦ ଟି ବିଦ୍ୟାଳୟରେ କଳାପଟା ବ୍ୟବସ୍ଥା ନାହିଁ ।ଏଥିରୁ ରାଜ୍ୟରେ ଥିବା ସ୍କୁଲ ମାନଙ୍କର ଭିତ୍ତିଭୂମି କେଉଁ ଅବସ୍ଥାରେ ଅଛି ଓ ସେଠାରେ କିପରି ପାଠ ପଢା ଚାଲିଛି ତାହା ସ୍ପଷ୍ଟ ଭାବେ ଅନୁଭବ କରିହେଉଛି । ୩୪,୨୩୮ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୩୨,୫୫୩ଟିରେ ପ୍ରତି ଶ୍ରେଣୀରେ ପାଠ ପଢାଇବା ଲାଗି ଜଣେ କରି ଶିକ୍ଷକ ନାହାଁନ୍ତି । ସେହିପରି ୧୭,୭୨୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୨,୪୬୬ଟିରେ ପ୍ରତି ଶ୍ରେଣୀ ପାଇଁ ଜଣେ କରି ଶିକ୍ଷକ ନାହାଁନ୍ତି । ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଶ୍ରେଣୀଗୃହ ନ ଥିବା ବେଳେ ୧୧,୭୪୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢିବା ପାଇଁ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଘର ନାହିଁ । କେବଳ ୧୬୮୫ ପ୍ରାଥମିକ ଓ ୫୨୬୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି । ରାଜ୍ୟରେ ଥିବା ଉଚ୍ଚ ବିଦ୍ୟାଳୟ ଗୁଡିକରେ ୨,୫୮୫ଟି ସ୍କୁଲରେ ପ୍ରଧାନ ଶିକ୍ଷକ ପଦବୀ ଖାଲି ରହିଛି ।

ଏଥି ସହିତ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭାହୋଇଛି । ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ। ଫଳ ସ୍ୱରୂପ, ଛାତ୍ରଛାତ୍ରୀ ମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି । ନିକଟରେ ଘରୋଇ ସଂସ୍ଥା "ଆସର" ପକ୍ଷରୁ ଗ୍ରାମାଞ୍ଚଳ ବିଦ୍ୟାଳୟ ଓ ଶିକ୍ଷାସ୍ତର ସ୍ଥିତି ଉପରେ କରାଯାଇଥିବା ସର୍ଭେ ତଥ୍ୟ ଅନୁଯାୟୀ ଆହୁରି ଉଦ୍‌ବେଗର ବିଷୟ ହେଲା ପ୍ରଥମ ଶ୍ରେଣୀରେ ପଢୁଥିବା ୩୮ % ପିଲା ଓଡିଆ ଅକ୍ଷର ପଢିପାରୁ ନାହାଁନ୍ତି । ୨୯.୩ % ପିଲା ଅକ୍ଷର ପଢୁଥିଲେ ମଧ୍ୟ ଚିହ୍ନିପାରୁ ନାହାଁନ୍ତି । ସେହିପରି ଅଷ୍ଟମ ଶ୍ରଣୀରେ ପଢୁଥିବା ଛାତ୍ର ଛାତ୍ରୀଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ । ସ୍କୁଲମାନଙ୍କରେ ଅଧିକ ଉପସ୍ଥାନ ପାଇଁ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ସରକାର ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ସହ ଅଣ୍ଡା, କଦଳୀ, ବାଳିକାଙ୍କୁ ପୋଷାକ, ପାଠ୍ୟପୁସ୍ତକ ଇତ୍ୟାଦି ଦେବାର ବ୍ୟବସ୍ଥା ଥିଲେ ବି ଉପସ୍ଥାନ ସଂଖ୍ୟା ସନ୍ତୋଷଜନକ ହୋଇପାରିନାହିଁ ।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାରେ ସେପରି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ । ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ । ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟି ସୁପାରିସ ହେଉଛି ଶିକ୍ଷା ବାବଦରେ ରାଷ୍ଟ୍ର ବ୍ୟୟବରାଦ ବୃଦ୍ଧି କରିବା ପାଇଁ । ଏସବୁ କମିଶନ ଓ କମିଟିର ସୁପାରିସ ଶୀତଳ ଭଣ୍ଡାରରେ ପଡିରହିଛି । ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟର ୧୦ ଭାଗ ଓ ରାଜ୍ୟ ବଜେଟର ୩୦ ଭାଗ ଶିକ୍ଷା କ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିସ କରିଥିଲେ । କିନ୍ତୁ ଏଯାବତ୍ କୌଣସି ଯୋଜନାରେ ଶିକ୍ଷା ପାଇଁ କେନ୍ଦ୍ର ବଜେଟର ୪ ଭାଗ ଓ ରାଜ୍ୟ ବଜେଟର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । ବରଂ ଶିକ୍ଷା ବଜେଟ ବର୍ଷକୁ ବର୍ଷ ହ୍ରାସପାଇବାରେ ଲାଗିଛି । ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହୋଇଛି । ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି ।

ପ୍ରାଥମିକ ଶିକ୍ଷା ଶିକ୍ଷାବ୍ୟବସ୍ଥାର ମୂଳଦୁଆ । ମାତ୍ର ଏହି ମୂଳଦୁଆ କ୍ରମଶଃ ଭୁଷୁଡିବାରେ ଲାଗିଛି । ଏହାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ । ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ୨ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଅଛନ୍ତି ୧ଲକ୍ଷ ୧୫ହଜାର ୮୩୩ଜଣ ନିୟମିତ ଶିକ୍ଷକ । ବଳକା ୧ ଲକ୍ଷ ୮ହଜାର ୪୯୭ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ହଜାର ୭୩୬ଜଣ ଶିକ୍ଷା ସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷା ବ୍ୟବସ୍ଥା ଚାଲିଛି । ଏବେ ୩୪,୭୭୯ ଶିକ୍ଷକ ପଦବୀ ଖାଲି ପଡିଛି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା କେଉଁଠି ପାଞ୍ଚଟି ଶ୍ରେଣୀକୁ ଜଣେ ତ କେଉଁଠି ୭ଟି ଶ୍ରେଣୀକୁ ୨/୩ଜଣ ଶିକ୍ଷକରେ ସ୍କୁଲ୍ ଚାଲିଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଆଲୋକରେ ଅନ୍ଧକାର

**ଘନଶ୍ୟାମ ପଲେଇ**

ଏବେ ପିଲାଦିନ ଭଳି ଆଉ ରାତି ଅନିଦ୍ରା ଦେହକୁ ଯାଉ ନାଇଁ। ସେତେବେଳେ ଯାତ୍ରା ନିଶାଟା ଏମିତି ଥିଲା ଯେ ପାଞ୍ଚ ଛଅ ରାତି ଲାଗି ଲାଗି ଦେଖୁଥିଲେ। ଏଇ ବର୍ଷ ଦେଖିବାକୁ ମୋଟରୁ ଇଛା ନଥିଲା ସଞ୍ଜୀୟବାବୁଙ୍କର। ଯେହେତୁ ବହୁ ଅନୁରୋଧ କରିଥିଲେ ବନ୍ଧୁ ସୁଦିପ୍ତ... ଦେଖିବାକୁ ଗଲେ ଗୋଟାଏ ରାତି ପାଇଁ। ସୁଦିପ୍ତଙ୍କ ସହ ଏକାଠି କମ୍ପାନୀ କାମ.. ସକାଳ ହେଲେ ନିଇତି ନିଇତି ଦେଖା। ସିଏ ଯା'ଆସ କରନ୍ତି ତାଙ୍କ ଗାଁ'ରୁ। ଅବଶ୍ୟ ତାଙ୍କ ଗାଁଟି ବେଶି ବାଟ ନୁହଁ... ଚାକିରୀ କ୍ଷେତ୍ରଠାରୁ ବଶିରୁ ବେଶି ଦଶ-ବାର କିଲୋମିଟର ହେବ। ଖାଇପିଇ ରାତି ଦଶକୁ ବାହାରିଲେ... ଅଧ ଘଣ୍ଟା ଭିତରେ ପହଞ୍ଚାଇ ଦେଲା ଡ୍ରାଇଭର। ସଞ୍ଜୀୟବାବୁ ଯାତ୍ରା ଦେଖିବାକୁ ଡ୍ରାଇଭରକୁ ସୌଜନ୍ୟତା ଦୃଷ୍ଟିରୁ ପଚାରି ଦେଲେ। ମାତ୍ର ସେ ତା' ଆଡୁ ହିଁ ମନାକଲା। କହିଲା- ମୁଁ ଦେଖିବି ନି ସାର ଆପଣ ଦେଖିକି ଆସନ୍ତୁ... ମୁଁ ଗାଡିରେ ହିଁ ବିଶ୍ରାମ ନେଉଛି। ସୁଦିପ୍ତଙ୍କ ପାଖରୁ ଭିଆଇପି ପାସଟିଏ ପାଇ ପଶିଲେ ଯାତ୍ରା ଟେଷ୍ଟ ଭିତରେ। ଭିତରେ ଯେତିକି ଲୋକ ଗହଳି ବାହାରେ ମଧ୍ୟ ସେତିକି ଭିଡ ଲାଗିଥିଲା ପଶିବାକୁ। କମିଟି ପିଲାଟିଏ ସିଟ୍ ଦେଖାଇ ଦେଲାରୁ ଆଗ ଲାଇନରେ ଯାଇ ବସିଗଲେ। ମଞ୍ଚ ଉପରେ ଆଲୋକର ତୀବ୍ରତା ବଢିବା ସହ ଯାତ୍ରା ଆରମ୍ଭ ହେଲା ମେଲୋଡି ସୋ'ରୁ। ମା'ଙ୍କ ଭଜନ ଗାଇ ମନ୍ତ୍ରମୁଗ୍ଧ କଲେ ଜଣେ ଯାତ୍ରା କଳାକାର। ତା'ପରେ ଏକ ପୌରାଣିକ କଥା ବସ୍ତୁକୁ ନେଇ ଏକ ସୁନ୍ଦର ଅଭିନୟ ସହ ନାଚ ପ୍ରସ୍ତୁତ କରିଥିଲେ କଳାକାରମାନେ। ଯାତ୍ରାରେ ପୁଣି ମହାଭାରତ ଓ ରାମାୟଣକୁ ଏତେ ସୁନ୍ଦର ଭାବରେ ମଞ୍ଚସ୍ଥ କରିବେ ବୋଲି ସେ କେବେ କଳ୍ପନା ହିଁ କରି ନଥିଲେ। ଭାବ ଭକ୍ତିମୟ ହେଇଗଲା ତାଙ୍କ ମନ ଆଉ ହୃଦୟ। ଏମିତିରେ ବି ସଞ୍ଜୀୟବାବୁ ବହୁବର୍ଷପରେ ଯାତ୍ରା ଦେଖି ବହୁତ୍ ଖୁସି ଅନୁଭବ କରୁଥିଲେ। ପାଖାପାଖି ଦୁଇଘଣ୍ଟା କାଳ ଚାଲିଲା ମେଲୋଡି... ଚିତ୍ତ ମୋହୁଥିଲେ ସଭିଙ୍କର। ଯାତ୍ରା କଳାକାରଙ୍କ ବେଶଭୁଷା ଅତ୍ୟନ୍ତ ରୁଚିପୂର୍ଣ୍ଣ ତଥା ଶାଳୀନତାପୂର୍ଣ୍ଣ ଥିଲା। ପ୍ରାୟ ମେଲୋଡି ଶେଷ ହେବାକୁ ଯାଉଥିଲା... ମଞ୍ଚ ଉପରକୁ ଉଠିଆସି ଯାତ୍ରା କମିଟିର ସମ୍ପାଦକ ଘୋଷଣା କଲେ... ଏବେ ଆମର ବହୁ ପ୍ରତିକ୍ଷୀତ ଆଇଟମ ଗାର୍ଲ ଆସିବେ ... ଦୟାକରି ମା' ଭଉଣୀମାନେ ଅଧଘଣ୍ଟା ପାଇଁ ବାହାରକୁ ଯିବା ପାଇଁ ଅନୁରୋଧ ରହିଲା।

ସଞ୍ଜୀୟବାବୁ କିଛି ବୁଝି ପାରିଲେ ନାହିଁ। ଏଣେ ବାହାରକୁ ଯିବାପାଇଁ ଧାଡିଧାଡି ହୋଇ ଉଠି ଚାଲିଥିଲେ ସ୍ତ୍ରୀଲୋକମାନେ। ତାଙ୍କ ଆଡକୁ ବଲବଲ ହୋଇ ଅନେଇ ରହିଥିଲେ ସଞ୍ଜୀୟବାବୁ। ପଛକୁ ଚାହିଁ ଦେଖିଲେ- ଧାଡିଏ ପୋଲିସ ବି ବସିଛନ୍ତି କେତେବେଳୁଁ। ସେଇଠି ବସିଥିବା ମହିଳା ପୋଲିସ ଜଣଙ୍କ ବଡ ଦ୍ୱନ୍ଦ୍ୱରେ ପଡିଲେ। ସେ ସ୍ତ୍ରୀଲୋକ ହିସାବରେ ବାହାରକୁ ଯିବେ... ନା ଏଇଠି ରହି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆସିଥିବା ଡ୍ୟୁଟି କରିବେ..? ସବୁ ତ ଠିକ୍‌ଠାକ୍ ଚାଲିଥିଲା... ମାତ୍ର ଜଣେ ଚୁଲୁବୁଲି ନାୟିକା ବା ଆଇଟମ ଗାର୍ଲଟେ ପାଇଁ ଏତେସବୁ ନାଟ। ସେ ଆସି ନିଜ ପୋଷାକ ଖୋଲିଦେଇ ଏମିତି ନାଚିଲେ ଯେ... ସଞ୍ଜୀୟବାବୁଙ୍କ ଆଖି ବି ବନ୍ଦ ହେଇଗଲା ଲାଜରେ। ମନେମନେ ସେ ଅନୁଭବ କଲେ –ଯାତ୍ରା ପେଣ୍ଡାଲର ମାଳମାଳ ନିଅନ୍ ଆଲୋକରେ ବି ଅନ୍ଧକାର ବଳେଇ ପଡୁଛି। ସେଇ ଅନ୍ଧକାରରେ ମରିହଜି ଯାଉଛି କଳାକରର ଜୀବନ୍ତ କଳା ଟିକକ, ଆଉ ଧିରେ ଧିରେ ବଳି ପଡି ଯାଉଛି ବହୁ ପୁରାତନ ଓଡିଆ ସଂସ୍କୃତି... ପରମ୍ପରା।

*ଟେନସା, ସୁନ୍ଦରଗଡ-୪୨,*
*ମୋ- ୯୪୩୭୭୧୮୫୦୦*

## ଅନାବରଣ

**ଏମ୍ ମୁରଲୀ କ୍ରିଷ୍ଣା**



ଢୋଲ, ବାଜା, ତୂରୀ ଶବ୍ଦରେ ଗୁଞ୍ଜରିତ ହେଉଥିଲା କାର୍ଗିଲ୍ ଛକ । ଗାନ୍ଧୀ ଜୟନ୍ତୀ ଉପଲକ୍ଷେ କେହି ଜଣେ ଆସିଥିଲେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ପାଇଁ । ବାବୁ ଜଣକ ନିଜ ବାକ୍ ଚାତୁରୀରେ ସମ୍ମୋହିତ କରିଚାଲିଲେ ଉପସ୍ଥିତ ଜନତାଙ୍କୁ ନିଜ ଚିରାଚରିତ ଶୈଳୀରେ । ଗାନ୍ଧିଜୀଙ୍କ ସତ୍ୟବାଦିତା, ଅହିଂସା, ଆଉ କେତେ କେତେ ଭଲ ଗୁଣ ସବୁ ବଖାଣି ଚାଲିଲେ । କହିବା ବାହୁଲ୍ୟ ଯେତିକି ଜାଣିଥିଲେ, ତା'ଠୁ ଅଧିକ ହିଁ କହୁଥିଲେ, ଫୁସୁରୁ ଫାସୁରୁ ଶୁଭୁଥିଲା ଲୋକ ଗହଳିରେ। ଶେଷରେ ପ୍ରତିମୂର୍ତ୍ତି ଉନ୍ମୋଚନ ପାଇଁ ଆଗେଇ ଯିବା ସମୟରେ ଅପ୍ରତ୍ୟାଶିତ ଭାବେ ଢୋଲବାଲାର କହୁଣି ବାଜିଗଲା ନେତାଙ୍କ ଛାତିରେ । ଆଉ ବାବୁ ମହାଶୟ ଅନାୟାସରେ ଦୁଇ ଚାପୁଡ଼ା ଦେଇଦେଲେ ଢୋଲବାଲାକୁ, କରିଚାଲିଲେ ଅନର୍ଗଳ ଗାଳିର କୁଆପଥର ବୃଷ୍ଟି । ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ପୂର୍ବରୁ ନିଜକୁ ଗୋଟି ଗୋଟି କରି ଅନାବରଣ କରିଚାଲିଲେ ମୁଖ୍ୟ ଅତିଥି ମହାଶୟ ଅନେକ ଶ୍ଳୀଳ / (ଅ)ଶ୍ଳୀଳ ଶବ୍ଦମାଳରେ ।

ଅମ୍ବାଦଳା, ରାୟଗଡ଼
ମୋ - ୭୦୦୮୪୬୬୮୩୧

## ଝିଅ

**ସୁଦର୍ଶନ ମହାପାତ୍ର**

ଆଜି ଝିଅ ଆସୁଛି। ମୁଁ ତା'ର ରୁମକୁ ସଜାଡି ରଖିବାକୁ ଚେଷ୍ଟା କରୁଛି। ଏବେ ମନେ ପଡୁଛି ଗୋଟିଏ କଥା।ଥରେ ଝିଅ ଘରେ ନଥିଲା ବେଳେ ମୁଁ ତା ରୁମ ବାହାରେ ଠିଆ ହୋଇ ଭିତରକୁ ଯିବି କି ନଯିବି ଭାବିଲା ଭିତରେ ପଛରୁ ଶୁଭିଲା ଝିଅର ସ୍ୱର -'ସେ ରୁମରେ କ'ଣ ଯଦି ଦରକାର ଅଛି ଯାଉନା ବାବା। ଏମିତି ଚୁପ୍‌ଚାପ୍ ଠିଆ ହୋଇଛ କାହିଁକି ? ' ପ୍ରକୃତରେ ମୋ ଝିଅ ଅବର୍ତ୍ତମାନରେ ସେଇ ରୁମ କେମିତି ଲାଗିବ ମୁଁ ଅନୁଭବ କରିବାକୁ ଚେଷ୍ଟା କରୁଥିଲି। ହେଲେ ମୁଁ ନିଜକୁ ଗୋପନରେ ରଖିବାକୁ ଚେଷ୍ଟା କଲି। -' ନାଇଁ, ମୁଁ କହୁଥିଲି କ'ଣ କି, ତୋ ବାହାଘର ଆଉ ଅଳ୍ପ ଦିନ ରହିଲା। ତୋର ଦରକାରୀ ଜିନିଷପତ୍ର ପ୍ୟାକିଂ କରି ଦେ। ପିଲାଦିନରୁ ଆଜି ପର୍ଯ୍ୟନ୍ତ କେତେ କେଜାଣି ଜିନିଷ ଏ ଘରେ ଠୁଳ କରିଛୁ। ଯାହା ପାରୁଛୁ ନେଇ ଯାଆ ଏଠୁ। ଘରଟା ହେଲେ ଟିକିଏ ଖାଲି ହୋଇଯାଉ।' -' ସେମିତି କହିବନି ବାବା। ମୋ ଜିନିଷ କ'ଣ ତୁମକୁ ବୋଝ ହୋଇଛି ? ଶୁଣିନିଅ ଗୋଟିଏ କଥା।ଏ ଘରୁ ମୁଁ କିଛି ବି ନେବିନି।ଏ ଘର ମୋର। ଯେବେ ମନହେବ, ଯେତେଦିନ ଇଛା ମୁଁ ଆସି ଏଇଠି ରହିବି। ମୋ ରୁମ ଯେମିତି ଅଛି ସେମିତି ଥିବ।' ଆଖି ଛଳଛଳ କରି କହିଲା ଝିଅ। ତା କଥା ଶୁଣି ମୁଁ ଅଳ୍ପ ହସିଲି। ମନେ ମନେ କହିଲି -' ତୁ ଚାହିଁଥିଲେ ବି ମୁଁ ଏସବୁ ଦେଇ ନଥାନ୍ତି ଝିଅ।ତୋ ଅନୁପସ୍ଥିତିରେ ଏସବୁକୁ ଦେଖି ଛୁଇଁ ମୁଁ ଯେ ଅବଶିଷ୍ଟ ଦିନ କାଟିବି।'



ସେଦିନ କଥା ବି ଆଜି ମନେ ପଡୁଛି। ଝିଅ ଶାଶୁ ଘରକୁ ବିଦା ହେଲା ବେଳେ ତା ଶ୍ୱଶୁର ଆଉ ମୋର ଖୁବ୍ ପରିଚିତ ସହକର୍ମୀ କହିଥିଲେ -'ଝିଅ କଥା ଚିନ୍ତା କରିବେ ନାହିଁ ଜମା।ଦିଶା ମୋର ବୋହୂ ନୁହେଁ ଝିଅ। ଆପଣଙ୍କ ଆଗରେ ସେ ଆମମାନଙ୍କ ନାଁ ରେ ଅଭିଯୋଗ କରିବାକୁ ସୁଯୋଗ ପାଇବନି। ଏ ବିଶ୍ୱାସ ମୋର ଅଛି। ଆପଣ ବି ଭରସା ରଖନ୍ତୁ।' ମୁଁ ସେତେବେଳେ ମନେ ମନେ କହିବାକୁ ଭାବୁଥିଲି ନାଇଁ ସମୁଦି ସେମିତି ଜମା ହେବନି। ମୋ ଝିଅକୁ କ'ଣ ମୁଁ ଚିହ୍ନିନି। ସେ ଯେ କିଛି ଅଭିଯୋଗ କରିବନି, ଏ ବିଷୟରେ ମୁଁ ପୁରା ନିଃସନ୍ଦେହ। ଛୋଟ ଦିନରୁ ମାଆକୁ ହରାଇ ସେ ଯେ ଘର ଚଳେଇବାରେ ପୋଖତ ହୋଇ ଯାଇଛି।ଭଲମନ୍ଦ ବିଚାର କରିବାର ଶକ୍ତି ତା'ର ଅଛି। ସେ କେବେ ବି ଚାହିଁବନି ପରିଣତ ବୟସରେ ବାବା ତା'ର ଦୁଃଖ ଆଉ ଅସହାୟବୋଧରେ ଭାଙ୍ଗି ପଡନ୍ତୁ ବୋଲି। ହେଲେ ବାହାଘରର ବର୍ଷଟିଏ ଯାଇଛି ମାତ୍ର। ଝିଅର ଶ୍ୱଶୁର ନିଜେ ଫୋନ୍ କରି କହିଲେ ' ଆପଣଙ୍କ ଝିଅକୁ ମୋ ପୁଅ ଠାରୁ ଅଲଗା କରି ନିଅନ୍ତୁ। ମୋ ପୁଅ ଆଉ ମଣିଷ ହିସାବରେ ନାହିଁ।' ଧିରେ ଧିରେ ସବୁ କଥା ମୋ କାନକୁ ଆସିଲା। ସୁଜିତ ର ବହୁ ଝିଅଙ୍କ ସହିତ ଅନୈତିକ ସମ୍ପର୍କ ଅଛି।ମଦ ନିଶାରେ ନିତି ଚୁର ହୋଇ ଘରକୁ ଫେରେ ଆଉ ଝିଅ ଉପରେ ଆରମ୍ଭ ହୋଇଯାଏ ଅତ୍ୟାଚାର। ଏତେ ଦିନ ଧରି ସେ ଚୁପଚାପ୍ ସହି ଆସିଛି ତା'ର ଜୁଲମ୍। ଜୋଇଁ ସୁଜିତ କୁ ବହୁତ ଥର ବୁଝାଇବାକୁ ଚେଷ୍ଟା କରିଛି। ମୋ ଝିଅ ଜୀବନ ସହିତ ନଖେଳିବାକୁ କେତେ କାକୁତି ମିନତି ହୋଇଛି। ସୁଜିତ ର ବାପା ମାଆ ମଧ୍ୟ ପୁଅ କୁ ବୁଝାଇବାକୁ ବହୁତ ଚେଷ୍ଟା କରିଛନ୍ତି। ହେଲେ ସବୁ ନିଷ୍ଫଳ। ସେମାନେ ବି ମୋ ପରି ହାର ମାନି ନେଇଛନ୍ତି।

ଶେଷରେ ଦିଶା ଘରକୁ ଫେରିବାକୁ ମନସ୍ଥ କରିଛି।ଝିଅ ମୋର ଫେରୁଛି ତ ଫେରୁ।ଫେରୁ ତା ଘରକୁ।ଫେରିଆସୁ ତା ବାପା ପାଖକୁ।

ମୁଁ ଏବେ ତା ପାଇଁ ରୁମ ସଜାଡି ରଖୁଛି,ତା ଜୀବନକୁ ବି ସଜାଡିବାକୁ ଚେଷ୍ଟା କରିବି। ତାକୁ ବୁଝେଇବି ତୋ ବାପା ଥାଉଁ ଥାଉଁ ତୋର କିଛି ବ୍ୟସ୍ତ ହେବା ଦରକାର ନାହିଁ।ତୋ ବାପା ନିଶ୍ଚୟ ତୋର ଦୁଃଖ ହରିନେବ। ଭରସା ରଖ ମା, ବିଶ୍ୱାସ ରଖ..!

*କୁଞ୍ଜବିହାରୀ ଲେନ, କଟକ*

## ଚୋର ପାଇଲା ପାନେ

**ସୁନନ୍ଦା ମହାନ୍ତି**

ଗୋଟିଏ ଗାଁରେ ରହୁଥିବା ଏକ ବୁଢ଼ୀ ଘରେ ଗାଇଟିଏ ଥାଏ। ବୁଢ଼ୀଟି ଗାଈ କ୍ଷୀର ବିକି ଚଳି ଯାଉ ଯାଉ କୁକୁରଟିଏ ଓ ବିଲେଇଟିଏ ଆସି ବୁଢ଼ୀର ସାଙ୍ଗ ହେଲେ କୁକୁରଟି ଭୋ ଭୋ କରୁଥିବାରୁ ବୁଢ଼ୀ ତା ନାମ ଭାଉ ଦେଇଥାଏ ଓ ବିଲେଇଟି ମ୍ୟାଉଁ ମ୍ୟାଉଁ କରୁଥିବାରୁ ବୁଢ଼ୀ ତା ନାମ ମିଉଁ ରଖିଥାଏ। ତିନିହେଁ ଗାଈ କ୍ଷୀର ଗୋଳେଇ ଖୁସିରେ ଭାତ ଥାଆନ୍ତି। ଦିନ ସାରା ଗାଈକୁ ଜଗି ରହନ୍ତି ଭାଉ ଓ ମିଉଁ। ବୁଢ଼ୀ ମାଉସୀ ଯାଏ ଦୁବ ଓ ଘାସ କାଟି। କଅଁଳ ଦୁବ ଘାସ ଖାଇ ଗାଈ ହମା ଖୁବ ହୃଷ୍ଟପୃଷ୍ଟ ହୋଇ ବଢୁଥାଏ। ଏଣିକି ବୁଢ଼ୀ ମାଉସୀ ଆଉ ପାରୁନି। ଅଣ୍ଟା ଧରୁଛି । ତ ଗାଈ ହମାକୁ ନେଇ ଘରଠୁ ଟିକେ ଦୂରରେ ବାନ୍ଧିଦେଇ ସନ୍ଧ୍ୟା ପୂର୍ବରୁ ନେଇଆସେ।

ଦିନକର କଥା ବୁଢ଼ୀ ମାଉସୀର ଗାଈ ଦେଖି ଓ ତା ପ୍ରତି ଲୋଭ କରି ଚୋର ଗାଇଟିକୁ ଚୋରି କରିନେଲା। ଦାରୁଣ ଦୁଃଖରେ ବୁଢ଼ୀ ମାଉସୀର ମତିଭ୍ରମ ହେବାରୁ ସେ ଭାଉ ଓ ମିଉଁକୁ ବାଡେଇଲା। ତୁମେ ଦୁଇଜଣ ଯାଅ ଆମ ହମାକୁ ଖୋଜିଆଣ କହି ସେ ଦୁହିଁଙ୍କୁ ତଡି ଦୁଆର କିଳି ଦେଲା। ସେ ଦୁହେଁ ଦୁଇଚାରିଦିନ ଚାଳଉପର, ଘର ବାଡ଼ି ପଛପଟେ ରହିବା ପରେ କବାଟ ନଖୋଲିବାରୁ ଦୁହେଁ ନଇ ସେପାରି ଗାଁକୁ ଡ଼ଙ୍ଗା ସାହାଯ୍ୟରେ ଚାଲିଗଲେ। ସେ ଗାଁରେ ଗୋଟେ ସ୍କୁଲ ଥିଲା। ସେଠାରେ ନାଉରିଆ ଭାଇର ସ୍ତ୍ରୀ ରୋଷେଇ କରେ। ତା ପଛେ ପଛେ ଯାଇ ଭାଉ ଓ ମିଉଁ ସେଠି ପହଞ୍ଚି ଗଲେ। ସେଦିନ ପିଲା ଓ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମୀ ଭାଇ ଭଉଣୀ ସମସ୍ତେ ବନ୍ଦେ ମାତରମ୍ ଜାତୀୟ ସଂଗୀତ ଗାନ କରୁଥିଲେ, ତେଣୁ ତାଙ୍କୁ ସେଦିନ କେହି ବାଡେଇ ନଥିଲେ। ସେଠି ରହୁ ରହୁ ସେ ଦୁହେଁ ହମାକୁ ଠାବ କଲେ। ଚୋରଟି ସେହି ଗ୍ରାମର ଥିଲା। ଭାଉ ତାକୁ ଗୋଡେଇ ଗୋଡେଇ କାମୁଡ଼ିଲା। ମିଉଁ ମଧ୍ୟ ତା ଘରେ ପଶି ସବୁ କ୍ଷୀର ପିଇଦେଲା। ଚୋର ଠିକ ଚିହ୍ନିଲା ଯେ ଏ ଦୁହେଁ ବୁଢ଼ୀର କୁକୁର ଓ ବିଲେଇ। ସୁଧାର ଗାଈ ହମା ଏବେ ଭାଉ ଓ ମିଉଁଙ୍କୁ ଦେଖି ସାହସ ପାଇ ଚୋରକୁ ଭୁଷିବାକୁ ଲାଗିଲା ତ ବାଧ ହୋଇ ଚୋରଟି ହମାକୁ ନେଇ ଛାଡ଼ି ଦେଇ ଆସିଲା। ତାକୁ ପାଇ ବୁଢ଼ୀ ଖୁବ ଖୁସିରେ ଭାଉ ଓ ମିଉଁକୁ ଖୋଜୁଥିବା ବେଳେ ସେ ଦୁହେଁ ମଧ୍ୟ ପହଞ୍ଚିଗଲେ।



ସମସ୍ତେ ପୂର୍ବ ପରି ଖୁସିରେ ରହିବେ ଭାବିଥିଲା ବେଳେ ବୁଢ଼ୀମାଉସୀ ଆଉ ଏ ଦୁନିଆଁରେ ନଥିଲେ। ସେ ତିନିହେଁ ଏଥର ଖୁବ କାନ୍ଦିଲେ ଓ ସେଇ ନଈ ସେପାରି ଡ଼ଙ୍ଗା ପାଖକୁ ଗଲେ। ନାଉରିଆ ଭାଇ ଭାଉ ଓ ମିଉଁକୁ ଚିହ୍ନିଲେ। ତାଙ୍କ ସଙ୍ଗେ ହମାକୁ ଦେଖି ସ୍ତ୍ରୀ ଠାରୁ ଚୋର ବିଷୟରେ ସବୁ ଶୁଣିଥିବାରୁ ତିନିଜଣଙ୍କୁ ଘରକୁ ନେଲେ । ଏଣିକି ସମସ୍ତେ ନାଉରିଆ ଭାଇଙ୍କ ଘରେ ଭଲରେ ଥିଲେ। ଚୋର ସବୁ ଜାଣି ହମା ମୋ ଗାଈ କହିବାରୁ ନାଉରିଆ ଭାଇଙ୍କ ସ୍ତ୍ରୀ ତାଙ୍କ ବାପଘର ଗାଁର ବୁଢୀମାଉସୀଙ୍କ ଗାଈ ବୋଲି ତଥ୍ୟ ପ୍ରମାଣ ଯୋଗାଇ ଗାଈ ସହ କୁକୁର ଓ ବିଲେଇକୁ ସବୁଦିନ ଘରେ ରଖିଲେ। ଚୋରକୁ ପ୍ରମାଣ ପାଇ ପୋଲିସ ବାନ୍ଧିନେଲା। ଏବେ ସେ ଥାନା ହାଜତରେ ନିଜ କର୍ମକୁ ନିନ୍ଦୁଥିଲା।

ସାକ୍ଷୀଗୋପାଳ, ପୁରୀ
ମୋ : ୯୦୪୦୯୭୭୩୨୭

## ସାକ୍ଷୀ ସେଇ ରାତି

**ସତ୍ୟନାରାୟଣ ପ୍ରଧାନ**

ସହରରୁ ଘରକୁ ଜଙ୍ଗଲିଆ ରାସ୍ତା ଦେଇ ଗଲେ ବାଟ ଟିକେ କୋହଳ ହୋଇଯିବ ଭାବି ପ୍ରିୟା ଅଫିସରେ ଅନେକ କାମ ସାରି ଫେରି ଥିବାରୁ ଡାହାଣକୁ ନ ଯାଇ ବାମ ପଟକୁ ସ୍କୁଟିର ଚକ ବୁଲାଇ ଦେଲା । ସେଇ ଜାଗାରେ ଏକାଠି କାର୍ଯ୍ୟ କରୁଥିବା ପରେଶ ତାଙ୍କର ଡେରି ହେବାରୁ ରାତିରେ ଘରେ ଛାଡ଼ି ଆସିବାର ପ୍ରସ୍ତାବକୁ ସେ ହସି ମନା କରି ଦେଇଥିଲେ । ସେତେବେଳକୁ ସନ୍ଧ୍ୟା ହୋଇ ଆସୁଥାଏ । କେଉଁଠି ଥିଲା କେଜାଣି ଅଦିନିଆ ବର୍ଷାଟା ଅଚାନକ ମାଡି ଆସିଲା । ବର୍ଷା ଦାଉରୁ ରକ୍ଷା ପାଇବା ଲାଗି ରାସ୍ତା କଡକୁ ଲାଗି ନୁଆଁଣିଆ ଚାଳ ଛପର ଘରକୁ ଧାଇଁ ଯିବା ଛଡା ଅନ୍ୟ କିଛି ଉପାୟ ନ ଥିଲା ।



ଘରକୁ ଯିବା ପାଇଁ ସେ କାହାକୁ କିଛି କହିବା ଆଗରୁ ସିଧା ଭିତରକୁ ପଶିଗଲା। ଚାରିଆଡେ ଖାଲି ନିରବ ଯେପରି କେହି ସେ ଘରେ ରହୁ ନାହାଁନ୍ତି । ସନ୍ଧ୍ୟା ଯାଇ ରାତି ହେବାକୁ ବସିଲା ବର୍ଷାରେ ଓଦା ହୋଇ ଜଣେ ଘର ଭିତରକୁ ପ୍ରବେଶ କଲେ । ବର୍ଷା ସେପରି ଲାଗି ରହିଥାଏ। ବ୍ୟସ୍ତ ହେବାର କିଛି ନାହିଁ ବର୍ଷା ନ କମିବା ଯାଏ ଆରାମରେ ରହିପାର ବୋଲି ହାତରେ ଜାଳ କାଠ ବିଡା ଧରି ନିଜ ନାଁ କୁ ରାମୁ ବୋଲି କହୁଥିଲା । ପ୍ରିୟା ରାତିରେ ରହିବା ଛଡା ଆଉ କିଛି ବିକଳ୍ପ ବ୍ୟବସ୍ଥା ନାହିଁ ଜାଣି ପାରିଲା ।

ଘର ସାରା ଜିନିଷ ସବୁ ଏଣେତେଣେ ପଡିବା ଦେଖି ତାକୁ ମୋଟେ ଭଲ ଲାଗି ନ ଥିଲା । ଗୋଟେ ନାରୀ ହିସାବରେ ଯେତିକି ସମ୍ଭବ ତାହା କରିବାକୁ ବାଛି ନେଇଥିଲା । ରାତିରେ ଖିଆ ପିଆ ସରିବା ପରେ ରାମୁ ଉପରେ ବିଛଣା ପାରି ତାଙ୍କୁ ବିଶ୍ରାମ କରିବାକୁ କହିଲା । ଉଭୟ ନିଜ ବିଷୟରେ ଭଲ ମନ୍ଦ କଥା ହୋଇ ଶୋଇବାକୁ ବାହାରି ପଡିଲେ। ସେ ବଖରାରେ ନ ଶୋଇ ଅନ୍ୟ ଆଡେ ଶୋଇବା ପାଇଁ ଚାଲିଗଲା। ରାତି ଅଧରେ ବଣରୁ ପଶୁ ପକ୍ଷୀଙ୍କ ବିକଟାଳ ଶବ୍ଦ ଶୁଣି ସେ ଛାନିଆରେ ରାମୁ ଶୋଇଥିବା ଜାଗାରେ ଯାଇ ଶୋଇ ପଡିଲା ।

ବଡ଼ି ଭୋର ହେବାରୁ ପ୍ରିୟାର ନିଦ ଭାଙ୍ଗି ଯାଇଥିଲା। ପ୍ରଥମ ଥର ପୁରୁଷ ସ୍ପର୍ଶ ପାଇ ଥିବାରୁ ମନରେ ତାର ଅଜଣା ଶିହରଣ ଖେଳିଗଲା। ସେ ଖାଲି ରାମୁର ସରଳ ନିରୀହ ମୁହଁକୁ ଚାହିଁ ରହି ଭାବନା ରାଜ୍ୟରେ ଘୁରି ବୁଲୁଥିଲା । ଗୋଟେ ବଢିଲା ଝିଅକୁ ଏକା ପାଖରେ ପାଇ ମନରେ ନ ଥିଲା ପୁରୁଷତ୍ୱ ଜାହିର କରିବାର ଦୁର୍ବାର ମାନସିକତା କେବଳ ଲୁଚି ରହିଥିଲା ଅନ୍ୟ ପ୍ରତି ସମ୍ମାନ ଆଉ ମଣିଷ ପଣିଆ । ସକାଳୁ କାଉ କୋଇଲିର ରାବରେ ନିଦରୁ ରାମୁ ଉଠି ପ୍ରିୟାକୁ ଅଚାନକ ଦେଖିବା ପରେ ଲାଜରେ ଉଠି ପଡିଲା । ପ୍ରିୟା ଆଉ ବେଶି ସମୟ ନ ରହି ସେଠାରୁ ଘରକୁ ଯିବା ବେଳେ ରାମୁକୁ ନିଜ ମନ ଭିତରେ କେଜାଣି କାହିଁକି ଭଲ ପାଇବା ସୃଷ୍ଟି ହୋଇ ସାରିଥିଲା ଆଉ ହସି ଦେଇ ଆସୁଛି ଜଣାଇ ଚାଲିଗଲା । ଘର ଲୋକ ରାତି ସାରା ଶାନ୍ତିରେ ଶୋଇ ନ ପାରି ଠାକୁରଙ୍କୁ ପ୍ରାର୍ଥନା କରିଥିଲେ ଝିଅ ତାଙ୍କର ଭଲରେ କିପରି ଯେଉଁଠି ଥାଉ ନା କାହିଁକି ଫେରି ଆସୁ । ବିବାହ ବୟସରେ ଉପନୀତ ଝିଅ ବାହାରକୁ ଗୋଡ଼ କାଢି ଅସୁବିଧାରେ ପଡିଲେ କାହାକୁ ବା ଭଲ ଲାଗିବ । ତଥାପି ପାରିବାରିକ ସମସ୍ୟା ଯୋଗୁଁ ତାଙ୍କୁ ଚାକିରୀ କରିବାକୁ ପଡୁଥିଲା । ପ୍ରିୟା ଦେଖିବାକୁ ବହୁତ ସୁନ୍ଦର ହୋଇ ଥିବାରୁ ଅନେକ ପ୍ରସ୍ତାବ ଆସି ପହଞ୍ଚିବାରେ ବିଶେଷ ଅସୁବିଧା ହେଉ ନ ଥିଲା । ହେଲେ ତାର ଏକା ଜିଦ ଚାଳ ଘର ଛାଡ଼ି ଯେଉଁଦିନ ନିଜ ରୋଜଗାର ଟଙ୍କାରେ କୋଠଘର ତୋଳି ବାପା ମାଆଙ୍କୁ ରଖି ସାରିବା ପରେ ଯାଇ ବିବାହ କରିବ । ଅନେକ ବିବାହ ପ୍ରସ୍ତାବ ଯୌତୁକ ନେବା ବଦଳରେ ଦରକାର ପଡିଲେ ସବୁ ଖର୍ଚ୍ଚ ବହନ କରି ଘରକୁ ନେବା ଲାଗି ପ୍ରସ୍ତୁତ ବାହାଘର ମଧ୍ୟସ୍ଥି ହାତରେ ଖବର ପଠାଉ ଥିଲେ ।

ପ୍ରିୟା ଯଦି ବିବାହ କରିବ କେବଳ ରାମୁକୁ ତା ଛଡା ଆଉ କେହି ନୁହଁ ବୋଲି ନିଜ ପରିବାର ଲୋକଙ୍କୁ ଜଣାଇ ବାକୁ ଉଚିତ ମନେ କରିଥିଲା । ପରିବାର ଲୋକ ଝିଅ ଖୁସିରେ ବାଧା ନ ଦେଇ ତାକୁ ଦୁନିଆର ଭଲ ମନ୍ଦ ବୁଝାଇ ତେଣିକି ଯାହା ନିଷ୍ପତ୍ତି ନେବୁ ବୋଲି ଶୁଣାଇ ଥିଲେ । ସେ ପରିବାର ଠାରୁ ସମ୍ମତି ଜାଣି ସିଧା ରାମୁ ନିକଟରେ ହାଜର । ପରିବାର ଲୋକ ଆମ ବାହାଘର ପାଇଁ ରାଜି ବୋଲି ହସି ଦେଇ କହିଲା । ରାମୁ ଆଶ୍ଚର୍ଯ୍ୟ ହୋଇ ବସିବା ଜାଗାରୁ ଉଠି ପଡିଲା । ଏଠି କାହାର ବାହାଘର ହେବ ବୋଲି ତାକୁ ପଚାରିଲା। ସେ ଦୁହିଁଙ୍କ ବାହାଘର ହେବା କଥା ଶୁଣି ନିପଟ ମଫସଲ ଅପାଠୁଆ ସଭ୍ୟତା ଜାଣି ନ ଥିବା ଏ ଜଙ୍ଗଲିଆ ପୁଅକୁ ବିବାହ କରି କି ଲାଭ ପାଇବ କହିଲା। ପ୍ରିୟା ସେ ସବୁ କିଛି ଜାଣି ନାହିଁ ଭଲ ପାଇବାରେ ସମାନତା ମପାଯାଏ ନାହିଁ କେବଳ ଜଣେ ଅନ୍ୟ ଜଣଙ୍କ ପ୍ରତି କେତେ ଯତ୍ନବାନ ତାହା ଦେଖିବା କଥା ।

ପ୍ରିୟା କାମ କରୁଥିବା ଅଫିସରେ ସମସ୍ତଙ୍କ ସହିତ ଆନ୍ତରିକତା ସହିତ ମିଶି ଯାଉଥିଲା । ସେ ମନରେ ଛୋଟ ବଡ଼ ଉଚ୍ଚ ନୀଚ ଭାବନା ନ ରଖି ଗୋଟେ ଛାତ ତଳେ କାମ କରୁଥିବା ସବୁ ମଣିଷକୁ ଯଥେଷ୍ଟ ସମ୍ମାନ ଦେବାକୁ ମୋଟେ ଭୁଲି ନ ଥିଲା । ପରେଶ ପ୍ରିୟାକୁ ଭଲ ପାଏ ବୋଲି କହି ନ ପାରିଲେ ବି ସେମାନଙ୍କ ଭିତରେ କିଛି ତ ଅଛି ବୋଲି ଅନ୍ୟ କର୍ମଚାରୀ ମାନେ ଲକ୍ଷ୍ୟ କରିଥିଲେ। କେଜାଣି କାହିଁକି ପ୍ରିୟା ପୂର୍ବ ଦିନ ମାନଙ୍କ ଅପେକ୍ଷା ବେଶି ଖୁସି ଜଣା ପଡୁଥିବାର ପରେଶ ଲକ୍ଷ୍ୟ କରିଥିଲା । ପରେଶ ଅନେକ ଦିନ ଆଗରୁ ପ୍ରିୟାକୁ ଭଲ ପାଇ ଆସୁଥିଲା ହେଲେ କେବେ ମନ ଖୋଲି କହି ପାରୁ ନ ଥିଲା । ସେ ନିଜକୁ ଆଉ ବେଶି ଦିନ ଦହଗଞ୍ଜ ନ କରି ଥରେ ସନ୍ଧ୍ୟାରେ ଘରକୁ ଫେରୁଥିବା ସମୟରେ ଭଲ ପାଏ ବୋଲି ତାକୁ ଖୋଲି କହି ଦେଲା । ସେ ସବୁ କଥା ଶୁଣିବା ପରେ ଗୋଟେ ବନ୍ଧୁ ଭଳି ପରେଶକୁ ଭାବି ଆସିଛି ଆଉ ମୁଁ ଆଉ କାହାକୁ ଭଲ ପାଏ ଆଉ ତାକୁ ବିବାହ କରିବି ବୋଲି ପ୍ରିୟା ତାକୁ କହିଲା ।

ସେ କିଏ ବୋଲି ତାକୁ ଦେଖିବା ପାଇଁ ଭାରି ଇଚ୍ଛା ହେଉଛି ପ୍ରିୟାକୁ କହିଲା। ପ୍ରିୟା ଆଉ ଡେରି ନ କରି ତାକୁ ରାମୁକୁ ଦେଖାଇବା ପାଇଁ ସେଇ ଜଙ୍ଗଲିଆ ରାସ୍ତା ଆଡକୁ ନେଇ ଯାଇଥିଲା । ରାମୁ ଘର ଅଗଣାରେ ବସି ଦୁର୍ଘଟଣାରେ ନିଜ ବାପା ମାଆକୁ ହରାଇ ଥିବା କଥା ମନେ ପକାଇ ଦୁଃଖରେ ବସିଥାଏ । ଜୀବନରେ ତାର ଯଦି କିଛି ହୋଇଯାଏ ତା ହେଲେ ପିଲାମାନେ ସବୁ ଅନାଥ ହୋଇଯିବେ। ସେ ଯେପରି ଏବେ ଅନୁଭବ କରୁଛି । ସେତେବେଳେ ପରେଶ ରାମୁ ନିକଟରେ ପହଞ୍ଚି ସେମାନଙ୍କ ଭିତରେ ଗଢି ଉଠିଥିବା ଭଲ ପାଇବାର ପାଇଁ ଶୁଭ କାମନା ଜଣାଇ ଗୋଟେ ଦିନରେ କିପରି ସମ୍ଭବ ହେଲା ମଜାରେ କହୁଥିଲା ।

ରାମୁ ଏଭଳି ମନ୍ତବ୍ୟ ଶୁଣି ଦରକାର ପଡିଲେ ଗୋଟେ ରାତି ନୁହଁ ଜଣେ ଅସୁବିଧାରେ ପଡିଥିଲେ ବନ୍ଧୁଟିଏ ପରି ତାକୁ ଶହେ ରାତି ଅନିଦ୍ରା ହୋଇ ସୁରକ୍ଷା ଦେବା ଲାଗି ପ୍ରସ୍ତୁତ ଅଛି । ଆମ ଭିତରେ ଥିବା ସମ୍ପର୍କରେ ପରସ୍ପର ପ୍ରତି ଲୁଚି ରହିଛି ଢେର ସମ୍ମାନ ଓ ନିସ୍ୱାର୍ଥପରତା । ଯେତେ ସତକଥା କହିଲେ ବି ଯାହା ତୁମକୁ ମିଛ ଲାଗି ପାରେ ଯେହେତୁ ଆମ ଦୁହିଁଙ୍କ ଛଡା ଅନ୍ୟ କେହି ସେଠାରେ ନ ଥିଲେ କିନ୍ତୁ ଆମ ପାଇଁ କେବଳ ଜଣେ ସେଇ ରାତି ସାକ୍ଷୀ କହିଲା ବେଳେ ଆଖିରୁ ତାର ଲୁହ ଗୁଡାକ ଝରି ପଡୁଥିଲା । ପରେଶ ରାମୁ ଠାରୁ ଏଭଳି କଥା ଶୁଣି ସାରିବା ପରେ ଆଗରୁ ମନରେ ଉଙ୍କି ମାରିଥିବା ଭାବନା ଗୁଡାକ କୁଆଡେ ପବନରେ ମିଳାଇ ଯାଇଥିଲା । ସେ ସେମାନଙ୍କ ଠାରୁ ହସି ବିଦାୟ ନେଇଥିଲା ।

*ସା / ପୋ - ଅଣ୍ଡିଆ*
*ଜିଲ୍ଲା - ଯାଜପୁର*
*ମୋ - ୯୧୭୮୩୧୩୬୪୪*

## ସ୍ୱପ୍ନଭୁକ୍

**ରତ୍ନକାନ୍ତି ମିଶ୍ର**

ଘରଟିଏ ଗଢିବାର ଅଛି। ଏଇ ଗୋଟିଏ ସ୍ୱପ୍ନକୁ ମାଂସାଳ କୁଜଟିଏ ଭଳି ପିଠିପରେ ବୋହି, ମାଧ'ମା ସମୟର ତତଲା ବାଲିରେ ଚାଲି ଆସିଲାଣି କେତେ ବାଟ। ସେ ଜାଣିନାହିଁ ଅଥଚ ତତଲା ବାଲିରେ ଫୋଟକା ଉଠୁରି ଆସିଥିବା ପାଦକୁ ଘୋଷାରି ଘୋଷାରି ଚାଲିବାର ଜାଗା ଗୋଟିଏ ମରୀଚିକା ତା ପାଇଁ । କାହିଁ ମରୁଝର ଟିଏ ତ ଏଯାବତ୍ ଦୃଶ୍ୟ ହେଉନାହିଁ। ତଥାପି ମା' ମନ ତ । ଆକୁଳିତ ପ୍ରାଣରେ ସହି ଚାଲିଛି ରୌଦ୍ରର ଉତ୍ପାତ।



କେତେ ଓଷା, କେତେ ଉପବାସ ମାଆର। ମାଧ ଏକାନ୍ତରେ ବସି କେବେ କେବେ ଭାବେ । ଆଠକାଳି ବାରମାସ, ମାଆର ଉପାସ । କେବେ କାର୍ତ୍ତିକ ବ୍ରତ, କେବେ ସଂକ୍ରାନ୍ତି, କେବେ ପୁଣି ଏକାଦଶୀ । ବାରମାସରେ ତେର ପର୍ବ ତା ପାଇଁ ନୁହେଁ, ତା ପାଇଁ ପ୍ରତ୍ୟେକ ବାର ସଂଲଗ୍ନ ଉଦ୍ଦିଷ୍ଟ ଦେବାଦେବୀଙ୍କ ପାଇଁ ମାନସିକ। କେବେ କେଉଁ ଈଶ୍ୱର ଜନ୍ମ ନେଇଥିଲେ କେଉଁ ଯୁଗରେ। ସେମାନଙ୍କ ଜନ୍ମଦିନ ବୋଉ ପାଳେ ମାଧ ଜନ୍ମଦିନ ଭଳି। ମାଆ ପେଟରେ ଭୋକ ବଦଳରେ ଜାଗା ମାଡ଼େ ପୂଣ୍ୟ ବୋଧହୁଏ ପୁଅର ମଙ୍ଗଳ ବିଧାନରେ ଉପବାସ ବଦଳରେ ସେ ସାଉଁଟେ ମହାପୂଣ୍ୟ।

ବେଳେ ବେଳେ ମାଧକୁ ଲାଗେ ମା' ପାଖରେ ସେ ହିଁ ଅପରାଧୀ। ତାରି ପାଇଁ ସିନା ମାଆର ଏତେ ବ୍ରତ, ମାନସିକ ଏବଂ ତଦ୍‌ଜନିତ କାଷ୍ଠା, ନିଷ୍ଠା ଆଉ ନିର୍ଜଳା ଉପବାସ। ପୁଣି ବେଳେ ବେଳେ ତାକୁ ଲାଗେ ସେ ଖାଲି ଦୋଷୀ ନୁହେଁ, ବାପା ବି ତ ଦୋଷୀ। ସେ ଆରପାରିକୁ ଗଲା ଦିନରୁ ବୋଉର ବିଧବା ଯନ୍ତ୍ରଣା ଆଉ ନିର୍ଜଳା ଏକାଦଶୀ ବ୍ରତର ଆରମ୍ଭ।

ନୂଆ କରି ଘର ଦି'ବଖରା କରିବା ମାଆର ଏବେ ଏକମାତ୍ର ସ୍ୱପ୍ନ। ତା'ପରେ ସିନା ପୁଅର ବାହାଘର କଥା ଚିନ୍ତା କରିବ ? ସାରା ବ୍ରତ ଉପବାସ ସାଙ୍ଗକୁ ମାଆ ପୁଣି ବାହାରେ, ବିଲରେ ମୂଲ ମଜୁରୀ କରି। ମାଆକୁ ସବୁ କାମ ଆସେ। ନିୟତ ଲଗେଇ କାମ କରେ ବୋଲି ସେ ଲୋଡା ହୁଏ କାମକୁ। ଏ ବୟସରେ ଆଉ ନଖଟିବାକୁ ଯେତେ ମନା କଲେ ବି ସେ କି ଶୁଣେ ମାଧ କିମ୍ବା କାହା କଥାକୁ ? କହିବ -'ଛୁଆଟା କେତେ ଖଟିବ ଆଉ ? ତା ବାପା ଥିଲେ ମୁଁ କ'ଣ ଯାଆନ୍ତି କାମକୁ ?'

ମାଧ ଦିନେ ଖବର ପାଇଲା ମାଆ ଦେହ ଖରାପ। ଫେରି ଆସିଲା ଦାଦନ ଖଟିବାକୁ ଯାଇଥିବା ସହରରୁ। ମାଆର ନା ନାକୁ ନଶୁଣି ତାକୁ ଡାକ୍ତରଖାନା ନେଇଗଲା ତ ସେଇଠି ଯେମିତି ତା ମୁଣ୍ଡ ଉପରେ ଆକାଶ ଛିଣ୍ଡି ପଡିଲା। ମାଆ ପେଟରେ ଘାଆ ଏବେ କ୍ୟାନ୍ସର ହୋଇ ସାରିଛି ବୋଲି ଡାକ୍ତରଙ୍କଠୁ ଶୁଣି ଭାଙ୍ଗି ପଡିଲା ମାଧ। ସେ ବୁଝିପାରିଲା ମାଆର ସ୍ୱପ୍ନ ସବୁ ଖୁବ୍ ଶୀଘ୍ର ଭାଙ୍ଗିବାକୁ ଯାଉଛି।

ମାଧ ଡାକ୍ତର ବାବୁଙ୍କ ଠାରୁ ଏକଥା ବି ଜାଣିଲା ମାଆ ଖାଲି ପେଟରେ ରହିବା ଯୋଗୁଁ ହିଁ ପେଟରେ ତା'ର ଘା ହୋଇଛି।

ମାଆ ଚାଲିଗଲା କେଇ ମାସ ପରେ।

ଏଥର ମାଧ ହାତରେ ଥିଲା ମାଆର ଅର୍ଦ୍ଧାଧିକ ସ୍ୱପ୍ନ। ହାତରେ ବି ଥିଲା ମାଆର ଗଚ୍ଛିତ କିଛି ଟଙ୍କା। ମାଆର ସ୍ୱପ୍ନଭୁକ ମନରେ ବସା ବାନ୍ଧିଥିବା ଦୁଇ ବଖରା ନୂଆ ଘରର ରୂପରେଖ ଏବେ ମାଧର ସ୍ୱପ୍ନ ହୋଇ ଉଭା ହେଲା। ମାଆର ଆଶା ପୂରଣ କରିବାକୁ ସେ ବଦ୍ଧପରିକର ହେଲା।

ସେଦିନ ଉତ୍ତର ଆକାଶରେ ଧ୍ରୁବ ତାରା ପାଖରେ ଆଉ ଗୋଟିଏ ତାରା ମାଧ ନଜରରେ ପଡିଲା ଏବଂ ସେଇ ତାରା ଟି ମାଆ ବୋଲି ତା'ର ପ୍ରତ୍ୟୟ ହେଲା। ଲୁହଭିଜା ଆଖିରେ ଜାଲୁଜାଲୁଆ ଦିଶୁଥିବା ତାରା ଟିକୁ ଚାହିଁ କହିଲା -'ମାଆ ଆଜି ତୋର ସ୍ୱପ୍ନ ପୂରଣ ହୋଇଛି । ତୋ ପୂଣ୍ୟ ପସରା ବିନିମୟରେ ଆଜି ଘର କାମ ସଂପୂର୍ଣ୍ଣ ହୋଇଛି। ହେଲେ ତୁ ଆଜି ନାହୁଁ ମୋ ପାଖରେ... !'

*ଆଳି, କେନ୍ଦ୍ରାପଡା*

## ବିଜୟ ହଜାରେ ଟ୍ରଫି

# ଗୋଟିଏ ଦଳରେ ସ୍ଥାନ ପାଇଲେ ବିରାଟ କୋହଲି ଓ ରଷଭ ପନ୍ତ




**ନୂଆଦିଲ୍ଲୀ**

ଆଗାମୀ ବିଜୟ ହଜାରେ ଟ୍ରଫି ପାଇଁ ଦିଲ୍ଲୀର ସମ୍ଭାବ୍ୟ ଦଳରେ ଭାରତର ଦୁଇ ଷ୍ଟାର ଖେଳାଳି ବିରାଟ କୋହଲି ଏବଂ ରଷଭ ପନ୍ତଙ୍କୁ ସାମିଲ କରାଯାଇଛି । ଗୁରୁବାର ଦିଲ୍ଲୀ ଓ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ (ଡିଡିସିଏ) ପକ୍ଷରୁ ଏକ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି ।

ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ୧୫ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯାଉଛନ୍ତି । ୨୦୧୦ ଫେବୃଆରୀରେ ସେ ଶେଷ ଥର ପାଇଁ ବିଜୟ ହଜାରେ ଟ୍ରଫିରେ ଖେଳିଥିଲେ ।

ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ପାଇଁ ଭାରତୀୟ ଦଳରେ ଥିବା କିନ୍ତୁ କୌଣସି ମ୍ୟାଚ୍ ଖେଳିନଥିବା ରଷଭ ପନ୍ତ ମଧ୍ୟ ଦଳରେ ଯୋଗ ଦେବେ । ସେ ୨୦୨୪ ଅଗଷ୍ଟ ପରେ ତାଙ୍କର ପ୍ରଥମ ୫୦ ଓଭର ମ୍ୟାଚ୍ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି ।

ଡିଡିସିଏ କହିଛି ଯେ, “ବିଜୟ ହଜାରେ ଟ୍ରଫି ପାଇଁ ଚୟନକର୍ତ୍ତାମାନେ ଦିଲ୍ଲୀ ସିନିଅର୍ ପୁରୁଷ ଦଳ ପାଇଁ ସମ୍ଭାବ୍ୟ ଖେଳାଳିଙ୍କ ତାଲିକା ଚୂଡ଼ାନ୍ତ କରିଛନ୍ତି । ଏଥିରେ ସୟଦ ମୁସ୍ତାକ ଅଲି ଟ୍ରଫି ଦଳ ପାଇଁ ମନୋନୀତ ଖେଳାଳିଙ୍କ ସହ ବିରାଟ କୋହଲି ଏବଂ ରଷଭ ପନ୍ତ ଯୋଗ ଦେବେ ।”

ଦିଲ୍ଲୀ ଡିସେମ୍ବର ୨୪ ତାରିଖରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ । ଏହି ମ୍ୟାଚ୍‌ରେ ବହୁ ସଂଖ୍ୟକ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିବାର ସମ୍ଭାବନା ଅଛି ।

ଫିଟ୍ ଥିବା ଏବଂ ଜାତୀୟ ଦାୟିତ୍ୱରେ ନ ଥିବା କେନ୍ଦ୍ରୀୟ ଚୁକ୍ତିଭୁକ୍ତ ଖେଳାଳିଙ୍କୁ ଘରୋଇ କ୍ରିକେଟ୍ ଖେଳିବା ପାଇଁ ବିସିସିଆଇର ନିର୍ଦ୍ଦେଶ ପରିପ୍ରେକ୍ଷୀରେ କୋହଲିଙ୍କର ଏହି ପ୍ରତ୍ୟାବର୍ତ୍ତନ ହେଉଛି ।

# ୨ୟ ଟି-୨୦ ମ୍ୟାଚ୍ : ଭାରତକୁ ୫୧ ରନ୍‌ରେ ହରାଇଲା ଦକ୍ଷିଣ ଆଫ୍ରିକା

**ନୂଆଦିଲ୍ଲୀ :**

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜର ୧୧ ଡିସେମ୍ବର ୨ୟ ମୁକାବିଲା ଖେଳା ଯାଇଛି । ମୁଲ୍ଲାମ୍ପୁର (ନ୍ୟୁ ଚଣ୍ଡିଗଡ଼)ର ମହାରାଜା ଯାଦଭେନ୍ଦ୍ର ସିଂହ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଛି । ଏହି ମ୍ୟାଚରେ ଭାରତକୁ ୫୧ ରନ୍‌ରେ ପରାଜୟ ମିଳିଛି । ମୁକାବିଲାରେ ଭାରତୀୟ ଟିମକୁ ୨୧୪ ରନ୍‌ର ଟାର୍ଗେଟ୍ ମିଳିଥିଲା , କିନ୍ତୁ ଏହାର ପୂରା ଟିମ୍ ୧୯.୧ ଓଭରର ୧୬୨ ରନରେ ସୀମିତ ରହିଥିଲା । ତିଳକ ବର୍ମା ୬୨ ରନ୍



କରିଥିଲେ । ଏହ ମୁକାବିଲାରେ ଭାରତୀୟ ଟିମ୍‌କୁ ବିଜୟ ପାଇଁ ୨୧୪ ରନର ଏକ ବଡ଼ ଟାର୍ଗେଟ୍ ମିଳିଥିଲା । ଦକ୍ଷିଣ ଆଫ୍ରିକା ଟିମ୍ ପାଇଁ କ୍ୱିଣ୍ଟନ ଡିକାକ୍ ୯୦ ର ଯୋଗଦାନ ଦେଇଥିଲେ । ଭାରତୀୟ ଟିମ୍ ଦକ୍ଷିଣ ଆଫ୍ରିକା ବିରୋଧରେ ଟି-୨୦ ସିରିଜର ପ୍ରଥମ ମୁକାବିଲାରେ ୧୦୧ ରନରେ ଧମାକାଦାର ବିଜୟ ହାସଲ କରିଥିଲା । ସେହି ମ୍ୟାଚ୍ ୯ ଡିସେମ୍ବରରେ କଟକର ବାରବାଟୀ ଷ୍ଟାଡ଼ିୟମରେ ଖେଳାଯାଇ ଥିଲା । ଏବେ ଭାରତୀୟ ଟିମ୍ ଏହି ମ୍ୟାଚକୁ ଜିତି ଟି-୨୦ ସିରିଜ୍‌ରେ ୨-୦ର ଲିଡ୍ ନେବାକୁ ଚାହିଁବ । ଭାରତ: ଶୁଭମନ ଗିଲ୍, ଅଭିଷେକ ଶର୍ମା, ସୂର୍ଯ୍ୟକୁମାର ଯାଦବ(ଅଧିନାୟକ), ତିଳକ ବର୍ମା, ଜିତେଶ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମରା ।

## ୧୯ ବର୍ଷରୁ କମ୍ କ୍ରିକେଟ ଏସିଆ କପ୍-୨୦୨୫

# ୧୪ରେ ଭାରତ-ପାକିସ୍ତାନ ମହାମୁକାବିଲା

**ନୂଆଦିଲ୍ଲୀ**

୧୯ ବର୍ଷରୁ କମ୍ କ୍ରିକେଟ ଏସିଆ କପ୍-୨୦୨୫ ଡିସେମ୍ବର ୧୨ରୁ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ଦିନରେ ଦୁଇଟି ମ୍ୟାଚ୍ ଖେଳାଯିବ । ଆୟୁଷ ମହାତ୍ରେଙ୍କ ନେତୃତ୍ୱରେ ଭାରତୀୟ ଦଳ ୟୁଏଇ ସହିତ ମୁକାବିଲା କରିବ । ଦ୍ୱିତୀୟ ମ୍ୟାଚ୍ ମାଲେସିଆ ଏବଂ ପାକିସ୍ତାନ ମଧ୍ୟରେ ହେବ । ଉଭୟ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ । ଭାରତ ଏବଂ ପାକିସ୍ତାନ ଗ୍ରୁପ୍-ଏରେ ଅଛନ୍ତି, ଏବଂ ସେମାନଙ୍କର ଦ୍ୱିତୀୟ ମ୍ୟାଚ୍



ପରସ୍ପର ବିପକ୍ଷରେ ହେବ ।

୧୯ ବର୍ଷରୁ କମ୍ ଏସିଆ କପ୍‌ରେ ଭାରତୀୟ ୧୯ ବର୍ଷରୁ କମ୍ ବନାମ ପାକିସ୍ତାନ ୧୯ ବର୍ଷରୁ କମ୍ ମ୍ୟାଚ୍ ଡିସେମ୍ବର ୧୪ରେ ଦୁବାଇର ଆଇସିସି ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । ମ୍ୟାଚ ଭାରତୀୟ ସମୟ ସକାଳ ୧୦:୩୦ ରେ ଆରମ୍ଭ ହେବ ।

୧୯ ବର୍ଷରୁ କମ୍ ଏସିଆ କପ୍-୨୦୨୫ ଡିସେମ୍ବର ୧୨ରୁ ଡିସେମ୍ବର ୨୧ ପର୍ଯ୍ୟନ୍ତ ୟୁଏଇରେ ଅନୁଷ୍ଠିତ ହେବ । ଏହା ଏକ ୫୦ ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ । ଗ୍ରୁପ ପର୍ଯ୍ୟାୟ ପରେ, ଏକ ନକ୍‌ଆଉଟ୍ ପର୍ଯ୍ୟାୟ ହେବ । ମୋଟ ଆଠଟି ଦଳ ଅଂଶଗ୍ରହଣ କରୁଛନ୍ତି, ପ୍ରତ୍ୟେକ ଦଳ ଚାରିଟି ଲେଖାଏଁ ଦୁଇଟି ଗ୍ରୁପରେ ବିଭକ୍ତ ।

ଗ୍ରୁପ ଏ : ଭାରତ, ପାକିସ୍ତାନ, ମାଲେସିଆ, ୟୁଏଇ ।

ଗ୍ରୁପ ବି : ଆଫଗାନିସ୍ତାନ, ବାଂଲାଦେଶ, ନେପାଳ, ଶ୍ରୀଲଙ୍କା ।

# ଟିମ୍ ଇଣ୍ଡିଆ ଖେଳାଳିଙ୍କ ଉପରେ ଗମ୍ଭୀର ଅଭିଯୋଗ ଆଣିଲେ ଜାଡ଼େଜାଙ୍କ ସ୍ତ୍ରୀ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳର ଅଭିଜ୍ଞ ଅଲରାଉଣ୍ଡର ରବିନ୍ଦ୍ର ଜାଡ଼େଜାଙ୍କ ପତ୍ନୀ ଏବଂ ଗୁଜରାଟ ସରକାରଙ୍କ ମନ୍ତ୍ରୀ ରିଭାବା ଜାଡ଼େଜା ପୁଣିଥରେ ତାଙ୍କ ମନ୍ତବ୍ୟ ପାଇଁ ଚର୍ଚ୍ଚାରେ ଅଛନ୍ତି । ଏକ କାର୍ଯ୍ୟକ୍ରମରେ ରିଭାବା ଟିମ୍ ଇଣ୍ଡିଆର ଖେଳାଳିମାନଙ୍କ ବିରୁଦ୍ଧରେ ଏପରି ଅଭିଯୋଗ ଆଣିଛନ୍ତି ଯାହା କ୍ରିକେଟ ଜଗତରେ ହଇଚଇ ସୃଷ୍ଟି କରିଛି । ତାଙ୍କର ମନ୍ତବ୍ୟ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି ଏବଂ ପ୍ରଶଂସକଙ୍କଠାରୁ ବିଶେଷଜ୍ଞ ପର୍ଯ୍ୟନ୍ତ ସମସ୍ତେ ଏହାର ପ୍ରତିକ୍ରିୟା ଦେଉଛନ୍ତି ।

ଇଭେଣ୍ଟ ସମୟରେ ତାଙ୍କ ସ୍ୱାମୀଙ୍କ ସଚ୍ଚୋଟତା ଏବଂ ଶୃଙ୍ଖଳାର ପ୍ରଶଂସା କରିବା ସମୟରେ, ରିଭାବା ହଠାତ୍ ଅନ୍ୟ ଭାରତୀୟ ଖେଳାଳିମାନଙ୍କୁ ଟାର୍ଗେଟ କରିଥିଲେ । ସେ କହିଥିଲେ ଯେ ଜାଡେଜା ଲଣ୍ଡନ, ଦୁବାଇ ଏବଂ ଅଷ୍ଟ୍ରେଲିଆ ସମେତ ଖେଳିବା ପାଇଁ ବିଶ୍ୱର ଅନେକ ଦେଶ ଭ୍ରମଣ କରନ୍ତି, ତଥାପି ସେ କେବେ କୌଣସି ଖରାପ ଅଭ୍ୟାସ କିମ୍ବା ନିଶାରେ ପଡ଼ିନାହାନ୍ତି । ରିଭାବା ତା'ପରେ ଏକ ଆଶ୍ଚର୍ଯ୍ୟଜନକ ଅଭିଯୋଗ ଆଣି କହିଥିଲେ, “ଟିମ୍‌ର ଅନ୍ୟ ସମସ୍ତ ଖେଳାଳି ବିଦେଶ ଯାଇ ଭୁଲ କାମ କରନ୍ତି । ଏହି ବୟାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି କାରଣ ଏହା ସିଧାସଳଖ ଟିମ୍ ଇଣ୍ଡିଆର ଡ୍ରେସିଂ ରୁମର ସଂସ୍କୃତି ଉପରେ ପ୍ରଶ୍ନ ଉଠାଇଥାଏ ।

ରିଭାବା ଆହୁରି କହିଛନ୍ତି ଯେ ଯଦି ଜାଡ଼େଜା ଚାହାନ୍ତି, ତେବେ ସେ ସମାନ କାମ କରିପାରିବେ । ତାଙ୍କୁ ମୋତେ ପଚାରିବା ମଧ୍ୟ ଆବଶ୍ୟକ ନାହିଁ । ତଥାପି ସେ ତାଙ୍କର ଦାୟିତ୍ୱ ବୁଝନ୍ତି ଏବଂ ସର୍ବଦା ଶୃଙ୍ଖଳାଗତ । ରିଭାବାଙ୍କ ଏହି ବୟାନ ପରେ ସୋସିଆଲ ମିଡିଆରେ ପ୍ରତିକ୍ରିୟାର ଝଡ଼ ଆରମ୍ଭ ହୋଇଯାଇଛି । ଏହା ପ୍ରଥମ ଥର ନୁହେଁ ଯେ ରିଭାବା କୌଣସି ବିବାଦୀୟ ବୟାନ ପାଇଁ ଶିରୋନାମାରେ ସ୍ଥାନ ପାଇଛନ୍ତି, କିନ୍ତୁ ଏଥର ଏହି ପ୍ରସଙ୍ଗ ଆହୁରି ଗମ୍ଭୀର ହୋଇଛି କାରଣ ଏଥିରେ କ୍ରିକେଟରମାନେ ଜଡ଼ିତ ।

# କୋହଲିଙ୍କ ସହ ରିଲ୍ସ କରି ରାତାରାତି ସୋସିଆଲ ମିଡିଆ ଷ୍ଟାର ପାଲଟିଗଲେ ଅର୍ଶଦୀପ

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଯୁବ ଦ୍ରୁତ ବୋଲର ଅର୍ଶଦୀପ ସିଂହ କେବଳ ପଡ଼ିଆରେ ନୁହେଁ ବରଂ ସୋସିଆଲ ମିଡିଆରେ ମଧ୍ୟ ଲୋକପ୍ରିୟତା ହାସଲ କରିଛନ୍ତି । ତାଙ୍କର ମଜାଦାର ରିଲ୍ସ, ପରଦା ପଛର ଭିଡିଓ ଏବଂ ହାଲୁକା ବିଷୟବସ୍ତୁ ତାଙ୍କୁ ଲକ୍ଷ ଲକ୍ଷ ପ୍ରଶଂସକଙ୍କ ପ୍ରିୟ କରିଛି । ଅର୍ଶଦୀପ ତାଙ୍କର ୟୁ ଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିବା ପଛର କାହାଣୀ ବର୍ଣ୍ଣନା କରିଛନ୍ତି ।



ଏକ ସାକ୍ଷାତ୍‌କାରରେ ଅର୍ଶଦୀପ ପ୍ରକାଶ କହିଛନ୍ତି, ଚାମ୍ପିଅନ୍ସ ଟ୍ରଫି ୨୦୨୫ର ପ୍ରଥମ ମ୍ୟାଚ୍‌ରେ ତାଙ୍କୁ ପ୍ଲେଇଂ-୧୧ରେ ସାମିଲ ନ କରାଯିବା ପରେ ସେ ବିରକ୍ତ ଅନୁଭବ କରିଥିଲେ । ସ୍ପିନ-ଅନୁକୂଳ ପିଚ୍ ଯୋଗୁ ଭାରତ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଚାରି ଜଣ ସ୍ପିନରଙ୍କୁ ଖେଳାଇଥିଲା, ଯାହା ଫଳରେ ଅର୍ଶଦୀପଙ୍କୁ ବେଞ୍ଚରେ ବସିବାକୁ ପଡ଼ିଥିଲା । ଯେତେବେଳେ ମୁଁ ଜାଣିଲି ଯେ ମୁଁ ପ୍ରଥମ ମ୍ୟାଚ୍ ଖେଳିବି ନାହିଁ, ମୁଁ ମୋ ରୁମ୍‌ରେ ପ୍ରକୃତରେ ବିରକ୍ତ ହେଉଥିଲି । ସେତେବେଳେ ମୁଁ ମୋର ୟୁ ଟ୍ୟୁବ୍‌ର ଚ୍ୟାନେଲ ଆରମ୍ଭ କରିଥିଲି । ଏହା ଏକ ଆଶୀର୍ବାଦ ପାଲଟିଲା । କିନ୍ତୁ ଯେତେବେଳେ ସୁଯୋଗ ଆସେ, ସେଗୁଡ଼ିକ ଆସେ ସେତେବେଳେ ସେଗୁଡ଼ିକୁ ହାତଛଡ଼ା ନ କରିବା ଗୁରୁତ୍ୱପୂର୍ଣ୍ଣ । ମୁଁ ସବୁବେଳେ ସକାରାତ୍ମକ ଖୋଜେ, କଷ୍ଟକର ପରିସ୍ଥିତିରେ ମଧ୍ୟ । ସେହି ମାନସିକତା ମୋତେ ଆଗକୁ ବଢ଼ିବାରେ ସାହାଯ୍ୟ କରେ ।

ନିକଟରେ ବିରାଟ କୋହଲିଙ୍କ ସହିତ ତାଙ୍କର ଏକ ରିଲ୍ସ ଇଣ୍ଟରନେଟରେ ଏକ ସେନସେସନ ପାଲଟିଛି । ଏହାକୁ ୧୩୨ ମିଲିୟନରୁ ଅଧିକ ଭ୍ୟୁ ମିଳିଛି । ଏହି ଭିଡିଓଟି ଏକ ମ୍ୟାଚ୍ ପରେ ତିଆରି କରାଯାଇଥିଲା, ଯେଉଁଥିରେ କୋହଲି କ୍ରମାଗତ ଦୁଇଟି ଶତକ ହାସଲ କରିବା ପରେ ତାଙ୍କର ତୃତୀୟ ଥର ପାଇଁ ୬୫ ରନ କରି ଅପରାଜିତ ଫେରିଥିଲେ ।

ଅର୍ଶଦୀପ ମଜା କରି କହିଥିଲେ, ପାଜି, ରନ କମ୍ ଥିଲା, ନଚେତ୍ ଆଜି ନିଶ୍ଚିତ ଭାବରେ ଏକ ଶତକ ହାସଲ କରିଥାନ୍ତ ।

କୋହଲି ତୁରନ୍ତ ଜବାବ ଦେଇ କହିଲେ, ଭଗବାନଙ୍କୁ ଧନ୍ୟବାଦ ଟସ୍ ଜିତିଗଲେ, ନଚେତ୍ କାକରରେ ତୁମର ବି ନିଶ୍ଚିତ ହୋଇଥାନ୍ତା । ଉଭୟଙ୍କ ମଧ୍ୟରେ ଏହି ହାସ୍ୟପୂର୍ଣ୍ଣ ଥଟ୍ଟା ସୋସିଆଲ ମିଡିଆରେ ପ୍ରଶଂସିତ ହୋଇଥିଲା ।

# ବିରାଟ-ରୋହିତଙ୍କ ଦରମା ବାର୍ଷିକ ୨ କୋଟି ହ୍ରାସ ପାଇପାରେ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ୩୧ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଡିସେମ୍ବର ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥର ସବୁଠାରୁ ଚର୍ଚ୍ଚିତ ବିଷୟ ହେଉଛି ଦୁଇ ବରିଷ୍ଠ ଭାରତୀୟ ଖେଳାଳି ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ




ଚୁକ୍ତି । ଉଭୟ ଅଭିଜ୍ଞ ଖେଳାଳି ଗତ ବର୍ଷ ଟେଷ୍ଟ ଏବଂ ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି ଏବଂ ବର୍ତ୍ତମାନ କେବଳ ଦିନିକିଆ କ୍ରିକେଟ ଖେଳୁଛନ୍ତି । ଏହା ସେମାନଙ୍କର କେନ୍ଦ୍ରୀୟ ଚୁକ୍ତିର ଗ୍ରେଡ୍ ଉପରେ ଏକ ବଡ଼ ପ୍ରଭାବ ପକାଇପାରେ । ୨୦୨୪-୨୫ଚୁକ୍ତି ଚକ୍ରରେ (୧ ଅକ୍ଟୋବର, ୨୦୨୪ରୁ ୩୦ ସେପ୍ଟେମ୍ବର, ୨୦୨୫ ପର୍ଯ୍ୟନ୍ତ), କୋହଲି ଏବଂ ରୋହିତଙ୍କୁ ଏ+ ବର୍ଗରେ ରଖାଯାଇଥିଲା । ଜସପ୍ରିତ ବୁମ୍‌ରା ଏବଂ ରବିନ୍ଦ୍ର ଜାଡ଼େଜା ମଧ୍ୟ ଏହି ବର୍ଗରେ ଅନ୍ତର୍ଭୁକ୍ତ । ତଥାପି, ରିପୋର୍ଟ ଅନୁସାରେ, ବିସିସିଆଇ ଏବେ ଉଭୟ ଖେଳାଳିଙ୍କ ଗ୍ରେଡିଂ ଉପରେ ପୁନର୍ବିଚାର କରିବ । ଯଦି ଏ+ ବର୍ଗରୁ ବାଦ୍ ଦିଆଯାଏ, ତେବେ ଉଭୟ ଖେଳାଳିଙ୍କ ବାର୍ଷିକ ଦରମା ୨ କୋଟି ହ୍ରାସ ପାଇପାରେ ।

ଏ+ ଗ୍ରେଡ୍ : ୭ କୋଟି । ଏ ଗ୍ରେଡ୍ : ୫ କୋଟି ।

ଯେହେତୁ ଉଭୟ ଖେଳାଳି ଏବେ କେବଳ ଓଡିଆଇ ଫର୍ମାଟରେ ଉପଲବ୍ଧ, ତେଣୁ ସେମାନଙ୍କ ପାଇଁ ଏ+ ବର୍ଗରେ ରହିବା କଷ୍ଟକର ବୋଲି ବିବେଚନା କରାଯାଉଛି । ଟିମ୍ ଇଣ୍ଡିଆର ବର୍ତ୍ତମାନର ଟେଷ୍ଟ ଏବଂ ଓଡିଆଇ ଅଧିନାୟକ ଶୁଭମନ ଗିଲ ଏହି ବୈଠକର ସବୁଠାରୁ ବଡ଼ ଲାଭାର୍ଥୀ ହୋଇପାରନ୍ତି । ଗିଲ ବର୍ତ୍ତମାନ ଏ ବର୍ଗରେ ଅଛନ୍ତି, କିନ୍ତୁ ଗତ ବର୍ଷ ସେ ଦଳର ଦାୟିତ୍ୱ ନେଇଛନ୍ତି ଏବଂ ନିରନ୍ତର ଭାବରେ ସମସ୍ତ ଫର୍ମାଟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ତେଣୁ ତାଙ୍କର ଏ+ ବର୍ଗକୁ ପଦୋନ୍ନତି ହେବାର ସମ୍ଭାବନା ଅଧିକ । ରବିନ୍ଦ୍ର ଜାଡ଼େଜା ଏବଂ ବୁମ୍‌ରା ମଧ୍ୟ ଏହି ବର୍ଗରେ ରହିବେ ।

ଏଜିଏମ୍ କେବଳ ପୁରୁଷ ଖେଳାଳିଙ୍କ ଚୁକ୍ତିନାମା ଉପରେ ଆଲୋଚନା କରିବ ନାହିଁ, ବରଂ ମହିଳା ଘରୋଇ କ୍ରିକେଟରଙ୍କ ଦରମା ଏବଂ ଚୁକ୍ତିନାମା ଗଠନ ଉପରେ ମଧ୍ୟ ଆଲୋଚନା କରିବ । ଅମ୍ପାୟାର ଏବଂ ମ୍ୟାଚ୍ ରେଫରିଙ୍କ ଫି' ବୃଦ୍ଧି କରିବାର ପ୍ରସ୍ତାବ ମଧ୍ୟ ରଖାଯାଇପାରେ ।

# କ୍ରିକେଟ ଛଡ଼ା ଅନ୍ୟ କିଛି ଚିନ୍ତା କରି ମୁଁ ନିଜକୁ କଷ୍ଟ ଦେବାକୁ ଚାହୁଁନାହିଁ : ମନ୍ଧାନା

**ନୂଆଦିଲ୍ଲୀ**

ଭାରତୀୟ ମହିଳା କ୍ରିକେଟ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ବିବାହ ସ୍ଥଗିତ ହେବା ପରେ ପ୍ରଥମଥର ପାଇଁ ସାର୍ବଜନୀନ ଭାବରେ ଦେଖା ଦେଇ ନିଜର ପ୍ରତିକ୍ରିୟା ରଖିଛନ୍ତି ।

ଭାରତ ମଣ୍ଡପମରେ ଆମାଜନ ସମ୍ଭାବନା ସମ୍ମିଳନୀରେ ଅଧିନାୟକ ହରମନପ୍ରୀତ କୌରଙ୍କ ସହ ଯୋଗ ଦେଇ ମନ୍ଧାନା କହିଛନ୍ତି, ‘କ୍ରିକେଟ୍ ଛଡ଼ା ମୁଁ ମୋ ଜୀବନରେ ଅନ୍ୟ କୌଣସି ଦିଗକୁ ଅଧିକ ଗୁରୁତ୍ୱ ଦିଏ ନାହିଁ । ମୋ ନଜର ସବୁବେଳେ ବଲ ଉପରେ ଥାଏ । ମୁଁ ଏହାକୁ ଦେଖିବାକୁ ଓ ମାରିବାକୁ ଚାହେଁ । ୧୨ବର୍ଷ ମଧ୍ୟରେ ସ୍ପଷ୍ଟ ଭାବରେ ବୁଝିସାରିଛି କ୍ରିକେଟ ବ୍ୟତୀତ ମୁଁ ଆଉ କାହାକୁ ଭଲ ପାଇ ପାରିବି ନାହିଁ ।’



ମୁଁ ଜଣେ ସରଳ ବ୍ୟକ୍ତି, କୌଣସି ଜିନିଷକୁ ଅଧିକ ଚିନ୍ତା କରି ମୋ ଜୀବନକୁ କଷ୍ଟ ଦେବାକୁ ଚାହେଁ ନାହିଁ । ମୁଁ କ୍ରିକେଟ୍ ବ୍ୟତୀତ ଆଉ କିଛି ଭଲ ପାଏ ନାହିଁ । ଭାରତୀୟ ଜର୍ସି ପିନ୍ଧିବା ମୋର ସବୁଠାରୁ ବଡ଼ ପ୍ରେରଣା । ‘ବିଶ୍ୱ ଚାମ୍ପିଅନ୍'ର ଡକା ଶୁଣିବାକୁ ପିଲାଦିନରୁ ସ୍ୱପ୍ନ ଥିଲା ।

ନଭେମ୍ବର ୨୩ ତାରିଖରେ ହେବାକୁ ଥିବା ଗାୟକ ଏବଂ ସଂଗୀତଜ୍ଞ ପଲାଶ ମୁଚ୍ଛଲଙ୍କ ସହ ମନ୍ଧାନାଙ୍କ ବିବାହକୁ ସ୍ଥଗିତ ରଖାଯାଇଛି । ଉଭୟ ସୋସିଆଲ ମିଡିଆ ମାଧ୍ୟମରେ ସେମାନଙ୍କର ଅଲଗା ହେବା ଏବଂ ବ୍ୟକ୍ତିଗତ ଜୀବନ ସହିତ ଆଗକୁ ବଢ଼ିବାର ଘୋଷଣା କରିଛନ୍ତି ।

# ପାରା କ୍ରୀଡ଼ାବିତ୍ କବିତାଙ୍କ ହୃଦୟସ୍ପର୍ଶୀ କାହାଣୀ : ଚାଲିପାରନ୍ତିନି, ଏବେ ଜାତୀୟସ୍ତରୀୟ ସ୍ୱିମର

**ଭୁବନେଶ୍ୱର**

ଦୁଇଗୋଡ଼ ଅଚଳ । ଘରୁ ବାହାରକୁ ଗଲେ ଦରକାର ପଡ଼େ ହ୍ୱିଲଚେୟାର । ହେଲେ ଦୃଢ଼ ଇଚ୍ଛାଶକ୍ତି ଓ ବିଶ୍ୱାସ ଆଜି ଅକ୍ଷମତାକୁ ହରାଇପାରିଛି । ଗାଁରୁ ସହର ଓ ଏବେ ଜାତୀୟସ୍ତରରେ ସେ ସୁନାମ ଆଣିଛନ୍ତି । ଭିନ୍ନକ୍ଷମ ହୋଇଥିବା ସତ୍ତ୍ୱେ ସେ ବନିଛନ୍ତି ସଫଳ ସ୍ୱିମର(ସନ୍ତରଣକାରୀ) । ଏଭଳି ଜଣେ ଦିବ୍ୟାଙ୍ଗ ପାରା କ୍ରୀଡ଼ାବିତ୍ ହେଲେ ରସୁଲଗଡ଼ରେ ରହୁଥିବା କବିତା ଦଳାଇ । ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳର ଗିରିଆ ଗାଁରେ କବିତାଙ୍କ ଜନ୍ମ । ବାପା ସ୍ୱରାଜ୍ୟ ଦଳାଇ ଓ ମାଆ ନର୍ମଦାଙ୍କ ସାନ ଝିଅ କବିତା । ଜନ୍ମ ସମୟରେ କବିତା ଠିକ୍‌ଠାକ୍ ଥିଲେ । କିନ୍ତୁ ଜନ୍ମର ଏକ ବର୍ଷ ପରେ ବଦଳିଗଲା ସବୁକିଛି । କବିତା ପୋଲିଓ ଆକ୍ରାନ୍ତ ହାଇଥିଲେ । ସେବେଠାରୁ ଆରମ୍ଭ ହୋଇଥିଲା କବିତାଙ୍କ ସଂଘର୍ଷ । କିଭଳି ସଂଘର୍ଷ କରି ନିଜେ ନିଜକୁ ବଞ୍ଚାଇ ପାରିବେ ସେନେଇ ପ୍ରୟାସ ଆରମ୍ଭ କରିଥିଲେ । ମାତ୍ର ଦଶମ ଯାଏ ପଢିଥିବା କବିତା ଆର୍ଥିକ ଅଭାବ ଯୋଗୁଁ ଉଚ୍ଚଶିକ୍ଷା କରିପାରିନଥିଲେ । ହେଲେ ସ୍କୁଲସ୍ତରରେ ଜଣେ ଦକ୍ଷ ପାରା ଆଥଲେଟ୍ ଭାବେ ତାଙ୍କର ପ୍ରତିଭା ଚମକିଥିଲା । ଭଲ ସନ୍ତରଣ ସହିତ ହ୍ୟାଣ୍ଡ ବଲ୍‌ରେ ସେ ମାହିର ।




୨୦୧୯ ମସିହାରେ ଗଞ୍ଜାମରୁ ଆସିଥିଲେ ଭୁବନେଶ୍ୱର । ଘରୋଇ କପଡା କମ୍ପାନୀରେ କାମ କରିବା ସହ ୨୦୨୩-୨୪ ମସିହାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ କରିଥିଲେ ସନ୍ତରଣ ଓ ହ୍ୟାଣ୍ଡ ବଲ୍‌ର ଅଭ୍ୟାସ । ସେଠାରେ ବିନା ମୂଲ୍ୟରେ ସନ୍ତରଣ ପାଇଁ ତାଲିମ ନେଇଥିଲେ । ନିଜ ଲକ୍ଷ୍ୟପଥରେ ଅଗ୍ରସର ହୋଇଥିବା କବିତା ୨୦୦୨୩- ୨୪ରେ ଗ୍ୱାଲିଅରରେ ଅନୁଷ୍ଠିତ ଏକ ଜାତୀୟସ୍ତରୀୟ ପାରା ପ୍ରତିଯୋଗିତାରେ ସ୍ୱିମିଂ ବିଭାଗରେ ୩ଟି ରୌପ୍ୟ ପଦକ ଜିତିଥିଲେ । ଏହାପରେ ୨୦୨୪ରେ ଗୋଆରେ ଆୟୋଜିତ ଜାତୀୟ ପାରା ସ୍ୱିମିଂ ପ୍ରତିଯୋଗିତାରେ ୨ଟି ରୌପ୍ୟ, ଗୋଟିଏ ବ୍ରୋଞ୍ଜ ଓ ଚଳିତବର୍ଷ ହାଇଦ୍ରାବାଦରେ ଆୟୋଜିତ ପାରା କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱିମିଂ ବର୍ଗରେ ଗୋଟିଏ ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଥିଲେ ।

ଦିନେ ଗାଁ ପୋଖରୀରେ ସ୍ୱିମିଂ ଶିଖୁଥିବା କବିତା ଆଜି ବଡ଼ବଡ଼ ପ୍ରତିଯୋଗିତାରେ ଭାଗ ନେଇ ସ୍ୱିମିଂରେ ଦକ୍ଷତା ଦେଖାଇଛନ୍ତି । ମେଡାଲ ବି ଜିତିଛନ୍ତି । ରାଜ୍ୟକୁ କରିଛନ୍ତି ଗୌରବାନ୍ୱିତ । ହେଲେ କବିତାଙ୍କ ମନରେ ଅନେକ କ୍ଷୋଭ ରହିଛି । ନା ତାଙ୍କୁ କୌଣସି ପ୍ରୋତ୍ସାହନ ମିଳୁଛି, ନା ମିଳୁଛି ସୁଯୋଗ । ତଥାପି ନିଜ ଶିଙ୍ଗରେ ମାଟି ତାଡ଼ିବା ଭଳି କବିତା ଆଗେଇଚାଲିଛନ୍ତି ଲକ୍ଷ୍ୟ ପଥରେ । କିଭଳି ଅନ୍ତର୍ଜାତୀୟ ସ୍ତରରେ ମେଡାଲ ଜିତିବେ, ସେନେଇ କରୁଛନ୍ତି ଦିନରାତି ଅଭ୍ୟାସ କରୁଛନ୍ତି ଦିବ୍ୟାଙ୍ଗ କବିତା । ଏବେ ଚାକିରି କରି ସେଥିରୁ ଯାହା ରୋଜଗାର କରୁଛନ୍ତି, ସେଥିରେ ଅଧିକ ତାଲିମ୍ ନେଉଛନ୍ତି । ଯଦି ସରକାରଙ୍କ ତରଫରୁ ତାଙ୍କୁ ପ୍ରୋତ୍ସାହନ ମିଳନ୍ତା ତେବେ ସେ ଅଧିକରୁ ଅଧିକ ପ୍ରତିଯୋଗିତାରେ ଭାଗ ନେଇପାରନ୍ତେ ବୋଲି କହିଛନ୍ତି ।

**ଓଡ଼ିଶା ସରକାର** A-1077
**ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ**
**ଆଖୁଆପଦା ଜଳସେଚନ ବିଭାଜନ**
ଇମେଲ : akp.irrigationdivision@gmail.com
**'e'-Procurement Notice No. 15/2025-26**

1. କାର୍ଯ୍ୟର ନାମ : ମରାମତି କାର୍ଯ୍ୟ
2. ମୋଟ କାର୍ଯ୍ୟ ସଂଖ୍ୟା : ୩୬ ଗୋଟି କାର୍ଯ୍ୟ
3. ଅଟକଳ ମୂଲ୍ୟ : ୧୪.୧୧ ଲକ୍ଷରୁ ୮୩.୯୬ ଲକ୍ଷ
4. ଇ.ଏମ.ଡି (Bid sicurity) ଓ ବିଡ୍ ମୂଲ୍ୟର ଦେୟ ପ୍ରଣାଳୀ : The bidder shall transfer the required amount of EMD (Bid Security) and cost of Bid by Online through electronic payment as per Govt. of Odisha WDOM No.17254/WE Dated 05.12.2017 as Mentioned in DTCN
5. କାର୍ଯ୍ୟ ସମାପ୍ତି ସମୟ : ୬ ମାସ
6. ନିମ୍ନଲିଖିତ ଭାବରେ ଅନ୍ୟାନ୍ୟ ବିବରଣୀ :
   - I. Procurement Officer : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା
   - II. ଅନଲାଇନ୍ Biddingର ସମୟସୀମା : ତା୧୨.୧୨.୨୦୨୫ ଦିବା ୧୦ ଘଟିକାରୁ ତା୨୬.୧୨.୨୦୨୫ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ।
   - III. Technical bid ଖୋଲାଯିବାର ତାରିଖ ଓ ସମୟ : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା ୨୯.୧୨.୨୦୨୫ ଦିବା ୧୧.୩୦ ।
   - IV. Transparent Lottery ର ତାରିଖ ସମୟ : ଅଧିକ୍ଷଣ ଯନ୍ତ୍ରୀ, ଆଖୁଆପଦା ଜଳସେଚନ ବିଭାଜନଙ୍କ କାର୍ଯ୍ୟାଳୟରେ ତା ୦୯.୦୧.୨୦୨୬ ଦିବା ୧୧.୦୦ ସମୟରେ ।

ସ୍ୱା/- ଅଧିକ୍ଷଣ ଯନ୍ତ୍ରୀ,
OIPR-32548/11/0017/2526 ଆଖୁଆପଦା ଜଳସେଚନ ବିଭାଜନ, ଆଖୁଆପଦା

# ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ ୬୦୦ ପରିବାର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦେଲେ ଧାରଣା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଆଜିବି ବିଦ୍ୟୁତ ସେବାରୁ ୬୦୦ ପରିବାର ବଞ୍ଚିତ ରହିଛନ୍ତି । ଏନେଇ ବାରିପଦା ସହରରେ ଏକ ପଦଯାତ୍ରା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଗ୍ରାମବାସୀ ଗଣ ଧାରଣା ଦେଇଛନ୍ତି । ସୂଚନା ମୁତାବକ; ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଭାଲିଆଡାଳ ପଞ୍ଚାୟତର ୬୦୦ ପରିବାର ବସବାସ କରୁଥିବା ବେଳେ ସେଠାରେ ସ୍କୁଲ, ଅଙ୍ଗନଓ୍ୱାଡ଼ି ସବୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍ ସେବା ପହଞ୍ଚି ପାରିନାହିଁ । ଯାହାଦ୍ୱାରା ସମସ୍ତେ ଦୀର୍ଘଦିନ ଧରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥି ସହିତ ମୟୂରଭଞ୍ଜ ଜିଲ୍ଲାର ଏହି ଉପାନ୍ତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ସହିତ ପାନୀୟ ଜଳର ମଧ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ ବୋଲି ଦାବୀ କରାଯାଇଛି । ତେଣୁ ଗୁରୁବାର ବାରିପଦା ସହରରେ ଶରତ ବିକାଶ ମଞ୍ଚ ସହଯୋଗରେ ଶତାଧିକ ଗ୍ରାମବାସୀ ମାନେ ଏକ ପଦଯାତ୍ରା ସହିତ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଗଣଧାରଣା ଦେଇଥିବାର ଦେଖିବାକୁ ମିଳିଛି । ଏହାସହିତ ଜିଲ୍ଲାପାଳଙ୍କୁ ଏନେଇ ଏକ ଦାବୀପତ୍ର ପ୍ରଦାନ କରାଯାଇଛି ।

# ହିନ୍ଦୀ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ





**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥର ୫୬ତମ କ୍ଷେତ୍ରୀୟ ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ବୈଠକ ଗୁରୁବାର ଭୁବନେଶ୍ୱରସ୍ଥିତ ରେଳ ସଦନରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରୀ କାର୍ଯ୍ୟରେ ହିନ୍ଦୀ ଭାଷାର ବ୍ୟବହାରକୁ ମଜବୁତ କରିବା ଏବଂ ଭାରତ ସରକାରଙ୍କ ସରକାରୀ ଭାଷା ନୀତିର ଦୃଢ଼ ଭାବରେ ପାଳନ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥର ନିରନ୍ତର ପ୍ରତିବଦ୍ଧତାକୁ ଏହି ବୈଠକରେ ଦର୍ଶାଯାଇଛି ।

ଏହି ବୈଠକରେ ମହାପ୍ରବନ୍ଧକ ରେଳବାଇ ବ୍ୟବସ୍ଥାରେ ଯୋଗାଯୋଗ ମାନ ବୃଦ୍ଧି କରିବାରେ ରାଜଭାଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ସମସ୍ତ ଷ୍ଟେସନରେ ଷ୍ଟେସନ ସାଇନବୋର୍ଡ ଗୁଡିକ ସଠିକ୍, ତ୍ରୁଟି-ମୁକ୍ତ ଏବଂ ହିନ୍ଦୀରେ ସଠିକ୍ ଭାବରେ ପ୍ରଦର୍ଶିତ ହେବା ଆବଶ୍ୟକ, ଯାହା ଭାରତୀୟ ରେଳବାଇ-ଭାରତର ସର୍ବବୃହତ ସେବା ପ୍ରଦାନକାରୀ ସଂସ୍ଥା ଏବଂ ଏହାର ମୂଲ୍ୟବାନ ଯାତ୍ରୀମାନଙ୍କ ମଧ୍ୟରେ ସ୍ୱଷ୍ଟ ଏବଂ ପ୍ରଭାବଶାଳୀ ଯୋଗାଯୋଗ ସୁନିଶ୍ଚିତ କରିବା ।

ଏହି ଅବସରରେ, ଆବଶ୍ୟକୀୟ କୋଡ୍ ବୋର୍ଡ ସହିତ ସାଇନେଜ୍‌ଗୁଡ଼ିକର ମାନକ ତାଲିକା ସମ୍ବଳିତ ଏକ ବିଶେଷ ପୁସ୍ତିକା ଉନ୍ମୋଚନ କରାଯାଇଛି । ଏହି ବୈଠକରେ ଆଲୋକ ସହାୟ, ପ୍ରଧାନ ମୁଖ୍ୟ ବିଦ୍ୟୁତ ଇଞ୍ଜିନିୟର ଓ ମୁଖ୍ୟ ରାଜଭାଷା ଅଧିକାରୀଙ୍କ ସମେତ ବିଭାଗର ପ୍ରମୁଖ ମୁଖ୍ୟମାନେ ଯୋଗ ଦେଇଥିଲେ ।



# ଶ୍ରୀନିବାସ ପାଣିଗ୍ରାହୀଙ୍କ ତିନୋଟି ପୁସ୍ତକ ଲୋକାର୍ପିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଗୁରୁବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନ ଠାରେ ଶ୍ରୀନିବାସ ପାଣିଗ୍ରାହୀଙ୍କ ରଚିତ ତିନୋଟି ପୁସ୍ତକ ଯଥା ସ୍ମୃତି ଓ ଗୀତି (ଗୀତି କବିତା), ଗୀତି ପର୍ବ (ଗୀତି କବିତା) ଏବଂ ଭିଜନ ଅଫ ଲାଇଫ୍ ବରେଣ୍ୟ ବରିଷ୍ଠ ପ୍ରଶାସକ ତଥା ମୁଖ୍ୟ ଅତିଥି ଡ. ରବି ନାରାୟଣ ସେନାପତିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଛି । ଉପରୋକ୍ତ ପୁସ୍ତକଗୁଡ଼ିକୁ ଯଥାକ୍ରମେ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ପ୍ରବୀର ମହାନ୍ତି ଓ ପ୍ରଫେସର ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ସମୀକ୍ଷା କରିଥିଲେ। ଲେଖକ ଶ୍ରୀନିବାସ ପାଣିଗ୍ରାହୀ ପଶ୍ଚିମ ସଭ୍ୟତା ଉପରେ ଭାରତୀୟ ବେଦାନ୍ତର ପ୍ରଭାବ ଉପରେ ସମ୍ୟକ ଆଲୋକପାତ କରିଥିଲେ। ମହାକବି ଜୟଦେବଙ୍କ ରଚନାରେ କିପରି ଓଡ଼ିଆ ଓ ସଂସ୍କୃତର ମହା ମିଳନ ସଂଘଟିତ ହୋଇଥିଲା ତାହାରି ଉପରେ ଆଲୋକପାତ କରିଥିଲେ। କବି ମନୋଜ କୁମାର ମହାନ୍ତି ଗୀତି ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ସଭାପତି ରବି ନାରାୟଣ ନନ୍ଦ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରଫେସର ଅନସୂୟା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଉନ୍ମୋଚିତ ହୋଇଥିବା ଗୀତି କବିତା ଉପରେ ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### 'ଓରିଶା ଟୁଡେ'ର ୨୧ତମ ବାର୍ଷିକ ଉତ୍ସବ

# ସାମ୍ବାଦିକମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ସମାଜ ସୁଧାର ପାଇଁ ସାମ୍ବାଦିକମାନେ ସତ୍ୟ ଖବର ପରିବେଷଣ ସହ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ୍। ଯଦି ଖବର ସତ୍ୟ ଓ ନିରପେକ୍ଷ ନହେବ, ତେବେ ସମାଜର କ୍ଷତି ହେବ ଏବଂ ଚତୁର୍ଥ ସ୍ତମ୍ଭ ମାନେ କିଛି ରହିବିନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଗୁରୁବାର ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଦୈନିକ ଇଂରାଜୀ ସମ୍ବାଦପତ୍ର 'ଓରିଶା ଟୁଡ଼େ'ର ୨୧ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ ଯୋଗଦେଇ ସମ୍ବାଦପତ୍ରର ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ। ଉଦ୍‌ଘାଟକ ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ଆଇଆଇଏମ୍‌ସିର ଅଧକ୍ଷ ମୃଣାଳ ଚଟାର୍ଜୀ ଯୋଗଦେଇ ସମ୍ବାଦପତ୍ରର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆୟକର ବିଭାଗର ପୂର୍ବତନ ପ୍ରମୁଖ ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ, ଇଫ୍‌କୋର ପିଆରଓ ପ୍ରସନ୍ନ ବେହେରା, ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋଇ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ଓରିଶା ଟୁଡ଼େର ସମ୍ପାଦକ ଅବିନାଶ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ମନୋଜ ଦାସ, ମିତ୍ରଭାନୁ ପଲେଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଓରିଶା ଟୁଡ଼େର ଖୋର୍ଦ୍ଧା ପ୍ରତିନିଧି ମାଧବାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁର୍ନୀତିଠୁଁ ଦୂରରେ ରୁହ...

ପ୍ରକାର ଆନ୍ଦୋଳନ ହେବାକୁ ଯାଉଛି, କାରଣ ଓଡ଼ିଶାରେ ଆଶାତୀତ ଭାବେ ପୁଞ୍ଜି ବିନିଯୋଗ ପାଇଁ ବଜେଟରେ ପ୍ରାବଧାନ କରାଯାଇଛି । ଉଦାହରଣ ସ୍ୱରୂପ, ଚଳିତ ବଜେଟରେ ୬୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ କେବଳ ପୁଞ୍ଜିଖର୍ଚ୍ଚ ପାଇଁ ପ୍ରାବଧାନ କରାଯାଇଛି । ଦୁଇ ଦିନ ତଳେ ଯଦି ଅତିରିକ୍ତ ବଜେଟର ପ୍ରାବଧାନକୁ ଏଥିରେ ଯୋଡ଼ା ଯିବ, ତେବେ ଏହି ଖର୍ଚ୍ଚ ପ୍ରାୟ ୬୮ ହଜାର କୋଟି ଟଙ୍କାରୁ ବି ଉର୍ଦ୍ଧ୍ୱ ହେବ। ପୁଞ୍ଜି ବିନିଯୋଗ କ୍ଷେତ୍ରରେ ରାଜ୍ୟ ଜିଡିପି ଅନୁପାତରେ ଓଡ଼ିଶା ଦେଶର ସବୁଠାରୁ ଅଧିକ ଖର୍ଚ୍ଚ କରୁଥିବା ରାଜ୍ୟ। ଏହା ୬.୧ ପ୍ରତିଶତରୁ ଅଧିକ ଏବଂ ସାମଗ୍ରିକ ବଜେଟର ପ୍ରାୟ ୨୨ ପ୍ରତିଶତ। ଏଣୁ ଏତେ ପରିମାଣରେ ପ୍ରାବଧାନ ହୋଇଥିବା ବ୍ୟୟକୁ ଖର୍ଚ୍ଚ କରିବା ପାଇଁ ଆପଣଙ୍କ ପରି ଇଞ୍ଜିନିୟର ଆବଶ୍ୟକ। ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭିତ୍ତିଭୂମି ନିର୍ମାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରି କୃଷକ ମାନଙ୍କର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ଆମର ଲକ୍ଷ୍ୟ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା-୩.୦' ମଧ୍ୟ ଲୋକାର୍ପିତ କରିଥିଲେ। ଏହି ଯୋଜନା ପାଇଁ ୨୭୩୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ଏହାଦ୍ୱାରା ଆଗାମୀ ୫ ବର୍ଷରେ ୩ ହଜାର ନୂଆ ଚେକ୍ ଡ୍ୟାମ୍ ନିର୍ମାଣ ହେବା ସହିତ ୨ ହଜାର ପୁରୁଣା ଚେକ୍ ଡ୍ୟାମ୍‌ର ପୁନଃରୁଦ୍ଧାର କରାଯିବ। ଏହାଦ୍ୱାରା ରାଜ୍ୟରେ ପ୍ରାୟ ୪୮ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିପାରିବ। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନାରେ ଆଜି ରାଜ୍ୟର ୨୨ ଟି ଜିଲ୍ଲାରେ ୧୦୧ଟି ଚେକ୍‌ଡ୍ୟାମ୍ ଲୋକାର୍ପିତ କରାଗଲା। ଏଥିପାଇଁ ୭୦ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାଦ୍ୱାରା ୨୪୧୬ ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିବ। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା ୩.୦ରେ ଆଜି ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାରେ ୨୦୧ଟି ଚେକ୍ ଡ୍ୟାମ୍ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖାଯାଇଛି। ପ୍ରାୟ ୧୬୦ କୋଟି ଟଙ୍କା ବିନିଯୋଗରେ ଏହା ନିର୍ମାଣ କରାଯିବ ଏବଂ ଏହାଦ୍ୱାରା ୫୩୪୨ ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବ। ଆଡ଼ିବନ୍ଧ ଯୋଜନା ସହିତ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ୧୨୫ କୋଟି ଟଙ୍କା ବିନିଯୋଗରେ ମୟୂରଭଞ୍ଜ ଓ ଗଜପତି ଜିଲ୍ଲାରେ ଦୁଇଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏହାଦ୍ୱାରା ୪ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବା ସହିତ ପ୍ରାୟ ୧୦ ହଜାର ଚାଷୀ ଉପକୃତ ହେବେ। ଏହା ସହିତ ଆନନ୍ଦପୁର ବ୍ୟାରେଜ୍‌ର ଶାଳନ୍ଦୀ ବାମପାର୍ଶ୍ୱ କେନାଲର ପ୍ରାୟ ୧୪ କିଲୋମିଟର ଅଞ୍ଚଳରୁ ବାଲେଶ୍ୱର ଜିଲ୍ଲାର ପ୍ରାୟ ୧୦ ହଜାର ହେକ୍ଟର ଚାଷ ଜମିକୁ ଭୂ-ତଳ ଜଳସେଚନ ବ୍ୟବସ୍ଥାର ଲୋକାର୍ପଣ କରାଯାଇଛି। ଅନୁଗୋଳ ଜିଲ୍ଲାର ଅଙ୍ଗପଡ଼ା ଠାରେ ୩୩ କୋଟି ଟଙ୍କା ବିନିଯୋଗରେ ଏକ ନୂତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ପ୍ରାୟ ୩୫୫ କୋଟି ଟଙ୍କା ବିନିଯୋଗରେ ସମ୍ବଲପୁର ଜିଲ୍ଲାରେ ୬ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ପ୍ରାୟ ୧,୫୧୫ କୋଟି ଟଙ୍କା ବିନିଯୋଗରେ ରାଜ୍ୟର ୨୦ଟି ଜିଲ୍ଲାରେ ୨୮, ୩୦୨ଟି ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗୁରୁବାର ଉଦ୍‌ଘାଟିତ ହୋଇଥିବା ଜଳସେଚିତ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ୧୬,୨୫୨ ହେକ୍ଟର ଚାଷଜମିରେ ଜଳସେଚନର ସୁବିଧା ସହିତ ୬୪ ହଜାର ଚାଷୀ ଭାଇ ଉପକୃତ ହେବେ। ସେହିପରି ଭିତ୍ତିପ୍ରସ୍ତର ରଖାଯାଇଥିବା ପ୍ରକଳ୍ପ ଦ୍ୱାରା ୧,୫୫,୩୬୦ ହେକ୍ଟର ଜମିରେ ଜଳସେଚନ ସୁବିଧାର ବିକାଶ ହେବ ଏବଂ ପ୍ରାୟ ୬୩ ହଜାର କୃଷକ ଉପକୃତ ହେବେ। ସମୁଦାୟ ପ୍ରାୟ ୧ ଲକ୍ଷ ୨୭ ହଜାର କୃଷକ ଉପକୃତ ହେବେ। ଏହି କାର୍ଯ୍ୟକ୍ରମରେ ଆଇନ ଓ ନିର୍ମାଣ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖାତକୁ ଖସିପଡ଼ିଲା ଡମ୍ପର...

କୁମାର ଏବଂ ଜୋନାଶ ମୁଣ୍ଡା ବୋଲି ଜଣାଯାଇଛି।

ସ୍ଥାନୀୟ ପ୍ରଶାସନ ଆସାମ ସରକାର ସହିତ ସମନ୍ୱୟ କରି ମୃତକଙ୍କ ପରିଚୟ, ଆଗର କାର୍ଯ୍ୟାନୁଷ୍ଠାନ ଏବଂ ପୀଡ଼ିତ ପରିବାରଙ୍କୁ ସହାୟତା ପହଞ୍ଚାଇବାର ପ୍ରକ୍ରିୟା ତୀବ୍ର କରୁଛି।

## ୟୁପି ସହିତ ୬ ରାଜ୍ୟ ଓ କେନ୍ଦ୍ର...

ଜାରି କରି ଦିଆଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି, ସଂଶୋଧିତ ତାରିଖ ଅନୁସାରେ, ୨୬ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଗଣନା ଅବଧି ନିର୍ଦ୍ଧାରିତ କରାଯାଇଛି। ସେ କହିଛନ୍ତି, ନିର୍ବାଚନ ତାଲିକା ପ୍ରସ୍ତୁତକାରୀ ଏବେ ୩୧ ଡିସେମ୍ବର ୨୦୨୫ରେ ହେବ। ଦାବି ଓ ଆପତ୍ତି ପ୍ରାପ୍ତ କରିବାର ଅବଧି ୩୧ ଡିସେମ୍ବର ୨୦୨୫ ରୁ ୩୦ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଇଛି। ୩୧ ଡିସେମ୍ବର ୨୦୨୫ ରୁ ୨୧ ଫେବୃଆରୀ ୨୦୨୬ ପର୍ଯ୍ୟନ୍ତ ନୋଟିସ୍ ଚରଣ ଗଣନା ଫର୍ମଗୁଡିକ ଉପରେ ନିଷ୍ପତ୍ତି ଓ ଦାବି ଏବଂ ଆପତ୍ତିକୁ ନଷ୍ଟ କରାଯିବ। ଉତ୍ତର ପ୍ରଦେଶ ମତଦାତା ସୂଚୀର ଅନ୍ତିମ ପ୍ରକାଶନ ଏବେ ୨୮ ଫେବୃଆରୀ ୨୦୨୬କୁ କରାଯିବ।

## ଆଇନଶୃଙ୍ଖଳା ବଜାୟ...

ପରେ ଲୋକେ ପାଉଁଶ ଭିତରୁ ନିଜର ଉଜୁଡ଼ି ଯାଇଥିବା ସଂସାରକୁ ପୁଣି ଥରେ ସଜାଡ଼ିବାକୁ ଚେଷ୍ଟା କରୁଛନ୍ତି।

ପୋଡ଼ାଜଳା ଓ ଗଣ୍ଡଗୋଳ ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ପୋଡ଼ି ପାଉଁଶ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ କରାଯାଉଛି। ପ୍ରଭାବିତ ଲୋକମାନଙ୍କୁ ରନ୍ଧାଖାଦ୍ୟ ସହ ଶୀତବସ୍ତ୍ର ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଗାଁରେ ସବୁ କିଛି ପୋଡ଼ି ଛାରଖାର ହୋଇଯାଇଛି। ଶତାଧିକ ଘର ନିଆଁରେ ପୋଡ଼ି ପାଉଁଶ ହେବା ପରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି, ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥିତି ଅନୁଧ୍ୟାନ କରାଯାଇଛି। ଲୋକଙ୍କ ଘର ଭିତରୁ ଅଫୁଟା ବିସ୍ଫୋରକ ସାମଗ୍ରୀ ବାହାରିଥିବା ସୂଚନା ମିଳିଛି। ବିସ୍ଫୋରକ ସାମଗ୍ରୀ ମିଳିବା ପରେ ବାହାର ଲୋକଙ୍କ ସମ୍ପୃକ୍ତି ସନ୍ଦେହ କରାଯାଉଛି। ମାଲକାନଗିରି ପୁଲିସ ସବୁଦିଗରୁ ତଦନ୍ତ କରୁଛି। ଏମଭି-୨୬ ଗାଁ ଚାରିପଟେ ୨୦ କମ୍ପାନୀ ସିଆରପିଏଫ୍ ଯବାନ ମୁତୟନ କରାଯାଇଛି।

## ଓଡ଼ିଶାରେ ୩୫ ଜଣଙ୍କୁ ନାଗରିକତା...

ଅନୁଯାୟୀ ବାଙ୍ଗଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ମଧ୍ୟରେ ଭାରତକୁ ପ୍ରବେଶ କରିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ଭାରତୀୟ ନାଗରିକତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପ୍ରକ୍ରିୟାରେ ଆବେଦନ କରିଥିବା ଆବେଦନକାରୀଙ୍କ ମଧ୍ୟରୁ ଗୁରୁବାର ନବରଙ୍ଗପୁର ଜିଲ୍ଲାର ୩୫ ଜଣ ଆବେଦକଙ୍କୁ ନାଗରିକତା ପ୍ରମାଣପତ୍ର ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି । ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ଓଡ଼ିଶାର ଜନଗଣନା ନିର୍ଦ୍ଦେଶାଳୟ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ନାଗରିକତା ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ଏବେ ଆମ ଭବିଷ୍ୟତର ଅଂଶବିଶେଷ। ଆପଣମାନଙ୍କ ସୁରକ୍ଷା, ସମ୍ମାନ ଓ ଉନ୍ନତି ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ। ମୁଖ୍ୟମନ୍ତ୍ରୀ କହିଥିଲେ, 'ଆପଣମାନଙ୍କୁ ଭାରତର ନାଗରିକ ଭାବରେ ମୁଁ ସ୍ୱାଗତ କରୁଛି'।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଭାରତ ବର୍ଷର ସଦା ପରମ୍ପରାଗତ କରୁଣା, ମାନବତା ଓ ଆଶ୍ରୟଦାନର ମୂଲ୍ୟବୋଧ ପୁଣି ଥରେ ଉଜ୍ଜିବୀତ ହୋଇଛି। ଯୁଗ ପରିବର୍ତ୍ତନର ସାରଥୀ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହେଉଛନ୍ତି ଭାରତ ବର୍ଷରେ ଏହି ଆଇନ ପ୍ରଣୟନ ପ୍ରକ୍ରିୟାର ପ୍ରକୃତ ଭଗୀରଥ। ଏହା କାର୍ଯ୍ୟକାରୀ ହେବା ପଛରେ ସବୁଠାରୁ ବଳିଷ୍ଠ ଅବଦାନ ରହିଛି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କର। ଏହି ଆଇନର ଯଥାର୍ଥତା ବିଷୟରେ ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଅନ୍ୟ ଯେ କୌଣସି ଧର୍ମର ବ୍ୟକ୍ତି କୌଣସି ଦେଶରେ ନିର୍ଯାତିତ ହେଲେ ତାଙ୍କୁ ଆଶ୍ରୟ ଦେବା ପାଇଁ ପୃଥିବୀରେ ଅନେକ ଦେଶ ରହିଛି। କିନ୍ତୁ ଅନ୍ୟ କୌଣସି ଦେଶରେ ହିନ୍ଦୁମାନେ ନିର୍ଯାତିତ ହେଲେ, ତାଙ୍କୁ ଆଶ୍ରୟ ଦେବା ପାଇଁ ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶ ନାହିଁ। ତେଣୁ ଭାରତରେ ଏଭଳି ଆଇନ ହେବନାହିଁ ତ କେଉଁଠି ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ।

ଏହି ଅବସରରେ ନିଜର ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଦେଶରେ ସଂଖ୍ୟାଲଘୁ ମାନଙ୍କ ସ୍ୱର ହେବା ପାଇଁ ବ୍ୟାପକ ଶକ୍ତି ରହିଛି। କିନ୍ତୁ ଆମ ପଡ଼ୋଶୀ ରାଷ୍ଟ୍ରରେ ଅଳ୍ପସଂଖ୍ୟକ ମାନଙ୍କ ନିର୍ଯାତନା ଉପରେ ସେମାନେ ନୀରବ ରୁହନ୍ତି। ବର୍ତ୍ତମାନ ଏ ମାନସିକତାରେ ପରବର୍ତ୍ତନ ଆସୁଛି। ଧର୍ମନିରପେକ୍ଷତା ନାଁରେ ଯେପରି କେବଳ ଗୋଟିଏ ଧର୍ମକୁ ଆପ୍ୟାୟିତ କରାଯାଉଥିଲା ସେଥିରେ ବିରାମ ଲାଗିଛି। ଆଜି ଦେଶରେ ଧର୍ମୀୟ ଆଧାରରେ ଆଉ ବାଛ ବିଚାର ହେଉନାହିଁ। ଆଇନ ଆଖିରେ ସମସ୍ତେ ସମାନ। ସିଟିଜେନସିପ ଆମେଣ୍ଡମେଣ୍ଟ ଆକ୍ଟ ଏହି ସିଦ୍ଧାନ୍ତର ଏକ ସଫଳ ରୂପାୟନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ବାଙ୍ଗଲାଦେଶ ଓ ପାକିସ୍ତାନରେ ନିର୍ଯାତିତ ହେଉଥିବା ନାଗରିକମାନେ ମୂଳତଃ ଭାରତର ଅଧିବାସୀ ହୁଏତ ସେମାନଙ୍କ ପୂର୍ବ ପୁରୁଷ ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବେ। ଏହି ସଂଖ୍ୟାଲଘୁ ମାନଙ୍କ ନିର୍ଯାତନାକୁ ଦୃଷ୍ଟିରେ ରଖି ଯଶସ୍ୱୀ ପ୍ରଧାନମନ୍ତ୍ରୀ ସିଏଏ ଆଇନ ସଂଶୋଧନର ପରିକଳ୍ପନା କରିଥିଲେ। ନୂଆକରି ନାଗରିକତା ପାଇଥିବା ନବରଙ୍ଗପୁର ଜିଲ୍ଲାର ବାସିନ୍ଦାଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଆପଣମାନଙ୍କୁ ନାଗରିକତା ପ୍ରମାଣପତ୍ର ମିଳିଲା। ଭାରତର ନାଗରିକ ଭାବେ ସମସ୍ତ ସୁବିଧା ସୁଯୋଗ ପାଇବେ, ଭୂମିହୀନଙ୍କୁ ଭୂମି ପ୍ରଦାନ କରାଯିବ ଏବଂ ଆବଶ୍ୟକସ୍ଥଳେ ଜାତି ପ୍ରମାଣପତ୍ର ମଧ୍ୟ ଯୋଗାଇ ଦିଆଯିବ।

ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଦେଶ ସ୍ୱାଧୀନତା ପରେ ନିଜ ଭିଟାମାଟିରେ ଶରଣାର୍ଥୀ ହୋଇ ରହିବା ଅତ୍ୟନ୍ତ କଷ୍ଟଦାୟକ। ଆଜି ଏହି ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଏଥିରୁ ସେମାନଙ୍କୁ ମୁକ୍ତି ମିଳିଛି । ଏ ଦିଗରେ ସଚେତନତା ବୃଦ୍ଧି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ନୂଆକରି ନାଗରିକତ୍ୱ ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୯୯୮ରୁ ବାଙ୍ଗଲାଦେଶରୁ ଆସିଥିବା ବାପିନ ମିର୍ଦ୍ଧା କହିଥିଲେ ଯେ, ଏହି ନାଗରିକତା ପ୍ରମାଣପତ୍ର ଆମକୁ ଭିଟାମାଟିର ବାସିନ୍ଦା ଭାବେ ନୂଆ ପରିଚୟ ଦେଇଛି। ଏହା ମାଧ୍ୟମରେ ଆମର ବହୁଦିନର ସ୍ୱପ୍ନ ପୂରଣ ହୋଇଛି। ଆଜିର ଏହି ଦିବସ ଆମକୁ ଭାରତୀୟ ନାଗରିକତ୍ୱ ଦେଇ ଗର୍ବିତ କରିଛି। କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶକ ନିଖିଲ ପବନ କୁମାର ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ରେ ଓଟିଇଟି ...

ବ୍ୟବସ୍ଥା ହୋଇଛି। ଆସନ୍ତା ୧୪ ତାରିଖରୁ ଡିଜି ଲକରରେ ପ୍ରଶ୍ନପତ୍ର ଓ ଓଏମଆର ସିଟ୍ ପଠାଯିବ। ୩୦ଟି ଜିଲ୍ଲା ପାଇଁ ୩୯ଟି ରୁଟ୍‌ରେ ଆର୍ମ ପୋଲିସ ସହିତ ପ୍ରଶ୍ନପତ୍ର ପଠାଯିବ। ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

## ହୀରାକୁଦ ଏବଂ ସାତକୋଶିଆର...

ପର୍ଯ୍ୟଟନ ମନ୍ତ୍ରଣାଳୟ ସ୍ୱଦେଶ ଦର୍ଶନ, ତୀର୍ଥସ୍ଥଳୀ ପୁନରୁଦ୍ଧାର ଏବଂ ଆଧ୍ୟାତ୍ମିକ ଐତିହ୍ୟ ବିକାଶ ଅଭିଯାନ (ପ୍ରସାଦ), ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ରୀୟ ସହାୟତା (ଏସିଏଟିଆଇଡି) ଆଦି ଯୋଜନା ଓ କାର୍ଯ୍ୟକ୍ରମ ଜରିଆରେ ପ୍ରାଥମିକତା ଭିତ୍ତିରେ ପାଣ୍ଠି ଯୋଗାଇ ଦେଇଥାନ୍ତି ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି। ଏହାବ୍ୟତୀତ ପର୍ଯ୍ୟଟନ ସଂକ୍ରାନ୍ତ ପ୍ରକଳ୍ପର ବିକାଶ ପାଇଁ ରାଜ୍ୟମାନଙ୍କୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦିଅନ୍ତି। କେବଳ ସେତିକି ନୁହେଁ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ପର୍ଯ୍ୟଟନ ପ୍ରକଳ୍ପର କାର୍ଯ୍ୟକାରିତା ନିରନ୍ତର ଭାବେ ସମୀକ୍ଷା କରାଯାଇଥାଏ।

## ଆଦାୟ ହେବ...

ଜବରଦଖଲ କରିଛନ୍ତି ସରକାର ସେମାନଙ୍କୁ ୪ ଡିସିମିଲ ଜମି ଦେବେ। ହେଲେ ପ୍ରଭାବଶାଳୀ ଜବରଦଖଲ କାରୀ ଏବେ ବି ସମୟ ଅଛି ଛାଡ଼ି ଦିଅନ୍ତୁ। ନହେଲେ ଉଚ୍ଛେଦ କରିବା ଖର୍ଚ୍ଚ ସେମାନଙ୍କ ଠାରୁ ଆଦାୟ କରାଯିବ। ଜମି ସନ୍ତୁଳନ ରକ୍ଷା କରିବାରେ ଯିଏ ବାଧକ ସାଜିବ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି।

## ଇଣ୍ଡିଗୋର ଘୋଷଣା...

ଭାଉଚରକୁ ବ୍ୟବହାର କରିପାରିବେ। କମ୍ପାନୀର କହିବା ଅନୁଯାୟୀ, ଡିଜିସିଏ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦେଶନାମା ଅନୁଯାୟୀ ଏହି କ୍ଷତିପୂରଣ ପ୍ରଦାନ କରାଯିବ। ଯେଉଁ ଯାତ୍ରୀଙ୍କର ଉଡ଼ାଣ ଏୟାରଲାଇନ୍ କାରଣରୁ ରଦ୍ଦ ହୋଇଛି, ସେମାନେ କ୍ଷତିପୂରଣ ପାଇବାକୁ ହକଦାର। ଏହି କ୍ଷତିପୂରଣ ରାଶି ଫ୍ଲାଇଟ୍ ଦୂରତ୍ୱ, ଟିକେଟ୍ କ୍ଲାସ୍, ଏବଂ ଯାତ୍ରୀଙ୍କୁ ହୋଇଥିବା ଅସୁବିଧା ଆଧାରରେ ଦିଆଯିବ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସହିତ କାନାରା ବ୍ୟାଙ୍କର ବୁଝାମଣାପତ୍ର ସ୍ୱାକ୍ଷର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଆଜି ରେଳ କର୍ମଚାରୀଙ୍କ ଦରମା ଆକାଉଣ୍ଟ ପ୍ୟାକେଜ୍ ଅଧୀନରେ ଉନ୍ନତ ସୁବିଧା ପ୍ରଦାନ କରିବା ପାଇଁ କାନାରା ବ୍ୟାଙ୍କ ସହିତ ଏକ ବୁଝାମଣାପତ୍ର (ଗକ୍ଟ) ସ୍ୱାକ୍ଷର କରିଛି । ଏହି ବୁଝାମଣା ପତ୍ର କର୍ମଚାରୀ କଲ୍ୟାଣ ଏବଂ ଆର୍ଥିକ ସୁବିଧାରେ ଉନ୍ନତି ଆଣିବା ପାଇଁ ସହାୟକ ହେବ ।

ଏହି ପଦକ୍ଷେପ କାନାରା ବ୍ୟାଙ୍କ ସର୍କଲ୍ ଅଫିସ, ଭୁବନେଶ୍ୱରର ମହାପ୍ରବନ୍ଧକ ଶ୍ରୀ ସୁମନ ଚକ୍ରବର୍ତ୍ତୀ ଏବଂ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର କାର୍ଯ୍ୟକାରୀ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଶ୍ରୀ ପ୍ରମୋଦ ବେହେରା ଆନୁଷ୍ଠାନିକ ଭାବରେ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ଶ୍ରୀ ପି.କେ. ବେହେରା ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶ୍ରୀ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । କାନାରା ବ୍ୟାଙ୍କର ବରିଷ୍ଠ ଅଧିକାରୀ ମାନଙ୍କ ମଧ୍ୟରେ ଶ୍ରୀ ଅମ୍ବିକା ସିଂ, ଶ୍ରୀ ସରତ ଚନ୍ଦ୍ର ଭୋଇ, ଶ୍ରୀ ଟି ଅକିଲା, ଶ୍ରୀ ଶୋଭମୟ ହାଲଦାର, ଶେଖ ମେହବୁବ, ଶ୍ରୀମତୀ ରୀତା ଦାସ, ଶ୍ରୀ ଖଗେଶ୍ୱର ସାହୁ; ଶ୍ରୀମତୀ ସସ୍ମିତା ମହାପାତ୍ର, ଶ୍ରୀ ସୁରଜ କୁମାର ଦତ୍ତ ଏବଂ ସୁଶ୍ରୀ ଆଦ୍ୟାଶା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

ରେଳବାଇ ସ୍ୱୀକୃତିପ୍ରାପ୍ତ ଟ୍ରେଡ୍ ୟୁନିଅନର ପ୍ରତିନିଧି ମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ମଣ୍ଡଳ ସଂଯୋଜକ ଶ୍ରୀ ଏସ୍.କେ. ଭଞ୍ଜ, ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନର ଅତିରିକ୍ତ ସାଧାରଣ ସମ୍ପାଦକ ଶ୍ରୀ ଆର.କେ. ଦାସଙ୍କ ସହ ଶ୍ରୀ ଏନ.କେ. ପରିଡା ଅଂଶ ଗ୍ରହଣ କରିଥିଲାବେଳେ ରେଳ କର୍ମଚାରୀ ଏବଂ ବ୍ୟାଙ୍କ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ ।

ଏହି ବୁଝାମଣା କର୍ମଚାରୀମାନଙ୍କ ପାଇଁ ଆର୍ଥିକ ସେବାକୁ ସରଳ କରିବ ଏବଂ ସେମାନଙ୍କୁ ଦରମା ଆକାଉଣ୍ଟ୍ ଯୋଜନା ଅଧୀନରେ ଅନେକ ଲାଭଦାୟକ ସୁବିଧା ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

# ଜିନ୍ଦଲ ଫାଉଣ୍ଡେସନର 'ଉତ୍କର୍ଷ' କୋଚିଂରୁ ସଫଳ ଓପିଏସସି ପ୍ରାର୍ଥୀ ସମ୍ମାନିତ

**ଅନୁଗୁଳ, ନ୍ୟୁଜ ବ୍ୟୁରୋ**




ଜିନ୍ଦଲ ଷ୍ଟିଲର ସାମାଜିକ ଦାୟିତ୍ୱ ଶାଖା, ଜିନ୍ଦଲ ଫାଉଣ୍ଡେସନର ଅଗ୍ରଣୀ ପଦକ୍ଷେପ 'ଉତ୍କର୍ଷ' କୋଚିଂ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ଲୋକସେବା ଆୟୋଗ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୩ ଜଣ ପ୍ରାର୍ଥୀଙ୍କୁ ସମ୍ମାନିତ କରାଯାଇଛି । 'ଉତ୍କର୍ଷ' କାର୍ଯ୍ୟକ୍ରମ ଜରିଆରେ ଏହି ପ୍ରାର୍ଥୀମାନେ ମାଗଣା ଓ ଉଚ୍ଚମାନର ତାଲିମ ଗ୍ରହଣ କରିଥିଲେ। ଜିନ୍ଦଲ ଷ୍ଟିଲର ଅନୁଗୁଳ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀଯୁକ୍ତ ପଙ୍କଜ ମଲହାନ ଏହି ସଫଳ ପ୍ରାର୍ଥୀମାନଙ୍କୁ ସମ୍ମାନିତ କରିଥିଲେ।

ଏହି ଅବସରରେ, ଶ୍ରୀଯୁକ୍ତ ମାଲହାନ ଓଡ଼ିଶାର ଯୁବ ଏବଂ ପ୍ରତିଭାବାନ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ, 'ଆପଣଙ୍କ ବୃତ୍ତିଗତ ଭବିଷ୍ୟତ ପାଇଁ ମୁଁ ବହୁତ ବହୁତ ଶୁଭକାମନା ଜଣାଉଛି। ମୁଁ ନିଶ୍ଚିତ ଯେ, ରାଜ୍ୟବାସୀ ଆପଣଙ୍କ ସେବା ପାଇ ଉପକୃତ ହେବେ। ମୁଁ ଏହା ମଧ୍ୟ ଆଶା କରୁଛି ଯେ, ଆପଣମାନେ ଆପଣଙ୍କ ଦକ୍ଷତା ଏବଂ ନ୍ୟାୟପୂର୍ଣ୍ଣ ବିଚାର ଅନୁସାରେ ସରକାରୀ ବ୍ୟବସ୍ଥା ଏବଂ ଜନସାଧାରଣଙ୍କ ଆଶା ମଧ୍ୟରେ ସମନ୍ୱୟ ରଖିବେ।' ଶ୍ରୀଯୁକ୍ତ ମଲହାନଙ୍କୁ ଭେଟିଥିଲେ, ଓପିଏସପି ପରୀକ୍ଷାରେ ସଫଳ ହୋଇଥିବା ମିତା ସାହୁ (ରାଙ୍କ ୬୪), ବଳରାମ ସାହୁ (ରାଙ୍କ ୧୪୦), ବିଶ୍ୱଜିତ ବେହେରା (ରାଙ୍କ ୧୪୧), ଅନିଲ କୁମାର ସାହୁ (ରାଙ୍କ ୧୫୦), ସୋମିତ କୁମାର ସେଠ୍ (ରାଙ୍କ ୧୮୩), ଅଟଳ ଦାଶ (ରାଙ୍କ ୨୦୧), ରାଜେନ୍ଦ୍ର କୁମାର ଓଝା (ରାଙ୍କ ୨୦୯), ଦେବ ଚନ୍ଦନ ରାଉତ (ରାଙ୍କ ୨୨୧), ସାସ୍ୱତ ସୌମ୍ୟକାନ୍ତ (ରାଙ୍କ ୨୩୫), ଜଗନ୍ନାଥ ସା (ରାଙ୍କ ୨୪୩), ମିତାରାଣୀ ବାରିକ (ରାଙ୍କ ୨୭୩), ବିଶାଳ ରଂଜନ ଭୋଇ (ରାଙ୍କ ୩୪୬), ଏବଂ ଜ୍ଞାନେନ୍ଦ୍ର କୁମାର ସାହୁ (ରାଙ୍କ ୩୮୭)। ଏହି ଅବସରରେ 'ଉତ୍କର୍ଷ' କାର୍ଯ୍ୟକ୍ରମ ମାଧ୍ୟମରେ ମିଳିଥିବା ସମର୍ଥନ ପାଇଁ କୃତିପ୍ରାର୍ଥୀମାନେ ଜିନ୍ଦଲ ଫାଉଣ୍ଡେସନକୁ କୃତଜ୍ଞତା ଜଣାଇଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ଜିନ୍ଦଲ ଫାଉଣ୍ଡେସନର ଅନୁଗୁଳ ସିଏସଆର ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ଜୟନ୍ତ କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ୨୦୨୧-୨୨ ମସିହାରେ ଆରମ୍ଭ ହୋଇଥିବା 'ଉତ୍କର୍ଷ' ପଦକ୍ଷେପ ଜରିଆରେ ପ୍ରତିବର୍ଷ ୫୦୦ ଛାତ୍ରଛାତ୍ରୀଙ୍କୁ ମାଗଣା କୋଚିଂ ପ୍ରଦାନ କରାଯାଉଛି ଏବଂ ଆରମ୍ଭ ହେବା ଦିନଠାରୁ ୨୦୦୦ ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ବିଗତ କିଛି ବର୍ଷ ମଧ୍ୟରେ ୧୫୦ ରୁ ଅଧିକ ଛାତ୍ରଛାତ୍ରୀ ଓପିଏସସି, ଓଏଏସ୍ ସମେତ ବିଭିନ୍ନ ସରକାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସାମଗ୍ରିକ ଭାବରେ 'ଉତ୍କର୍ଷ' କୋଚିଂ କାର୍ଯ୍ୟକ୍ରମ ଜରିଆରେ ୫୦ ରୁ ଅଧିକ ଛାତ୍ରଛାତ୍ରୀ ଓପିଏସସି ପରୀକ୍ଷାରେ ବିଶେଷ ଭାବରେ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠି ଉଲ୍ଲେଖନୀୟ ଯେ, ଶିକ୍ଷାର ବିକାଶ ପାଇଁ ପ୍ରତିବଦ୍ଧ ଥିବା ଜିନ୍ଦଲ ଫାଉଣ୍ଡେସନ, ଆଫ୍ଟର ସ୍କୁଲ ଲର୍ଣ୍ଣିଂ, ଯଶସ୍ୱୀ, ଓ.ପି. ଜିନ୍ଦଲ ଷ୍ଟାର ଏବଂ ଜୁଏଲ୍ ସ୍କଲାରସିପ୍, ଜିନ୍ଦଲ ଆଶା ଏବଂ ସାବିତ୍ରୀ ଜିନ୍ଦଲ ଡିଏଭି ହାଇସ୍କୁଲ ଭଳି ବିଭିନ୍ନ କାର୍ଯ୍ୟକ୍ରମ ମାନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଜାରିରଖିଛି ।


## ପୂର୍ବ ତଟ ରେଳପଥ

### ପାର୍କିଙ୍ଗ୍ ଷ୍ଟାଣ୍ଡର ଇ-ନିଲାମ

ନିଲାମ କ୍ୟାଟାଲଗ୍ ନଂ.: SDCM-KUR-PKNG-

ଷ୍ଟେସନ ଏବଂ ସ୍ଥାନ : ପଳାସା-2 ଚକିଆ (IOW କାର୍ଯ୍ୟାଳୟ ନିକଟରେ)।

ନିଲାମ ଆରମ୍ଭ ହେବା ତାରିଖ ଓ ସମୟ : 19.12.2025, 1500 ଘଟିକା, ନିଲାମ ବନ୍ଦ ହେବା ତାରିଖ ଓ ସମୟ : 19.12.2025, 1530 ଘଟିକା।

ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବସାଇଟ୍ www.ireps.gov.inର ଆଗାମୀ ଇ-ଅକ୍ସନ ରିଲିଜ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-887/Q/25-26



## ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର

### ମଣ୍ଡେଇ ମହୋତ୍ସବ - ୨୦୨୫

**ବାର୍ତ୍ତା**

ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ନବରଙ୍ଗପୁର ଜିଲ୍ଲାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସାଂସ୍କୃତିକ ଉତ୍ସବ 'ମଣ୍ଡେଇ ମହୋତ୍ସବ-୨୦୨୫' ଏବଂ 'ପଲ୍ଲୀଶ୍ରୀ ମେଳା' ମହା ଉଲ୍ଲାସ ଓ ଉଦ୍ଦୀପନା ମଧ୍ୟରେ ସ୍ଥାନୀୟ ନୂତନ ମଣ୍ଡେଇ ପଡିଆ ହିର୍ଲି ଠାରେ ଆସନ୍ତା ଡିସେମ୍ବର ୧୨ ତାରିଖ ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମଗ୍ର ଜିଲ୍ଲାର ଭିନ୍ନ ଭିନ୍ନ ଅଞ୍ଚଳର ନୃତ୍ୟ, ସଙ୍ଗୀତ, ବାଦ୍ୟ, ଲୋକଗୀତ ତଥା ସଂସ୍କୃତିକୁ ନିଜସ୍ୱ ଢଙ୍ଗରେ ବଞ୍ଚେଇ ରଖିବା ଏବଂ ଏହାର ପ୍ରଚାର ପ୍ରସାର ଦିଗରେ 'ମଣ୍ଡେଇ' ଏକ ବଳିଷ୍ଠ ମଞ୍ଚ ଯାହା କେବଳ ରାଜ୍ୟ କାହିଁକି ସାରା ଭାରତ ବର୍ଷରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମହୋତ୍ସବର ଅନ୍ୟତମ ଆକର୍ଷଣ 'ପଲ୍ଲୀଶ୍ରୀ ମେଳା' ରାଜ୍ୟ ତଥା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, କାରିଗରଙ୍କ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବା ସହ 'ମଣ୍ଡେଇ ସ୍ମରଣିକା' ପ୍ରକାଶନ ପାଠକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିବ ବୋଲି ଆଶା କରୁଛି ।

ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲାର ସମସ୍ତ ଭାଇଭଉଣୀଙ୍କୁ ମଣ୍ଡେଇ-୨୦୨୫ର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସ୍ୱାଗତ କରୁଛି ।

ଡଃ ମହେଶ୍ୱର ସ୍ୱାଇଁ
ଜିଲ୍ଲାପାଳ ତଥା ଅଧ୍ୟକ୍ଷ,
ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର



## ଭବାନୀପାଟଣା ପୌର ପରିଷଦ

ସମ୍ବାଦ କଳିକା ଦୈନିକ ଖବର କାଗଜର ସ୍ୱନକ୍ଷତ୍ର ଦିବସ ୨୦୨୫ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛି। ଆସନ୍ତୁ, ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା।

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢ଼ୀ
ନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ
ନଗରପାଳ

ତଥା

ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌରପାଳିକା ।

ଭୁବନେଶ୍ୱର
୧୨ ଡିସେମ୍ବର, ଶୁକ୍ରବାର, ୨୦୨୫
RNI Regd. No. : 52640/94
Postal Regd. No. : BN/60/25-27

# ତୃତୀୟ ଦିନରେ ଗର୍ଭ ଗୃହରୁ ବାଲି ଓ ପଥର ସଂଗ୍ରହ କଲା ଏଏସ୍ଆଇ



**କୋଣାର୍କ, ୧୧/୧୨ ନ୍ୟୁଜ ବ୍ୟୁରୋ**
କୋଣାର୍କ ସୂର୍ଯ୍ୟମନ୍ଦିର ମୁଖଶାଳା ଗର୍ଭ ଗୃହରେ ୧୯୦୩ ମସିହାରେ ଭର୍ତ୍ତି କରାଯାଇଥିବା ବାଲି କାଢ଼ିବା ପାଇଁ ସୋମବାରଠାରୁ ଆରମ୍ଭ ହୋଇଥିବା ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛି ଏଏସ୍ଆଇ। ମଙ୍ଗଳବାର ସୂର୍ଯ୍ୟମନ୍ଦିର ମୁଖଶାଳା ଗର୍ଭ ଗୃହରେ କୋର ଡ୍ରିଲ ଯୋଗେ ପଶ୍ଚିମ ଦିଗରୁ ପ୍ରଥମ ପିଢ଼ିରେ ୧୬ ସେମି ଗୋଲେଇରେ ୯ମିଟର ଛିଦ୍ର କରାଯାଇ ସଂଗୃହୀତ ବାଲି ଓ ପଥର ଖଣ୍ଡକୁ ପରୀକ୍ଷା ପାଇଁ ମାଡ୍ରାସ ଆଇଆଇଟିକୁ ପଠାଯାଇଥିଲା। ତୃତୀୟ ଦିନରେ ଛିଦ୍ର ହୋଇଥିବା ସ୍ଥାନର ତଳକୁ ଆଉ ଏକ ଦେଢ଼ ମିଟର ଛିଦ୍ର କରାଯାଇ ସେଥିରୁ ବାଲି ଓ ପଥର ସଂଗ୍ରହ କରାଯାଇଛି। ଗୁରୁବାର ଉକ୍ତ ବାଲି ଓ ପଥର ଖଣ୍ଡ ମାଡ୍ରାସ ସ୍ଥିତ ଆଇଆଇଟିକୁ ପଠାଯାଇଥିବାଏଏସଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡି. ବି. ଗଡ଼ନାୟକ ପ୍ରକାଶ କରିଛନ୍ତି।

## ଆଜି ଛତିଶା ନିଯୋଗ ବୈଠକ

# ପହିଲି ଭୋଗ ନୀତି ନିର୍ଘଣ୍ଟକୁ ମିଳିପାରେ ଅନୁମୋଦନ

**ପୁରୀ ୧୧।୧୨ ନ୍ୟୁଜ ବ୍ୟୁରୋ**
ଶୁକ୍ରବାର ସଂଧ୍ୟା ୫ଟାରେ ବସିବ ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ଏହି ବୈଠକ। ବୈଠକରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଛତିଶା ନିଯୋଗର ସେବାୟତ ପ୍ରତିନିଧି ଉପସ୍ଥିତ ରହିବେ। ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ। ଆସନ୍ତା ୧୬ ତାରିଖ



ଠାରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପହିଲି ଭୋଗ ନୀତି ନିର୍ଘଣ୍ଟକୁ ବୈଠକରେ ଅନୁମୋଦନ କରାଯିବ। ଜାନୁଆରୀ ୩ ତାରିଖରେ ଦେବାଭିଷେକ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ ଓ ଜାନୁଆରୀ ୧୪ ତାରିଖରେ ମକର ସଂକ୍ରାନ୍ତି ନୀତି ନିର୍ଘଣ୍ଟ ନେଇ ବୈଠକରେ ଆଲୋଚନା ହେବ। ସେହିପରି ଶ୍ରୀମନ୍ଦିରରେ ଦିବ୍ୟାଙ୍ଗ ଭକ୍ତଙ୍କ ସହଜ ଦର୍ଶନ ବ୍ୟବସ୍ଥା ନେଇ ଆଲୋଚନା ହେବ। ସଭାପତିଙ୍କ ଅନୁମୋଦନ କ୍ରମେ ବୈଠକରେ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ହୋଇପାରେ। ଏନେଇ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି।

# ଶାଶୂ ଦେଇଥିବା ସୁନା ଚୁଡ଼ି ଫେରାଇଲେ, ଛାଡ଼ପତ୍ରରେ ଟଙ୍କାଟିଏ ମାଗିଲେନି ପତ୍ନୀ : ପ୍ରଶଂସା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୧/୧୨**
ସୁପ୍ରିମକୋର୍ଟରେ ଗୁରୁବାର ଏକ ଛାଡ଼ପତ୍ର ମାମଲାର ଶୁଣାଣି ହୋଇଛି। ଶୁଣାଣି ସମୟରେ ପାରସ୍ପରିକ ସମ୍ମତିରେ ଛାଡପତ୍ର ମାମଲା ଦାୟର କରିଥିବା ଜଣେ ମହିଳାଙ୍କୁ ସୁପ୍ରିମକୋର୍ଟ ପ୍ରଶଂସା କରିଥିଲେ । ଛାଡପତ୍ର ଆବେଦନ କରିଥିବା ମହିଳା ଜଣକ କୌଣସି ଭରଣପୋଷଣ ଦାବି କରିନଥିଲେ। କେବଳ ଏତିକି ନୁହେଁ, ମହିଳା ଜଣକ ତାଙ୍କ ଶାଶୂଙ୍କଠାରୁ ବିବାହ ସମୟରେ ଉପହାର ପାଇଥିବା ସୁନା ଚୁଡ଼ିକୁ ମଧ୍ୟ ଫେରାଇ ଦେଇ ଥିଲେ । ମାମଲାର ଶୁଣାଣି କରୁଥିବା ବିଚାରପତି ମହିଳାଙ୍କ ଏଭଳି ଆଚରଣ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ତାଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ । ଲାଇଭ୍ ଲ ରିପୋର୍ଟ ଅନୁଯାୟୀ, ସୁପ୍ରିମକୋର୍ଟ ଏହା ମଧ୍ୟ କହିଥିଲେ ଯେ ଏହା ଏକ 'ବିରଳ ବୁଝାମଣା'। କାରଣ ପତ୍ନୀ କୌଣସି ଟଙ୍କା ଦାବି କରି ନଥିଲେ । ବିଚାରପତି ଜେବି ପାରଦିୱାଲା ଏବଂ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଶୁଣାଣି ଆରମ୍ଭରେ ମହିଳାଙ୍କ ଓକିଲ କହିଥିଲେ ଯେ ସେ କୌଣସି ଭରଣପୋଷଣ କିମ୍ବା ଅନ୍ୟାନ୍ୟ ଆର୍ଥିକ କ୍ଷତିପୂରଣ ମାଗି ନାହାନ୍ତି। ଯେତେବେଳେ କୋର୍ଟଙ୍କୁ ଜଣାଗଲା ଯେ କେବଳ ଚୁଡ଼ି ଫେରାଇବା ବାକି ଅଛି, ଖଣ୍ଡପୀଠ ଭାବି ଥିଲେ ଯେ ପତ୍ନୀ ତାଙ୍କ ସ୍ତ୍ରୀଧନ ଫେରାଇବାକୁ ଦାବି କରୁଛନ୍ତି । କିନ୍ତୁ ପତ୍ନୀଙ୍କ ଓକିଲ ତୁରନ୍ତ ଏହାର ପ୍ରତିବାଦ କରି କହିଥିଲେ ଯେ ବିବାହ ସମୟରେ ଉପହାରରେ ପାଇଥିବା ଅଳଙ୍କାର ମହିଳା ଜଣକ ଫେରସ୍ତ କରୁଛନ୍ତି । ଜଷ୍ଟିସ୍ ପାରଦିୱାଲା ଏହା ଉପରେ କହିଥିଲେ କୋର୍ଟ ଦେଖିଥିବା ଏହା ଏକ ଅତ୍ୟନ୍ତ ବିରଳ ବୁଝାମଣା। କୋର୍ଟ ତାଙ୍କ ଆଦେଶରେ ଲେଖିଛନ୍ତି, 'ଏହା ଆମେ ଦେଖିଥିବା ବିରଳ ବୁଝାମଣା ମଧ୍ୟରୁ ଗୋଟିଏ ଯେଉଁଠାରେ କିଛି ଦାବି କରାଯାଇ ନାହିଁ । ଏହା ବିପରୀତରେ, ପତ୍ନୀ ବିବାହ ଉପହାର ଭାବରେ ପାଇଥିବା ସୁନା ଚୁଡ଼ି ଫେରାଇ ଦେଇଛନ୍ତି । ଆମକୁ କୁହାଯାଇଛି ଯେ ଏହି ଚୁଡ଼ିଗୁଡ଼ିକ ସ୍ୱାମୀଙ୍କ ମାଆଙ୍କର ଥିଲା । ଆମେ ଏପରି ଭଲ କାମକୁ ପ୍ରଶଂସା କରୁଛୁ, ଯାହା ଆଜିକାଲି ବିରଳ ।' ମହିଳା ଜଣକ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗ ଦେବା ପରେ ଜଷ୍ଟିସ୍ ପାରଦିୱାଲା ତାଙ୍କୁ କହିଥିଲେ, 'ଆମେ ଦେଖୁଛୁ ଯେ ଏହା ବିରଳ ମାମଲା ମଧ୍ୟରୁ ଗୋଟିଏ ଯେଉଁଠାରେ କିଛି କାରବାର ହୋଇନାହିଁ। ଆମେ ଆପଣଙ୍କୁ ପ୍ରଶଂସା କରୁଛୁ । ଅତୀତକୁ ଭୁଲିଯାଅ ଏବଂ ଏକ ଖୁସି ଜୀବନ ବଞ୍ଚ ।' ତା'ପରେ କୋର୍ଟ ଚୂଡ଼ାନ୍ତ ନିର୍ଦ୍ଦେଶ ଦେଇ ଉଭୟ ପକ୍ଷଙ୍କୁ ଛାଡ଼ପତ୍ର ଅନୁମତି ଦେଇଥିଲେ।

## ଏଆଇଏମ୍ଏସର ବାର୍ଷିକ ମ୍ୟାନେଜମେଣ୍ଟ ସମ୍ମିଳନୀ ଉଦ୍‌ଘାଟିତ

# ଉତ୍ତମ ପରିଚାଳନା ଭାରତ ଅଭିବୃଦ୍ଧିର ଚାବିକାଠି: ରାଜ୍ୟପାଳ

**ଭୁବନେଶ୍ୱର, ୧୧।୧୨ ନ୍ୟୁଜ ବ୍ୟୁରୋ**
ମୂଲ୍ୟବୋଧରେ ପରିଚାଳିତ ଏବଂ ଜ୍ଞାନ ଦ୍ୱାରା ସୂଚିତ ଉତ୍ତମ ପରିଚାଳନା ଜାତୀୟ ବିକାଶ ପଛରେ ଅନ୍ୟତମ ପ୍ରଭାବଶାଳୀ ଶକ୍ତି ଅଟେ । ଗୁରୁବାର ସୋଆ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଆସୋସିଏସନ୍ ଅଫ୍ ଇଣ୍ଡିଆନ୍ ମ୍ୟାନେଜମେଣ୍ଟ ସ୍କୁଲ୍ସର ବାର୍ଷିକ ମ୍ୟାନେଜମେଣ୍ଟ ସମ୍ମିଳନୀ ୨୦୨୫ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିବା ଅବସରରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି । ଏହା ପରିଚାଳନା ଶିକ୍ଷାକୁ ସୁଦୃଢ଼ କରିବା ଏବଂ ପରବର୍ତ୍ତୀ ପିଢ଼ିର ନେତାମାନଙ୍କୁ ପ୍ରସ୍ତୁତ କରିବା ଦିଗରେ ଭାରତର ପ୍ରତିବଦ୍ଧତାର ପ୍ରତିଫଳନ ବୋଲି



ରାଜ୍ୟପାଳ କହିଥିଲେ। ପୂର୍ବ ଭାରତରେ ଶିକ୍ଷା, ଗବେଷଣା ଏବଂ ନବସୃଜନର କେନ୍ଦ୍ର ଭାବେ ଭୁବନେଶ୍ୱରର ଆବିର୍ଭାବକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଶିକ୍ଷାର ଭୂମିକା ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଶିକ୍ଷା ହେଉଛି ଏପରି ଶକ୍ତି ଯାହା ସାମାଜିକ ଏବଂ ଅର୍ଥନୈତିକ ପରିବର୍ତ୍ତନକୁ ଆଗେଇ ନେଇଥାଏ। ଏହା ବ୍ୟକ୍ତିବିଶେଷଙ୍କୁ ସଶକ୍ତ, ଗୋଷ୍ଠୀକୁ ମଜବୁତ ଏବଂ ଦେଶକୁ ସ୍ୱଷ୍ଟତାର ସହିତ ଆହ୍ୱାନର ସମ୍ମୁଖୀନ କରିବାକୁ ସକ୍ଷମ କରିଥାଏ। ଶିକ୍ଷାନୁଷ୍ଠାନଗୁଡ଼ିକ କୃତ୍ରିମ ବୁଦ୍ଧିମତା, ମେସିନ୍ ଲର୍ଣ୍ଣିଂ, ବିଗ୍ ଡାଟା ଏବଂ ଡିଜିଟାଲ୍ ଉପକରଣଗୁଡ଼ିକୁ ବୁଦ୍ଧିମତା, ଦଳଗତ କାର୍ଯ୍ୟ, ନେତୃତ୍ୱ ଏବଂ ନୈତିକ ଚିନ୍ତାଧାରା ସହିତ ଏକୀକୃତ କରୁଛନ୍ତି ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ ଜଟିଳ ବୈଶ୍ୱିକ ଆହ୍ୱାନର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇ ପାରୁଛନ୍ତି ବୋଲି ରାଜ୍ୟପାଳ କହିଥିଲେ । ରାଜ୍ୟପାଳ କହିଛନ୍ତି ଯେ, ରାଜ୍ୟ ଏହାର ଶିକ୍ଷାଗତ ଭିତ୍ତିଭୂମିକୁ ବିସ୍ତାର କରୁଛି, ବିଶ୍ୱବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ କରୁଛି ଏବଂ ଦକ୍ଷ ମାନବ ସମ୍ବଳକୁ ପୋଷଣ କରିବା ପାଇଁ ଏକ ପରିବେଶ ପ୍ରଣାଳୀ ନିର୍ମାଣ କରୁଛି। ଓଡ଼ିଶା ଆଧୁନିକ ମହତ ଆକାଂକ୍ଷା ଏବଂ କାଳଜୟୀ ଐତିହ୍ୟର ଅନନ୍ୟ ମିଶ୍ରଣ । ଏହାର ମନ୍ଦିର ଏବଂ ପର୍ବପର୍ବାଣୀ ଓ ପ୍ରାକୃତିକ ସମ୍ପଦ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ ଏହା ପର୍ଯ୍ୟଟନ, ଶିଳ୍ପ ଏବଂ ନବସୃଜନ ପାଇଁ ସୁଯୋଗ ପ୍ରଦାନ କରୁଛି। ଭାରତ ସରକାରଙ୍କ ଏଆଇସିଟିଇର ଅଧ୍ୟକ୍ଷ ପ୍ରଫେସର ଟି.ଜି. ସୀତାରାମ ଏବଂ ଏଆଇଏମ୍ଏସ୍ ବାର୍ଷିକ ସମ୍ମିଳନୀ ୨୦୨୫ ର ସମ୍ମିଳନୀ ନିର୍ଦ୍ଦେଶକ ଇଂ ସରୋଜ କୁମାର ସାହୁ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଆଇଏମ୍ଏସ୍ ଭୁବନେଶ୍ୱରର ଅଧ୍ୟକ୍ଷ ଡକ୍ଟର ରମାକାନ୍ତ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସୋଆ ବିଶ୍ୱବିଦ୍ୟାଳୟର ପ୍ରୋ- ଭାଇସ ଚ୍ୟାନସେଲର ପ୍ରଫେସର ଅନୁପ କୁମାର ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ଅବକାରୀ ବିଭାଗ ପକ୍ଷରୁ ୫୩ ଗ୍ରାମ୍ ହେରୋଇନ୍ ଜବତ

**ଜଗତସିଂହପୁର ୧୧/୧୨ ନ୍ୟୁଜ ବ୍ୟୁରୋ**
ଜଗତସିଂହପୁର ଅବକାରୀ ଅଧିକାରୀ ପ୍ରଭାସ କୁମାର ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଚର୍ଚ୍ଚିକା ବଜାର ଖେରସ ପ୍ରାଇମେରୀ ସ୍କୁଲ ନିକଟରେ ଚଢ଼ଉ କରାଯାଇ ବସନ୍ତପୁର ଅଞ୍ଚଳର ସମୀର ସାହାଣୀ (୫୫)ଙ୍କ ଠାରୁ ୫୩ ଗ୍ରାମ୍‌ର ହେରୋଇନ୍ ଜବତ କରିବା ସହିତ ସମୀରଙ୍କୁ ଗିରଫ କରିଥିବା ସୂଚନା ମିଳିଛି । ଜବତ ୫୩ ଗ୍ରାମ୍ ହେରୋଇନର ବଜାର ମୂଲ୍ୟ ଆନୁମାନିକ ୫ ଲକ୍ଷ ୩୦ ହଜାର ଟଙ୍କା ହେବ । ଏହି ଚଢ଼ଉରେ ଅବକାରୀ ସବ ଇନ୍ସପେକଟର ଭାଗ୍ୟ ଲକ୍ଷ୍ମୀ ଦଳାଇ, ଏଏସଆଇ ସନ୍ତୋଷ ନାୟକ, ପିନାକୀ ରଞ୍ଜନ ରାଉତରାୟ, କନେଷ୍ଟବଳ ସବିତା ବିଶ୍ୱ ରଞ୍ଜନ ସ୍ୱାଇଁ, ଗାଡ଼ି ଚାଳକ ମହେନ୍ଦ୍ର ରାଉତ ପ୍ରମୁଖ ସାମିଲ ରହିଥିଲେ । ଏଠି ପ୍ରଶ୍ନ ଉଠୁଛି ଯେ ଜଗତସିଂହପୁର ଜିଲ୍ଲାରେ ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ପକ୍ଷରୁ ଏତେ ଶକ୍ତ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଜିଲ୍ଲାରେ ଏତେ ମାତ୍ରାରେ ପ୍ରତ୍ୟେକ ଦିନ ମାଦକ ଦ୍ରବ୍ୟ ଆସୁଛି କିଭଳି ଓ ମାଷ୍ଟର ମାଇଣ୍ଡ କିଏ ତାହା ସାଧାରଣରେ ପ୍ରଶ୍ନ ଉଠିଛି।

# ବଡ଼ଦେଉଳ ନୀତିକୁ ଧ୍ୟାନ ନାହିଁ... ମଧ୍ୟାହ୍ନରେ ସକାଳ ଧୂପ! କାଁ ଭାଁ କେମିତି ଦିବା ପହୁଡ

**ପୁରୀ,୧୧/୧୨ ନ୍ୟୁଜ ବ୍ୟୁରୋ**
'ବେଳାରେ ଗଣ୍ଡେ ଖାଉନାହାନ୍ତି ମହାପ୍ରଭୁ । ଆମ ସମୟରେ ଠାକୁରଙ୍କ ଭୋଗ ଠିକ୍ ବେଳାରେ ସରୁଥିଲା। ସକାଳ ୭ଟାରେ ମହାପ୍ରଭୁଙ୍କ ଗୋପାଳବଲ୍ଲଭ, ୯ଟାରେ ସକାଳ ଧୂପ ବଢ଼ି ୧୦ଟା ବେଳକୁ ଭଅଣ୍ଡ ଶେଷ । କେମିତି ଠାକୁରେ ଗଣ୍ଡେ ବେଳାରେ ଖାଇଦେବେ ..., ଦାଉଁ ଦାଉଁ କରି ଠାକୁରଙ୍କ ତିନିଟା ଭୋଗ ସାରିବାକୁ ଅଛି । ଭୋଗ ସରିଗଲେ କିପରି ଠାକୁରେ ଟିକେ ଶୋଇପଡ଼ିବେ...। ଶୀଘ୍ର ଖାଇ ସଅଳ ଶୋଇବେ ଠାକୁରେ... ଏହି ଗୋଟିଏ ଚିନ୍ତା ଆମର ରହିଥାଏ। ଦିନ ୩ଟା ସୁଦ୍ଧା ମଧ୍ୟାହ୍ନ ଧୂପ ସରି ମହାପ୍ରଭୁ ନିଦ୍ରା ଯିବେ । ପୁଣି ସନ୍ଧ୍ୟାରେ ଦ୍ୱାର ଖୋଲି ମହାପ୍ରଭୁଙ୍କ ନୀତି ଆଗେଇବ। ଏବେ କିନ୍ତୁ ଆଗଭଳି ଠାକୁରଙ୍କ ନୀତି ନାହିଁ କି ବିଚାର! ମହାପ୍ରଭୁଙ୍କ ନୀତିରେ ବିଭ୍ରାଟ ହେଲେ ସବୁ ସମସ୍ୟା ହେବ'। ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ପ୍ରମୁଖ ସେବା ପ୍ରଦାନ କରୁଥିବା ଅମିନ ମହାସୁଆର ତଥା ୮୩ ବର୍ଷୀୟ ବରିଷ୍ଠ ସେବାୟତ ବାବାଜୀ ମହାସୁଆରଙ୍କ ଏଭଳି ପ୍ରତିକ୍ରିୟା ବଡ଼ଦେଉଳ ନୀତି ପରିଚାଳନା ଉପରେ ପ୍ରଶ୍ନବାଚୀ ଲଗାଇଛି। ଶ୍ରୀମନ୍ଦିରରେ ଠାକୁରଙ୍କ ରୀତିନୀତି ହିଁ ସର୍ବାଗ୍ରେ। ହେଲେ ବଡ଼ଦେଉଳ ନୀତି ପ୍ରତି କାହାରି ଧ୍ୟାନ ନାହିଁ । ସକାଳଧୂପ ସରିଲା ବେଳକୁ ପ୍ରାୟ ମଧ୍ୟାହ୍ନ । ଦିନରେ ଠାକୁରେ ପ୍ରାୟତଃ ବିଶ୍ରାମ



ନେଉନାହାନ୍ତି । ରାତିରେ ଯେତେବେଳେ ପହୁଡ଼ ହେଲେ ମଧ୍ୟ ପରଦିନ ମଙ୍ଗଳ ଆଳତି ହେଲା ବେଳକୁ ସକାଳ ୭ଟା ପାଖେଉଛି । ମଙ୍ଗଳବାର ରାତ୍ର ସାଢ଼େ ୧୨ଟାରେ ପହୁଡ଼ ହୋଇଥିଲେ ସୁଦ୍ଧା ବୁଧବାର ସକାଳ ୬ଟା ୪୫ରେ ସରିଲା ମହାପ୍ରଭୁଙ୍କ ମଙ୍ଗଳଆଳତି । ସକାଳ ଧୂପ ସରିଲା ବେଳକୁ ଦିନ ୧୨ଟା। ସୂର୍ଯ୍ୟ ମୁଣ୍ଡ ଉପରେ। ଛପନପଉଟି ଭୋଗ ପ୍ରିୟ କାଳିଆ ସାଆନ୍ତେଙ୍କୁ ସକାଳର ରାଜଭୋଗ ଲାଗିଲା ବେଳକୁ ସୂର୍ଯ୍ୟଦେବ ପଶ୍ଚିମ ମୁହାଁ । ଯାହାକୁ ନେଇ ଗଭୀର ଉଦବେଗ ପ୍ରକାଶ ପାଉଛି ଅଭିଜ୍ଞ ତଥା ବରିଷ୍ଠ ସେବକ ମହଲରେ। ଆଗେ ନୀତିରେ ଏଭଳି ସ୍ଥିତି ଉପୁଜିଲେ କୁହାଯାଉଥିଲା କର୍ମଚାରୀଙ୍କ ଅଭାବ । ବର୍ତ୍ତମାନ ୭୫ ଜଣ ନୂତନ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ତଥାପି ମଧ୍ୟ କାହିଁକି ଠାକୁରଙ୍କ ନୀତିରେ ସୁଧାର ଆସୁ ନଥିବା ନେଇ ଚାପା ଅସନ୍ତୋଷ ପ୍ରକାଶ ପାଉଛି। ଶ୍ରୀମନ୍ଦିର ସତ୍ତ୍ୱଲିପି ଅନୁସାରେ, ଦ୍ୱାର ଫିଟା ଓ ମଙ୍ଗଳ ଆଳତି ପ୍ରାତଃ ୫ଟା କିମ୍ବା ଏହା ପୂର୍ବରୁ ନିୟମ ରହିଛି। ଶାରଦୀୟ ପୂଜା, କାର୍ତ୍ତିକ ମାସ ଓ ପହିଲି ଭୋଗ ସମୟରେ ଭିନ୍ନ କଥା । ମଇଲମର ନିର୍ଦ୍ଧାରିତ ସମୟ ପ୍ରାତଃ ୬ଟା । ଅବକାଶ ସମୟ ୬ଟା ୩୦ ମଧ୍ୟରେ । ମଇଲମ ୬ଟା ୪୫ରେ । ସାହାଣମେଳା ଦର୍ଶନ ସକାଳ ୭ଟା । ୮ଟାରୁ ୮ଟା୩୦ ମଧ୍ୟରେ ବେଶଲାଗି। ରୋଷ ହୋମ ଓ ସୂର୍ଯ୍ୟପୂଜା ୮ଟା ୪୫ ମଧ୍ୟରେ। ଗୋପାଳବଲ୍ଲଭର ନିର୍ଦ୍ଧାରିତ ସମୟ ସକାଳ ୯ଟା। ସକାଳ ଧୂପର ସମୟ ସକାଳ ୧୦ଟା। ମଇଲମ ହୋଇ ଭୋଗମଣ୍ଡପ ହେବ ୧୧ଟାରେ। ମଧ୍ୟାହ୍ନ ଧୂପ ସାଢ଼େ ୧୨ଟାରୁ ୧ଟା ମଧ୍ୟରେ ହେବାର ନିୟମ। ଅପରାହ୍ଣ ପ୍ରାୟ ୨ଟାରେ ଠାକୁରଙ୍କ ମଧ୍ୟାହ୍ନ ପହୁଡ଼ ହୋଇ ସନ୍ଧ୍ୟା ୬ଟା ମଧ୍ୟରେ ପହୁଡ଼ ଫିଟିଲେ ସନ୍ଧ୍ୟା ଆଳତି । ରାତି ୭ଟାରୁ ୮ଟା ମଧ୍ୟରେ ସନ୍ଧ୍ୟା ଧୂପ ବଢ଼ିବ। ରାତି ୧୦ଟା ମଧ୍ୟରେ ମଇଲମ ହୋଇ ଚନ୍ଦନଲାଗି ଅନୁଷ୍ଠିତ ହେବ । ସାଢ଼େ ୧୦ଟାରେ ବଡ଼ସିଂହାର ବେଶ। ପରେ ବଡ଼ସିଂହାର ଧୂପ ବଢ଼ି ଖଟଶେଜଲାଗି, ବୀଣା ଓ ଗାନ, ପୁଷ୍ପାଞ୍ଜଳି, ପୁଷ୍ପଲାଗି, ପହୁଡ଼, ମୁଦ ଓ ଶୋଧ ରାତ୍ର ୧୧ଟା ୪୫ରୁ ୧୨ଟା ମଧ୍ୟରେ ହେବ । ସତ୍ତ୍ୱଲିପିର ଏଭଳି ନିର୍ଦ୍ଦେଶ ଠାରୁ ଢେର ଦୂରରେ ଅସଲ ନୀତି । ପୁଣି ଏକ ଅଭିଯୋଗ ଆସୁଛି କି କେତେକ କର୍ମଚାରୀଙ୍କ ଠାକୁରଙ୍କ ନୀତି ନେଇ ଅଭିଜ୍ଞତା ନଥିବାରୁ ନୀତି ପାଳନରେ ଖିଲାପ ହେଉଛି ଯାହାକି ପରେ ତୁଲାଇ ଦିଆଯାଉଛି । ସ୍ନାନ ପୂର୍ଣ୍ଣିମାଠାରୁ ରଥ ଯାତ୍ରା ଠାକୁରେ ବାହାରକୁ ଯାତ୍ରା କରିବା ସମୟରେ ସରକାର ଜାଗ୍ରତ ରହି ଯାହି ଯେମିତି ଦାୟିତ୍ୱ ତୁଲାଇ ବାକି ସମୟରେ ଠାକୁରଙ୍କ ନୀତି ପ୍ରତି ବେପରୁଆ ଭାବ ପ୍ରକାଶ ପାଉଛି । ଅଧିକାରୀମାନେ କାର୍ଯ୍ୟାଳୟରେ ବସି ବୈଠକ କରି ଗଣମାଧ୍ୟମରେ ବିବୃତି ଦେଉଥିବା ସ୍ଥଳେ ଅସଲରେ ବଡ଼ଦେଉଳରେ ଠାକୁରଙ୍କ ଅନନ୍ୟ ନୀତି ପ୍ରତି କାହାରି ଧ୍ୟାନ ରହୁନି । ଆଗେ ସାହାଣମେଳା ଦର୍ଶନ ସାଙ୍ଗକୁ ୫ଥର ଭଳି ଟିକେଟ ଦର୍ଶନ ବ୍ୟବସ୍ଥା ଥିଲା। ଭକ୍ତମାନେ ଗର୍ଭଗୃହକୁ ଯାଇ ଅତିନିକଟରୁ ଶ୍ରୀବିଗ୍ରହଙ୍କ ଦର୍ଶନ କରୁଥିଲେ। ଏବେ ସେସବୁ ବନ୍ଦ ରହିଥିଲେ ସୁଦ୍ଧା କାହିଁକି ମହାପ୍ରଭୁଙ୍କ ନୀତି ଅସଲ ସମୟରେ ନହେବ ବୋଲି ସ୍ୱତଃ ପ୍ରଶ୍ନ ଉଠୁଛି । ଅବଶ୍ୟ ପୂର୍ବ ତୁଳନାରେ ଏବେ ଶ୍ରୀଜଗନ୍ନାଥଙ୍କ ଦର୍ଶନାର୍ଥୀଙ୍କ ସଂଖ୍ୟା ମାତ୍ରାଧିକ ହୋଇଛି। ହେଲେ ଭକ୍ତଙ୍କ ଠାକୁର ଦର୍ଶନ ନାମରେ ଠାକୁରଙ୍କ ନୀତିକୁ ବଳି ପକାଯିବା କେତେ ଦୂର ଠିକ୍ ବୋଲି ମହାପ୍ରଭୁଙ୍କ ପ୍ରିୟ ସେବକ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କ ପ୍ରତିକ୍ରିୟା ମିଳିନାହିଁ।

# ମଞ୍ଜୁର ହୋଇଥିଲା ୧ ଲକ୍ଷ ୩୪୪ ହଜାର ସମ୍ପୂର୍ଣ୍ଣ ହୋଇଛି ୪ ହଜାର ୧୪୪ ଘର

**ଭୁବନେଶ୍ୱର ୧୧।୧୨ ନ୍ୟୁଜ ବ୍ୟୁରୋ**
ମଞ୍ଜୁର ହୋଇ ଘର ସମ୍ପୂର୍ଣ୍ଣ ହେଉନଥିବା ନେଇ ପ୍ରତିକ୍ରିୟା ରଖିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ । ୨୦୨୫-୨୬ରେ ୧



ଲକ୍ଷ ୩୪୪ ହଜାର ଘର ମଞ୍ଜୁର ହୋଇଥିବା ବେଳେ ସମ୍ପୂର୍ଣ୍ଣ ହୋଇଛି ୪ ହଜାର ୧୪୪ ଘର ବିଧାନସଭାରେ ଲିଖିତ ଉତ୍ତର ରଖିଥିଲେ ମନ୍ତ୍ରୀ । ୨୦୨୫-୨୬ରେ ୪ ହଜାର ଘର ଆମର ଆଚିଭମେଣ୍ଟ ବୋଲି ମନ୍ତ୍ରୀ କହିଛନ୍ତି । ଯେଉଁମାନଙ୍କ ଜାଗା ନାହିଁ କିମ୍ବା ଏମିତି ଜାଗାରେ ଅଛି ସେଠି ଦେଇହେବ ନାହିଁ, ଗୋଟେ ଇନଷ୍ଟାଲମେଣ୍ଟ ପାଇଲା ପରେ ଲୋକେ ବାହାରକୁ ଚାଲିଯାଉଛନ୍ତି। ଘର ପାଇଁ ବାଲି, ଇଟା, ସିମେଣ୍ଟ ଅବଶ୍ୟକ ସେଥିପାଇଁ ଅଧିକାରୀ କାମ କରୁଛନ୍ତି। ଆଗାମୀ ଦିନରେ ସମସ୍ତଙ୍କୁ ସାମିଲ କରି କାମ କରିବୁ ବୋଲି ମନ୍ତ୍ରୀ କହିଛନ୍ତି। ବିଗତ ଦିନରେ ଆମେ ୨୮ ଲକ୍ଷ ଘର ଦେଇଥିଲୁ। ନୂତନ ଭାବେ ୩୮ ଲକ୍ଷ ଘର ପଞ୍ଜିକୃତ ହୋଇଛି । କେନ୍ଦ୍ର ସରକାରଙ୍କ ଠାରୁ ୧ ଲକ୍ଷ ୨୦ ହଜାର ଘର ପାଇଥିଲୁ । ୨୮ ହଜାର ଘର ସମ୍ପୂର୍ଣ୍ଣ ହେବାକୁ ଯାଉଛି । ୨୦ ହଜାର ସମ୍ପୂର୍ଣ୍ଣ ହୋଇସାରିଛି। ୨୦୨୫-୨୬ରେ ୪ ହଜାର ଘର ଆମର ଆଚିଭମେଣ୍ଟ । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆମେ ୧ ଲକ୍ଷ ୬୮ ହଜାର ଲୋକଙ୍କୁ ଘର ଦେଇଛୁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷ ୨୦ ହଜାର ଘର ଆମେ ଦେଇଛୁ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

# ନିର୍ବାଚନ ପରିଚାଳନା ନେଇ ୱାର୍ସା ବିଶ୍ୱବିଦ୍ୟାଳୟରେ ଓଡ଼ିଶା ପ୍ରତିନିଧି ଦଳଙ୍କ ଆଲୋଚନା



**ଭୁବନେଶ୍ୱର, ୧୧।୧୨ ନ୍ୟୁଜ ବ୍ୟୁରୋ**
ପୋଲାଣ୍ଡ ଗସ୍ତରେ ଥିବା ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରତିନିଧିମଣ୍ଡଳରେ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଏକ ପ୍ରତିନିଧି ଦଳ ଗୁରୁବାର ୱାର୍ସା ବିଶ୍ୱବିଦ୍ୟାଳୟରେ ନିର୍ବାଚନ ପରିଚାଳନା ନେଇ ଆଲୋଚନା କରିଛନ୍ତି । ଉଭୟ ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ନିର୍ବାଚନ ପରିଚାଳନା ବିଷୟବସ୍ତୁ ନେଇ ଆଲୋଚନା କରିଥିଲେ।
ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ଓ ଅନ୍ତର୍ଜାତୀୟ ଅଧ୍ୟୟନ ବିଭାଗର ଡିନ୍ ଏବଂ ପ୍ରଫେସରମାନେ ପୋଲାଣ୍ଡର ନିର୍ବାଚନ ପ୍ରଣାଳୀ ବିଷୟରେ ପ୍ରତିନିଧିମଣ୍ଡଳକୁ ସୂଚନା ଦେଇଥିଲେ। ପ୍ରତିନିଧିମଣ୍ଡଳର ସଦସ୍ୟମାନେ ଭାରତୀୟ ନିର୍ବାଚନ ପ୍ରଣାଳୀର ଏକ ତୁଳନାତ୍ମକ ସାରାଂଶ ଉପସ୍ଥାପନ କରିଥିଲେ। ଏହାର ବିବିଧତା ଏବଂ ଅନନ୍ୟ ସଂଘୀୟ ଗଠନ ଉପରେ ଆଲୋକପାତ କରିଥିଲେ। ପ୍ରତିନିଧି ଦଳ ସାମ୍ବିଧାନିକ ଢାଞ୍ଚା ବିଷୟରେ ବିସ୍ତୃତ ଭାବରେ କହିଥିଲେ। ସଂସଦ, ରାଜ୍ୟ ବିଧାନସଭା ପାଇଁ ଜାତୀୟ ଏବଂ ରାଜ୍ୟ ନିର୍ବାଚନ ଆୟୋଗ ନିର୍ବାଚନ ପରିଚାଳନା କରି ଜାତୀୟ ଏବଂ ଆଞ୍ଚଳିକ ସ୍ତରରେ ଗଣତାନ୍ତ୍ରିକ ଆକାଂକ୍ଷାକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିଥାଏ ବୋଲି କହିଥିଲେ। ଅତିରିକ୍ତ ସଚିବ ଏବଂ ଜାତୀୟ ସ୍ତରୀୟ ମାଷ୍ଟର ଟ୍ରେନର ଶତ୍ରୁଘ୍ନ କର ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକ୍ସନ ମ୍ୟାନେଜମେଣ୍ଟର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଯାହା ନିର୍ବାଚନ ଅଧିକାରୀଙ୍କ ଦକ୍ଷତାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଜାତୀୟ ଜ୍ଞାନ ଆଦାନ ପ୍ରଦାନକୁ ସହଜ କରିବା ପାଇଁ ଏକ ପ୍ରମୁଖ ପ୍ରତିଷ୍ଠାନ ଭାବରେ ଉଭା ହୋଇଛି ବୋଲି କହିଥିଲେ । ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ନିର୍ବାଚନୀ ଅଖଣ୍ଡତା ବଜାୟ ରଖିବା, ସ୍ୱଚ୍ଛତା ବୃଦ୍ଧି କରିବା ଏବଂ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ଭୋଟରଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଗ୍ରହଣ କରାଯାଇଥିବା ଦୃଢ଼ ପଦକ୍ଷେପ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ପ୍ରତିନିଧି ମଣ୍ଡଳରେ ଶ୍ରୀ କରଙ୍କ ସହିତ ଅତିରିକ୍ତ ସଚିବ ଏବଂ ଜାତୀୟ ସ୍ତରୀୟ ମାଷ୍ଟର ଟ୍ରେନର ପ୍ରମୋଦ କୁମାର ସାହୁ, ଖୋର୍ଦ୍ଧା ଜିଲ୍ଲା ନିର୍ବାଚନ ଅଧିକାରୀ ଅମ୍ରିତ ଋତୁରାଜ, ଭୁବନେଶ୍ୱର ଉପଜିଲ୍ଲାପାଳ ମନୋରଞ୍ଜନ ସାହୁ ଏବଂ ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍ ସ୍ତରୀୟ ଅଧିକାରୀ ଚିନ୍ମୟ କୁମାର ସିଠ ପ୍ରତିନିଧି ଦଳରେ ରହିଛନ୍ତି।

## ପୁରୀ ଜିଲ୍ଲାର ୩ ବେଳାଭୂମି ହେବ 'ବ୍ଲୁଫ୍ଲାଗ୍ ବିଚ୍'

# ପୀରଜାହାନିଆ, ବେଲେଶ୍ୱର, ଫୁଲପାଟଣା ପାଇଁ ଡିପିଆର ମାଗିଲା ପୁରୀ ବନଖଣ୍ଡ କାର୍ଯ୍ୟାଳୟ

**ପୁରୀ,୧୧/୧୨ ନ୍ୟୁଜ ବ୍ୟୁରୋ**
ପୁରୀ ଜିଲ୍ଲାର ୩ ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ବିଚ୍‌ରେ ରୂପାନ୍ତର କରାଯିବ । ଏନେଇ ପ୍ରଶାସନିକ ପଦକ୍ଷେପ ନିଆଯାଇଛି । ଯାହା ମଧ୍ୟରେ ରହିଛି ଅସ୍ତରଙ୍ଗର ପୀରଜାହାନିଆ ବେଳାଭୂମି, ପୁରୀର ବେଲେଶ୍ୱର ବେଳାଭୂମି ଓ ଫୁଲପାଟଣା ପର୍ଯ୍ୟଟନ ବେଳାଭୂମି (ବାଲିଗୁଆଳି ଠାରୁ ସୈକତ ନିବାସ ବେଳାଭୂମି ପର୍ଯ୍ୟନ୍ତ)। ଏନେଇ ଆଗ୍ରହୀ ସଂସ୍ଥାଙ୍କ ଠାରୁ ଡିପିଆର୍ (ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ଆହ୍ୱାନ କରିଛି ପୁରୀ ବନଖଣ୍ଡ କାର୍ଯ୍ୟାଳୟ । ଆସନ୍ତା ୧୫ ତାରିଖ ଆବେଦନର ଶେଷ ସମୟ ରହିଛି। ଏହା ପରଦିନ ସମୀକ୍ଷା କରାଯାଇ ଚୂଡ଼ାନ୍ତ ଡିଜାଇନ ବଛାଯିବ। ପ୍ରକଳ୍ପିତ ସ୍ଥାନର ସର୍ଭେ, ଜମି ପରିମାଣ ସ୍ଥିର କରିବା, ପ୍ରକଳ୍ପର ଡିଜାଇନ, ଲକ୍ଷ୍ୟ, ବ୍ୟୟ ଅଟକଳ, ଆବଶ୍ୟକ ଅନୁମତି, ପରିବେଶ ପ୍ରଭାବ, ସୁରକ୍ଷା ଦୃଷ୍ଟିକୋଣ, ପର୍ଯ୍ୟଟକଙ୍କ ଆଗମନ ଆକଳନ, ରାଜସ୍ୱ ଆୟ ଆକଳନ ପ୍ରଭୃତିକୁ



ଭିତ୍ତିକରି ଉତ୍କୃଷ୍ଟ ଡିପିଆର ଚୂଡ଼ାନ୍ତ ହେବ। ପୁରୀ ସହରର ମଙ୍ଗଳା ମୁହାଁଣ ଠାରୁ ବାଙ୍କିମୁହାଣ ଓ ଏଠାରୁ ପେଣ୍ଟକଟା ବେଳାଭୂମିକୁ ଉନ୍ନତୀକରଣ କରି ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବାକୁ ସରକାର ପାଣି ଭଳି ଟଙ୍କା ଖର୍ଚ୍ଚ କରୁଛନ୍ତି । ମାତ୍ର ପୁରୀ ଜିଲ୍ଲା ପ୍ରଶାସନ, ପୌରସଂସ୍ଥା, ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଆନ୍ତରିକତା ଅଭାବରୁ ଏହାର ଉତ୍ତମ ରକ୍ଷଣାବେକ୍ଷଣ ହୋଇପାରୁନି। ବିଶାଳ ଏହି ବେଳାଭୂମିରେ ପର୍ଯ୍ୟଟକଙ୍କ ନିମନ୍ତେ ପର୍ଯ୍ୟାପ୍ତ ଶୌଚାଳୟ, ପାନୀୟଜଳ ଭଳି ମୌଳିକ ସୁବିଧା ନାହିଁ। ବେଳାଭୂମିର ବସ୍ତିବାସିନ୍ଦାମାନେ ବେଳାଭୂମିରେ ମଳତ୍ୟାଗ କରୁଛନ୍ତି। ପୁରୀ ବେଳାଭୂମିର ଗାନ୍ଧିଘାଟ ସଂଲଗ୍ନ 'ବ୍ଲୁ-ଫ୍ଲାଗ ବିଚ୍' ଠାରୁ ବାଙ୍କିମୁହାଣ ବିଚ୍ ପର୍ଯ୍ୟନ୍ତ ଅଞ୍ଚଳକୁ ଛାଡ଼ିଦେଲେ ବାକି ବେଳାଭୂମି ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଛି । ବେଳାଭୂମିରୁ ପ୍ରାକୃତିକ ଗଛଲତା ଓ ସୌନ୍ଦର୍ଯ୍ୟକୁ ନଷ୍ଟ କରି ବିଭିନ୍ନ ପ୍ରକାର କଂକ୍ରିଟ ନିର୍ମାଣ ବଢ଼ି ଚାଲିଛି । ସେପଟେ ପ୍ରକଳ୍ପିତ ଅସ୍ତରଙ୍ଗର ପୀରଜାହାନିଆ ବେଳାଭୂମୀ, ପୁରୀର ବେଲେଶ୍ୱର ବେଳାଭୂମୀ ଓ ଫୁଲପାଟଣା ପର୍ଯ୍ୟଟନ ବେଳାଭୂମିକୁ ଭଲ ରାସ୍ତା ନାହିଁ । ଆଲୋକୀକରଣ, ପାନୀୟଜଳ, ଶୌଚାଳୟ ଭଳି ମୌଳିକ ସୁବିଧା ନାହିଁ। ଏହି ସ୍ଥାନରେ ୨୪ଘଣ୍ଟିଆ ପୁଲିସ ସୁରକ୍ଷା କିମ୍ବା ଫାଣ୍ଡି ବ୍ୟବସ୍ଥା ନାହିଁ । ପର୍ଯ୍ୟଟକମାନେ ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ଶିକାର ହେଲେ କଷ୍ଟ ପାଉଛନ୍ତି । ବେଳାଭୂମିକୁ ଉତ୍ତମ ଭାବେ ସଫେଇ କରାଯାଉନି । ଏସବୁ ସମସ୍ୟାକୁ ସମାଧାନ କରିବାକୁ ପ୍ରଶାସନ ଦୃଷ୍ଟି ନଦେଲେ ବହୁ କୋଟି ବ୍ୟୟରେ ବ୍ଲୁ-ଫ୍ଲାଗ୍ ବିଚ୍ କରିବାକୁ ହୋଇଥିବା ଯୋଜନା ବିଫଳ ହେବ। ଯାହାକୁ ନେଇ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏନେଇ ପରିବେଶବିତ୍ ସରୋଜ ଜେନା କହିଛନ୍ତି, ଏହି ୩ ବେଳାଭୂମିର କିଛି ଅଂଶକୁ ନେଇ ବ୍ଲୁ-ଫ୍ଲାଗ୍ ବିଚ୍ କରାଯିବା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଏହି ଅଞ୍ଚଳର ବିକାଶ ହେବ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ । ମାତ୍ର ଏହା ପୂର୍ବରୁ ପୀରଜାହାନିଆ ବେଳାଭୂମିରେ ଯାତ୍ରୀଙ୍କ ନିମନ୍ତେ ମୌଳିକ ସୁବିଧା କରାଯାଉ। ବେଲେଶ୍ୱର ବେଳାଭୂମିକୁ ପହଞ୍ଚିବା ନିମନ୍ତେ ନଷ୍ଟ ହୋଇପଡ଼ିଥିବା ରାସ୍ତା ମରାମତି କରାଯାଉ। ଏଠାକୁ ଭଲ ଭାବେ ସଫେଇ କରାଯାଉ । ବନ ବିଭାଗର ସୈତକ ନିବାସ ଠାରୁ ଫୁଲପାଟଣା ବେଳାଭୂମିରେ ପହଞ୍ଚିବା ନିମନ୍ତେ ଯାତ୍ରୀଙ୍କ ଗାଡ଼ିକୁ ଛଡ଼ାଯାଉ। ସେମାନଙ୍କୁ ଗେଟ୍ ପାସ୍ ଓ ବ୍ୟାଟେରିଗାଡ଼ି କରିବା ନିମନ୍ତେ ଆଦାୟ କରାଯାଉଥିବା ମୋଟା ଅଙ୍କର ଶୁଳ୍କ ଛାଡ଼ କରାଯାଉ। ସର୍ବୋପରି ବନ୍ୟ ପ୍ରାଣୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ । ଏଠାରେ ବହୁ ସଂଖ୍ୟାରେ ହରିଣ ରହିଛନ୍ତି । ତେଣୁ ପର୍ଯ୍ୟଟକଙ୍କ ପରିଦର୍ଶନ ନିମନ୍ତେ ଡିଅର ପାର୍କ କରାଯାଉ। ବେଳାଭୂମିକୁ ସଂଲଗ୍ନ କରୁଥିବା ସମସ୍ତ ରାସ୍ତାକୁ ଆଲୋକୀକରଣ କରାଯାଉ । ପ୍ରକଳ୍ପ କରିବା ପୂର୍ବରୁ ଏସବୁକୁ ଧ୍ୟାନ ନଦେଲେ ସରକାରଙ୍କ ଲକ୍ଷ୍ୟ ବିଫଳ ହେବ । କୋଟି କୋଟି ଟଙ୍କା ପାଣିରେ ପଡ଼ିବ।